

# ଜଗନ୍ନାଥ ଏକ୍ସପ୍ରେସ୍
JAGANNATH EXPRESS



ବର୍ଷ- ୧୧ ସଂଖ୍ୟା-୨୩୦ ଭୁବନେଶ୍ୱର ବୁଧବାର, ଅପ୍ରେଲ୍ ୩୦.୨୦୨୫ ପୃଷ୍ଠା - ୮ ମୂଲ୍ୟ : ୨.୦୦/- Vol.11 . No.220 Bhubaneswar, Wednesday, April 30, 2025


# ଆକ୍ରମଣ ପାଇଁ ସେନାକୁ ଅନୁମତି



ନୂଆଦିଲ୍ଲୀ, ୨୯/୩: ପ୍ରଧାନମନ୍ତ୍ରୀ ମୋଦୀଙ୍କ ବାସଭବନରେ ମଙ୍ଗଳବାର ସଂଧ୍ୟାରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ବୈଠକ ଶେଷ ହୋଇଛି। ପାକିସ୍ତାନକୁ ଜବାବ ଦେବାକୁ ଏହି ବୈଠକରେ ଭାରତର ତିନି ସେନାକୁ ସଂପୂର୍ଣ୍ଣ ସ୍ୱାଧୀନତା ଦିଆଯାଇଛି । ସେନା ଆକ୍ରମଣର ଟାର୍ଗେଟ୍ ଓ ସମୟ ସ୍ଥିର କରିବ । ସୂତ୍ର ଅନୁସାରେ, ପ୍ରଧାନମନ୍ତ୍ରୀ ମୋଦୀ ସେନାକୁ ଫ୍ରି ହ୍ୟାଣ୍ଡ ଦେଇଛନ୍ତି। ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି, ଆମେ ଆତଙ୍କବାଦକୁ ଉଚିତ ଜବାବ ଦେବୁ। ଆକ୍ରମଣର ଲକ୍ଷ୍ୟ ଏବଂ ସମୟ ସେନା ଦ୍ୱାରା ସ୍ଥିର କରାଯିବା ଉଚିତ।' ମୋଦୀଙ୍କ ଏହି ଅନୁମତି ପରେ ପାକିସ୍ତାନ ଉପରେ କାର୍ଯ୍ୟାନୁଷ୍ଠାନ ଅବଶ୍ୟମ୍ଭାବୀ ହୋଇପଡ଼ିଛି । ତେବେ ସେନା ନିଜର ଯୋଜନା ଓ ସୁବିଧା ଅନୁସାରେ ଉଚିତ ସମୟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ । ଏହି ଉଚ୍ଚସ୍ତରୀୟ ବୈଠକରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ, ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ, ପ୍ରତିରକ୍ଷା ମୁଖ୍ୟ (ସିଡିଏସ) ଜେନେରାଲ ଅନିଲ ଚୌହାନ ଏବଂ ତିନିଟି ସେବା - ସ୍ଥଳସେନା, ନୌସେନା ଏବଂ ବାୟୁସେନାର ମୁଖ୍ୟମାନେ ଯୋଗ ଦେଇଥିଲେ।

# ପିଲାଙ୍କ ଶିକ୍ଷା ପାଇଁ ଦିଆଯିବ 'ଯାଦୁପେଡି'



ଭୁବନେଶ୍ୱର, ୨୯/୪: ଆଜି ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଲୋକସେବା ଭବନ ଠାରେ ଶିଶୁ ବାଟିକା ପିଲା ମାନଙ୍କ ପାଇଁ ଉଦ୍ଦିଷ୍ଟ ଯାଦୁପେଡି ଦେଖିବା ସହିତ, ପିଲାମାନଙ୍କ ପାଇଁ ଏହାର ଉପଯୋଗୀତା ବିଷୟରେ ବୁଝିଥିଲେ। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଶ୍ରୀମତୀ ଶାଳିନୀ ପଣ୍ଡିତ ଯାଦୁପେଡି ଭିତରେ ଥିବା ବିଭିନ୍ନ ସାମଗ୍ରୀ ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ମୁଖ୍ୟମନ୍ତ୍ରୀ ଏହି ପେଡି ଭିତରେ ଥିବା ସାମଗ୍ରୀ ଦେଖି ଖୁସି ବ୍ୟକ୍ତ କରି କହିଥିଲେ, ଛୋଟ ଛୋଟ ପିଲାମାନେ ନିଜ ପାରିପାର୍ଶ୍ୱିକ ଅଂଚଳରେ ବ୍ୟବହାର୍ଯ୍ୟ ସାମଗ୍ରୀ ଓ ଏହାର ଉପଯୋଗୀତା ବିଷୟରେ ଏହି ଯାଦୁପେଡିରେ ଥିବା ଖେଳନାରୁ ଶିଖି ପାରିବେ। ଶିଶୁ ମାନଙ୍କୁ ଏହି ଯାଦୁପେଡ଼ିର ଖେଳନା ଗୁଡିକ ଶିଖିବା ସହିତ ପାଠ ପ୍ରତି ମଧ୍ୟ ଆକର୍ଷିତ କରିବ। ସୂଚନାଯୋଗ୍ୟ ଯେ, ନୂତନ ଶିକ୍ଷା ନୀତି ୨୦୨୦ ଅନୁଯାୟୀ ଛୋଟ ଛୋଟ ପିଲାମାନଙ୍କ ପାଇଁ ଏହି ଯାଦୁପେଡିର ପରିକଳ୍ପନା କରାଯାଇଛି। ଏହାକୁ ଏନସିଇଆରଟି ଦ୍ୱାରା ପ୍ରସ୍ତୁତ କରାଯାଇଛି। ଶିଶୁ ବାଟିକା, ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ପିଲାମାନଙ୍କ ପାଇଁ ଏହି କିଟ୍ ପ୍ରଦାନ କରାଯିବ। ପ୍ରତ୍ୟେକ କିଟ୍ ପାଇଁ ପ୍ରାୟ ୨୦ ହଜାର ଟଙ୍କା ଖର୍ଚ୍ଚ କରାଯାଇଛି। ରାଜ୍ୟର ୪୫ ହଜାର ସ୍କୁଲରେ ଏହାକୁ ଆବଣ୍ଟିତ କରାଯିବ ଏବଂ ସମୁଦାୟ ୯୦ କୋଟି ଟଙ୍କା ଖର୍ଚ୍ଚ ହେବ।

# ଶ୍ରମିକଙ୍କ ଦୈନିକ ମଜୁରୀ ୧୦ ଟଙ୍କା ବଢିଲା

ଭୁବନେଶ୍ୱର, ୨୦/୪: ଶ୍ରମିକଙ୍କ ସର୍ବନିମ୍ନ ଦୈନିକ ମଜୁରୀ ୧୦ ଟଙ୍କା ବୃଦ୍ଧି ପାଇଲା । ସରକାର ରାଜ୍ୟରେ ଶ୍ରମିକଙ୍କ ଦରମା ବୃଦ୍ଧି କରିଛନ୍ତି । ଅଣକୁଶଳୀ ଶ୍ରମିକଙ୍କ ଦୈନିକ ମଜୁରୀ ୪୫୨ରୁ ୪୬୨ ଟଙ୍କାକୁ ବୃଦ୍ଧି ପାଇଥିବାବେଳେ ଅର୍ଦ୍ଧକୁଶଳୀ ଶ୍ରମିକଙ୍କ ଦୈନିକ ମଜୁରୀ ୫୦୨ରୁ ୫୧୨ ଟଙ୍କାକୁ ବୃଦ୍ଧି ପାଇଛି । ସେହିଭଳି କୁଶଳୀ ଶ୍ରମିକଙ୍କ ଦୈନିକ ମଜୁରୀ ୫୫୨ରୁ ୫୬୨ ଟଙ୍କାକୁ ବୃଦ୍ଧି ପାଇଥିବାବେଳେ ଉଚ୍ଚକୁଶଳୀ ଶ୍ରମିକଙ୍କ ଦୈନିକ ମଜୁରୀ ୬୦୨ରୁ ୬୧୨ ଟଙ୍କାକୁ ବୃଦ୍ଧି ପାଇଛି । ଏହି ବର୍ଦ୍ଧିତ ମଜୁରୀ ପିଛିଲା ଭାବେ ଏପ୍ରିଲ ପହିଲାରୁ ଲାଗୁ ହେବ ।

# ଆଜି ଚାଷୀଙ୍କୁ ମିଳିବ ସିଏମ୍ କିଷାନ ଟଙ୍କା



ଭୁବନେଶ୍ୱର, ୨୯/୫: ଆଉ ମିଳିବନି କାଳିଆ ଟଙ୍କା! ଓଡ଼ିଶାରେ ନୂଆ ସରକାର ଗଠନ ପରେ ଏହାକୁ ବନ୍ଦ କରି ନୂଆ ଯୋଜନା ମଧ୍ୟ ଲାଗୁ କରାଯାଇଛି । ଅର୍ଥାତ୍ ଏଥର ଆଉ କୃଷକମାନଙ୍କୁ କାଳିଆ ଟଙ୍କା ମିଳିବନି, ବରଂ ତା ବଦଳରେ ସିଏମ୍ କିଷାନ ଯୋଜନା ଅଧୀନରେ ଟଙ୍କା ମିଳିବ । ଆସନ୍ତାକାଲି ଚାଷୀଙ୍କୁ ମିଳିବ ସିଏମ୍ କିଷାନ ଟଙ୍କା । ଅକ୍ଷ୍ୟ ତୃତୀୟାରେ ଟଙ୍କା ବାଣ୍ଟିବେ ମୁଖ୍ୟମନ୍ତ୍ରୀ । ୨ ହଜାର ଟଙ୍କା ଲେଖାଏଁ ପାଇବେ ଚାଷୀ । ୫୦ ଲକ୍ଷ ଚାଷୀଙ୍କ ଖାତାକୁ ଯିବ ୧ ହଜାର କୋଟି ଟଙ୍କା । ଯୋଜନାରେ ଚାଷୀଙ୍କୁ ୨ଟି କିସ୍ତିରେ ମିଳୁଛି ୪ ହଜାର ଟଙ୍କା । ନୂଆଖାଇ ଓ ଅକ୍ଷୟ ତୃତୀୟାରେ ଦୁଇଟି କିସ୍ତିରେ ୪ ହଜାର ଦେବେ ସରକାର । ସେହିପରି ପିଏମ କିଷାନ ଯୋଜନାରେ ବର୍ଷକୁ ୩ଟି କିସ୍ତିରେ ମିଳୁଛି ୬ ହଜାର ଟଙ୍କା ।




## ପବିତ୍ର ଅକ୍ଷୟ ତୃତୀୟା ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

କୃଷିଭିତ୍ତିକ ପର୍ବ ପବିତ୍ର ଅକ୍ଷୟ ତୃତୀୟା ତଥା କୃଷକ ଦିବସ ଅବସରରେ ରାଜ୍ୟବାସୀଙ୍କୁ, ବିଶେଷ କରି ଆମର ଚାଷୀ ଭାଇଭଉଣୀ ମାନଙ୍କୁ ମୋର ଶୁଭେଚ୍ଛା ଜଣାଉଛି । ଚାଷୀ ଭାଇଙ୍କ ଅକ୍ଷି ମୁଠି ଅନୁକୂଳ ଶୁଭଙ୍କର ହେଉ । ଚଳିତ ବର୍ଷ ଚାଷୀ ଭାଇଭଉଣୀମାନଙ୍କ ପାଇଁ ସୁଖ ଓ ସମୃଦ୍ଧିର ବର୍ଷ ହେଉ, ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ମୋର ପ୍ରାର୍ଥନା ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

DADLS-
OIPR- 15001/13/0611/2526


# ଜଷ୍ଟିସ୍ ବି.ଆର୍ ଗଭାଇ ପରବର୍ତ୍ତୀ ପ୍ରଧାନ ବିଚାରପତି ନିଯୁକ୍ତ, ନିଯୁକ୍ତି ପ୍ରଦାନ କଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ

## ମେ ୧୪ରୁ ପ୍ରଧାନ ବିଚାରପତି ଦାୟିତ୍ୱ ଗ୍ରହଣ କରିବେ ଜଷ୍ଟିସ୍ ଗଭାଇ



ନୂଆଦିଲ୍ଲୀ, ୨୯/୪: ଜଷ୍ଟିସ ଭୂଷଣ ରାମକୃଷ୍ଣ ଗଭାଇ ଭାରତର ପରବର୍ତ୍ତୀ ପ୍ରଧାନ ବିଚାରପତି (ସିଜେଆଇ) ନିଯୁକ୍ତ ହୋଇଛନ୍ତି। ଜଷ୍ଟିସ୍ ବି.ଆର୍ ଗଭାଇଙ୍କୁ ପରବର୍ତ୍ତୀ ପ୍ରଧାନ ବିଚାରପତି ଭାବେ ନିଯୁକ୍ତି ପ୍ରଦାନ କରିଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ସେ ମେ ୧୪ରୁ ପ୍ରଧାନ ବିଚାରପତି ଭାବେ ଦାୟିତ୍ୱ ଗ୍ରହଣ କରିବେ। ଜଷ୍ଟିସ ଭୂଷଣ ରାମକୃଷ୍ଣ ଗଭାଇଙ୍କ କାର୍ଯ୍ୟକାଳ ସୀମିତ ସମୟ ପାଇଁ ରହିବ। ୬ ମାସ ପରେ ନଭେମ୍ବରରେ ସେ ଅବସରଗ୍ରହଣ କରିବେ। ଜଷ୍ଟିସ କେଜି ବାଲାକୃଷ୍ଣଙ୍କ ପରେ ଦ୍ୱିତୀୟ ଦଳିତ ବିଚାରପତି ଭାବେ ସେ ଦେଶର ପ୍ରଧାନ ବିଚାରପତି ହେବାକୁ ଯାଉଛନ୍ତି। ଜଷ୍ଟିସ ଗଭାଇଙ୍କ ଶପଥର ଦିନକ ପୂର୍ବରୁ ମେ' ୧୩ରେ ବର୍ତ୍ତମାନର ସିଜେଆଇ ସଞ୍ଜୀବ ଖାନ୍ନା ଅବସରଗ୍ରହଣ କରିବେ। ମହାରାଷ୍ଟ୍ର ଅମରାବତୀର ଜଷ୍ଟିସ ଗଭାଇ ୧୯୮୫ରେ ଓକିଲ ସଂଘରେ ସାମିଲ ହୋଇଥିଲେ। ସେ ଓକିଲ ତଥା ପୂର୍ବତନ ଆଡଭୋକେଟ ଜେନେରାଲ ଏବଂ ମହାରାଷ୍ଟ୍ର ହାଇକୋର୍ଟର ପୂର୍ବତନ ବିଚାରପତି ରାଜା ଭୋସଁଲେଙ୍କ ସହ କାମ କରିଥିଲେ। ପରେ ୧୯୮୭ରୁ ୧୯୯୦ ପର୍ଯ୍ୟନ୍ତ ସେ ସ୍ୱାଧୀନ ଭାବେ ଓକିଲାତି କରିଥିଲେ। ୧୯୯୨ ଅଗଷ୍ଟରେ ତାଙ୍କୁ ଅତିରିକ୍ତ ସରକାରୀ ଓକିଲ, ୨୦୦୩ରେ ହାଇକୋର୍ଟର ଅତିରିକ୍ତ ବିଚାରପତି ଏବଂ ୨୦୦୫ରେ ସ୍ଥାୟୀ ବିଚାରପତି ନିଯୁକ୍ତ କରା ଯାଇଥିଲା। ଜଷ୍ଟିସ ଗଭାଇ ୨୦୧୯ରେ ସୁପ୍ରିମକୋର୍ଟକୁ ପଦୋନ୍ନତି ପାଇଥିଲେ। ସେ ସର୍ବୋଚ୍ଚ ନ୍ୟାୟାଳୟର ବିଭିନ୍ନ ଖଣ୍ଡପୀଠରେ ସାମିଲ ହୋଇ ଅନେକ ଐତିହାସିକ ରାୟ ଶୁଣାଇଛନ୍ତି।

# ଲୋକ ଓ ଗାଡ଼ି ବିଏମ୍‌ସିର, ଟଙ୍କା ନେଉଛି ଠିକାସଂସ୍ଥା

## ବିଏମ୍‌ସି ପରିଚାଳନା ବେଳେ ଖର୍ଚ୍ଚ ଥିଲା ୫୫ କୋଟି, ଏବେ ଦୁଇଗୁଣା



ଭୁବନେଶ୍ୱର: ମାନବ ସମ୍ବଳ ଓ ଗାଡ଼ି ଭୁବନେଶ୍ୱର ମହାନଗର ନିଗମର। ପ୍ରତି ୱାର୍ଡରେ ସୁପରଭାଇଜର, ସ୍ୱଚ୍ଛସାଥୀ ଆଦିଙ୍କୁ ମିଶାଇ ୬ଜଣଙ୍କୁ ନିଯୁକ୍ତି ସହ ଦରମା ଦେଉଛି ବିଏମ୍‌ସି। କିନ୍ତୁ ଘରକୁ ଘର ବୁଲି ଅଳିଆ ସଂଗ୍ରହ ପାଇଁ ଟଙ୍କା ନେଉଛି ଠିକାସଂସ୍ଥା। ଏହାକୁ କର୍ପୋରେଟରମାନେ ବିରୋଧ କରୁଥିଲେ ବି ଭୁବନେଶ୍ୱର ମହାନଗର ନିଗମ କର୍ତ୍ତୃପକ୍ଷ ଶୁଣିବାକୁ ନାରାଜ। ଓଲଟା ବର୍ଜ୍ୟ ସଂଗ୍ରହରେ ନିୟୋଜିତ ଏନ୍‌ଜିଓର ଚୁକ୍ତି ଶେଷ ପରେ ପୁଣି ନୂଆ ଏଜେନ୍ସି ଓ ଏନ୍‌ଜିଓଙ୍କୁ ବର୍ଜ୍ୟ ସଂଗ୍ରହ ଦାୟିତ୍ୱ ଦିଆଯାଇଛି। ଭୁବନେଶ୍ୱର ମହାନଗର ନିଗମ ଯେବେ ବର୍ଜ୍ୟ ସଂଗ୍ରହ ଦାୟିତ୍ୱ ବୁଝୁଥିଲା, ସେବେ ଏହାର ଖର୍ଚ୍ଚ ଥିଲା ପ୍ରାୟ ୫୫ କୋଟି। କିନ୍ତୁ ଏନ୍‌ଜିଓ ଓ ଠିକା ସଂସ୍ଥା ଏହି ଦାୟିତ୍ୱ ନେବା ପରେ ଏହି ଖର୍ଚ୍ଚ ପ୍ରାୟ ୧୨୫ କୋଟି ଟଙ୍କାରେ ପହଞ୍ଚିଲାଣି। ଲୋକ ଓ ଗାଡ଼ି ବିଏମ୍‌ସିର ହୋଇଥିବାରୁ ଠିକାସଂସ୍ଥାକୁ କାହିଁକିଏତେ ଟଙ୍କା ଦିଆଯିବ ବୋଲି କର୍ପୋରେଟରମାନେ ପ୍ରଶ୍ନ ଉଠାଇଛନ୍ତି। ଗତ କର୍ପୋରେସନ୍ ବୈଠକରେ ବି ଏହାକୁ କେନ୍ଦ୍ର କରି ପ୍ରବଳ ହଟ୍ଟଗୋଳ ଦେଖିବାକୁ ମିଳିଥିଲା। ତୁରନ୍ତ ଏଜେନ୍ସି ଓ ଏନ୍‌ଜିଓ ପ୍ରୀତି ବନ୍ଦ କରିବାକୁ ଦାବି ହୋଇଥିଲା। ସରକାରୀ ତଥ୍ୟ ଅନୁଯାୟୀ, ଘରକୁ ଘର ପୃଥକ୍ ବର୍ଜ୍ୟବସ୍ତୁ ସଂଗ୍ରହ ପାଇଁ ବିଏମ୍‌ସି ଯେଉଁ ଏନ୍‌ଜିଓଙ୍କ ସହ ଚୁକ୍ତି କରିଥିଲା, ତାର ଅବଧି ଶେଷ ହୋଇଯାଇଛି। ଏଣୁ ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଅନୁମୋଦନକ୍ରମେ ୬୭ ୱାର୍ଡର ବର୍ଜ୍ୟ ସଂଗ୍ରହ ପାଇଁ ନୂଆ କରି ୬ଟି ପ୍ୟାକେଜ୍‌ରେ ଟେଣ୍ଡର ଆହ୍ୱାନ କରାଯାଇଥିଲା। ୬୭ଟି ୱାର୍ଡକୁ ୬ଟି ପ୍ୟାକେଜ୍‌ରେ ବିଭକ୍ତ କରି ଘରୁ ବର୍ଜ୍ୟ ସଂଗ୍ରହ ଓ ଆଇଇସି(ଜନସ୍ୱାସ୍ଥ୍ୟ ଓ ପରିମଳ) କାର୍ଯ୍ୟ ନିମନ୍ତେ ଘରୋଇ ସଂସ୍ଥା ଓ ଏନ୍‌ଜିଓ ନିଯୁକ୍ତି ପାଇଁ ଟେଣ୍ଡର(ପତ୍ର ସଂଖ୍ୟା-୪୦୪୯୭/ ୦୧.୦୬.୨୦୨୪) ଆହ୍ୱାନ କରାଯାଇଥିଲା। ଏଥିପାଇଁ ୯ଟି ସଂସ୍ଥା ଆବେଦନ କରିଥିଲେ। କଠିନ ବର୍ଜ୍ୟବସ୍ତୁ ପରିଚାଳନା ପ୍ରକଳ୍ପ ପରିଚାଳନା ୟୁନିଟ୍ ଦ୍ୱାରା ମୂଲ୍ୟାଙ୍କନ ଓ ମହାନଗର ନିଗମ ଆୟୁକ୍ତଙ୍କ ଅଧ୍ୟକ୍ଷତାରେ ଟେଣ୍ଡର କମିଟି ଦ୍ୱାରା ଯାଞ୍ଚ ପରେ ୬ଟି ସଂସ୍ଥା ଚୟନ କରାଯାଇଥିଲା। ପରେ ଟେଣ୍ଡର ଅନୁଯାୟୀ ଦ୍ୱିତୀୟ ପର୍ଯ୍ୟାୟ ମୂଲ୍ୟାଙ୍କନରେ ବୈଷୟିକ ଜ୍ଞାନ ଓ ଉପସ୍ଥାପନା ଆଧାରରେ ୧୦୦ ମାର୍କରୁ ୭୫ ମାର୍କ ରଖିଥିବା ୪ ସଂସ୍ଥା ବେସିକ୍ସ ମ୍ୟୁନିସିପାଲ୍ ୱେଷ୍ଟ ଭେନ୍‌ଚର୍ସ ଲିମିଟେଡ୍, ଜାଗୃତି ୱେଲ୍‌ଫେୟାର ଅର୍ଗାନାଇଜେସନ୍, ଫିଡ୍‌ବ୍ୟାକ ଫାଉଣ୍ଡେସନ୍ ଆଣ୍ଡ୍ ଚାରିଟେବଲ୍ ଟ୍ରଷ୍ଟ ଓ ବିକାଶ ନାମକ ସଂସ୍ଥାକୁ ତାଲିକାରେ ରଖାଯାଇଥିଲା। ପରେ ପ୍ରାଇସ୍ ବିଡ୍‌ରେ ବେସିକ୍ସ ମ୍ୟୁନିସିପାଲ୍ ୱେଷ୍ଟ ଭେନ୍‌ଚର୍ସ ଲିମିଟେଡ୍(୫.୫୦%), ଜାଗୃତି ୱେଲ୍‌ଫେୟାର ଅର୍ଗାନାଇଜେସନ୍(୫.୭୭%), ଫିଡ୍‌ବ୍ୟାକ୍ ଫାଉଣ୍ଡେସନ୍ ଆଣ୍ଡ୍ ଚାରିଟେବଲ୍ ଟ୍ରଷ୍ଟ(୪%) ଆଗରେ ରହିଥିଲେ। ଜାଗୃତି ୱେଲ୍‌ଫେୟାର ଅର୍ଗାନାଇଜେସନ୍ ରାଜି ନ ହେବାରୁ ବିକାଶ, ଫିଡ୍‌ବ୍ୟାକ୍ ଫାଉଣ୍ଡେସନ୍ ଆଣ୍ଡ୍ ଚାରିଟେବଲ୍ ଟ୍ରଷ୍ଟ, ବେସିକ୍ସ ମ୍ୟୁନିସିପାଲ୍ ୱେଷ୍ଟ ଭେନ୍‌ଚର୍ସ ଲିମିଟେଡ୍ ଓ ବିକାଶ ସଂସ୍ଥାକୁ ବର୍ଜ୍ୟ ପରିଚାଳନା ଦାୟିତ୍ୱ ଦେବାକୁ ଗତ ଏପ୍ରିଲ ୧୦ ତାରିଖରେ ଭୁବନେଶ୍ୱର ମହାନଗର ନିଗମ ଚୂଡ଼ାନ୍ତ(ପତ୍ର ସଂଖ୍ୟା-୧୮୩୮୮/୧୦.୦୪.୨୦୨୫) ନିଷ୍ପତ୍ତି ନେଇଛି। ୬ଟି ପ୍ୟାକେଜ୍‌ରୁ ପ୍ରତି ସଂସ୍ଥାକୁ ୨ଟି ଲେଖାଏ ପ୍ୟାକେଜ୍ ଦେବାକୁ ନିଷ୍ପତ୍ତି ହୋଇଛି। ଏନେଇ ୫୫ ନମ୍ବର ୱାର୍ଡର କର୍ପୋରେଟର ନୃପେଶ କୁମାର ନାୟକ କହିଛନ୍ତି, ଗତ ମାର୍ଚ୍ଚ ମାସ କର୍ପୋରେସନ୍ ବୈଠକରେ ଠିକାସଂସ୍ଥାକୁ ବର୍ଜ୍ୟ ସଂଗ୍ରହ ଦାୟିତ୍ୱ ଦେବା ନିଷ୍ପତ୍ତିକୁ ବିରୋଧ କରାଯାଇଥିଲା। ଗତ ୨୩ ତାରିଖ ବୈଠକରେ ବି ହୋହଲ୍ଲା ହୋଇଥିଲା। ଏହାକୁ ବନ୍ଦ କରିବାକୁ ଦାବି ହୋଇଥିଲା। ଠିକା ସଂସ୍ଥା ବଦଳରେ ନିଜେ ଭୁବନେଶ୍ୱର ମହାନଗର ନିଗମ ବର୍ଜ୍ୟ ସଂଗ୍ରହ ଦାୟିତ୍ୱ ବୁଝିବାକୁ କର୍ପୋରେଟରଙ୍କ ଦୃଢ଼ ଦାବି ସତ୍ତ୍ୱେ କର୍ତ୍ତୃପକ୍ଷ ନିଜ ଇଚ୍ଛା ମୁତାବକ ଠିକା ସଂସ୍ଥା ଚୟନ କରୁଛନ୍ତି। ଯାହା ଦୁର୍ନୀତିର ବାଟ ଖୋଲି ଦେଇଛି ବୋଲି ସେ ଅଭିଯୋଗ କରିଛନ୍ତି।

# ମାଫିଆଙ୍କ କବ୍‌ଜାରେ ନଦୀଶଯ୍ୟା

## ଭୀଷଣ ହେଲାଣି ଜଳ ଯନ୍ତ୍ରଣା ; ଦିନ ଦି'ପହରେ ଆଇନକୁ ଫୁଁ

ଭୁବନେଶ୍ୱର,୨୯/୪: ରାଜ୍ୟରେ ଅସହ୍ୟ ଗ୍ରୀଷ୍ମ ପ୍ରବାହ ଲାଗି ରହିଛି। ନଦୀନାଳଗୁଡ଼ିକର ଜଳସ୍ରୋତ ଶୁଖିଗଲାଣି। ଏହାର ପ୍ରଭାବ ଗ୍ରୀଷ୍ମ କଷ୍ଟକୁ ଦ୍ୱିଗୁଣିତ କରୁଛି। ଲୋକମାନଙ୍କଠାରୁ ଆରମ୍ଭ କରି ବନ୍ୟଜନ୍ତୁ ଓ ଗୃହପାଳିତ ପ୍ରାଣୀ ଜଳ ଯନ୍ତ୍ରଣାରେ ଜର୍ଜରିତ। ହେଲେ ଏହା ଭିତରେ ଆଉ ଏକ ସାଂଘାତିକ ଚିତ୍ର ପରିବେଶବିତ୍ ?ମାନଙ୍କୁ ଆନ୍ଦୋଳିତ କରୁଛି। ଲକ୍ଷ୍ୟ କରାଯାଉଛି ଯେ ରାଜ୍ୟର ପ୍ରମୁଖ ନଦୀଶଯ୍ୟାଗୁଡ଼ିକ ବାଲିମାଫିଆଙ୍କ କବଜାକୁ ଚାଲି ଗଲାଣି। ନଦୀସ୍ରୋତକୁ ସେମାନେ ନିୟନ୍ତ୍ରଣ କରିବା ସହିତ ଜଳ ଯନ୍ତ୍ରଣାକୁ ବହୁଗୁଣିତ କରୁଛନ୍ତି। ସ୍ଥାନୀୟ ପ୍ରଶାସନଠାରୁ ଆରମ୍ଭ କରି ରାଜ୍ୟ ପ୍ରଶାସନର ଛାମୁଆ ଅଧିକାରୀମାନେ ସବୁ ଜାଣୁଛନ୍ତି। ଅଥଚ ଦିନ ଦିପହରରେ ଘଟୁଥିବା ଏହି ଘଟଣାକୁ ଯେଉଁଭଳି ଢଙ୍ଗରେ ପ୍ରତିହତ କରିବା କଥା, ତାହା ଦେଖାଯାଉନାହିଁ। କିଛି କ୍ଷେତ୍ରରେ ମକଦ୍ଦମା ରୁଜୁ ହେଉଛି, ଜରିମାନା ଆଦାୟ ହେଉଛି। ହେଲେ ଏହାର ପ୍ରଭାବ ପଡୁନାହିଁ। ମାତ୍ର ୯ମାସର ଜରିମାନା ପରିମାଣ ଓ ମାମଲା ସଂଖ୍ୟାକୁ ଲକ୍ଷ୍ୟ କଲେ କେହି ବୁଝିପାରିବେ ଯେ ଏଭଳି ଷଡ଼ଯନ୍ତ୍ରର ଆକାର କେତେ ବିଶାଳ। ବାଲିଖାଦାନ କେଳେଙ୍କାରୀ ଏଭଳି ସ୍ତରରେ ପହଞ୍ଚିଛି ଯେ ଜିଲ୍ଲା ପ୍ରଶାସନ ଏହାକୁ ନିୟନ୍ତ୍ରଣ କରିବାରେ ଏକପ୍ରକାର ବିଫଳ ହୋଇଛି। ଦୀର୍ଘ ୧୫ବର୍ଷ ହେଲା ଲଘୁ ଖଣିଜ ସମ୍ପଦ ସୁପରିଚାଳନାକୁ ନେଇ ସରକାରୀ କଳରେ କେବଳ ପରୀକ୍ଷା ନିରୀକ୍ଷା ଚାଲିଛି। ଲଘୁ ଖଣିଜ କାରବାର ନିୟନ୍ତ୍ରଣ ପାଇଁ ଦିନାକେତେ ସରକାର ରାଜସ୍ୱ ବିଭାଗ ଅନ୍ତର୍ଗତ ତହସିଲକୁ ଦାୟିତ୍ୱ ଦେଇଥିଲେ। ସେଥିରେ ବିଶେଷ ସଫଳତା ମିଳିଲା ନାହିଁ ବୋଲି କହି ଖଣି ବିଭାଗ ହାତକୁ ଏ ଦାୟିତ୍ୱ ଟେକି ଦିଆଗଲା। ସ୍ଥିତି ନିୟନ୍ତ୍ରଣ ହେବା ପରିବର୍ତ୍ତେ ଅଧିକ ବିଗିଡ଼ିବାରୁ ନୂଆ ସରକାର ଏଥିରେ ଏକ ବଡ଼ ପରିବର୍ତ୍ତନ ଆଣିଛନ୍ତି। ପଞ୍ଚାୟତରାଜ ବିଭାଗ ବ୍ଲକ୍ ଓ ପଞ୍ଚାୟତଗୁଡ଼ିକୁ ଏହି ପ୍ରକ୍ରିୟାରେ ସାମିଲ କରିଛନ୍ତି। ତଥାପି ଲଘୁ ଖଣିଜ ସମ୍ପଦ ଅର୍ଥାତ୍ ବାଲି, ଗୋଡ଼ି, ପଥର, ମୋରମ୍ ଓ କଳାପଥର ଚୋରା କାରବାର ଏଯାଏଁ ନିୟନ୍ତ୍ରଣକୁ ଆସିପାରୁନାହିଁ। ଏମିତି ସ୍ଥିତିରେ ଆଉ ଏକ ଗମ୍ଭୀର ଚିତ୍ର ସାମନାକୁ ଆସିଛି। ଗ୍ରୀଷ୍ମ ଦିନରେ ନଦୀରେ ସାମାନ୍ୟ ଜଳ ପ୍ରବାହ ସଞ୍ଜୀବନୀ ଭଳି କାମ ଦିଏ। ଅଥଚ ନିଧଡ଼କ ଭାବେ ନଦୀର ଜଳସ୍ରୋତକୁ ରୋକି ବେଆଇନ ବାଲିଘାଟ ଚଳାଇଥିବା କାରଣରୁ ଜଳ ଯନ୍ତ୍ରଣାର ଭୀଷଣ ପ୍ରଭାବ ପଡ଼ିଲାଣି। ଏସବୁ ଅଞ୍ଚଳରୁ ମାଫିଆମାନେ ଶହ ଶହ କୋଟି ଟଙ୍କାର ବାଲି ଲୁଟ୍ କରୁଛନ୍ତି। ଏପରିକି ଚୋରା ବାଲି ରାଜ୍ୟ ଓ ବାହାର ରାଜ୍ୟକୁ ମଧ୍ୟ ପଠାଗଲାଣି। ସବୁଠାରୁ ବଡ଼ କଥା ହେଲା, ବାଲି ସୌରାତ



(ଘାଟ) ପରିଚାଳନା କ୍ଷେତ୍ରରେ ଖଣି, ପ୍ରଦୂଷଣ, ରାଜସ୍ୱ ଓ ପରିବହନ ନିୟମର ଖୋଲା ଉଲ୍ଲଂଘନ କରାଯାଉଛି। ତେବେ ସରକାର ଯେ ଚୁପ୍ ବସିଛନ୍ତି ତା' ନୁହେଁ। କାର୍ଯ୍ୟାନୁଷ୍ଠାନ ନିଆଯାଉଛି। ହେଲେ କୌଣସି ଅଦୃଶ୍ୟ ଶକ୍ତି ପ୍ରଭାବରେ ମାଫିଆମାନେ ଏତେ ପ୍ରଭାବଶାଳୀ ହୋଇଛନ୍ତି ଯେ ସରକାରଙ୍କୁ ଡରିବା ସ୍ଥିତିରେ ନାହାନ୍ତି। ସରକାରଙ୍କ ତଥ୍ୟ କହୁଛି, ରାଜ୍ୟରେ ଗତ ୨୦୨୪ ଜୁନ୍ ମାସଠାରୁ ୨୦୨୫ ମାର୍ଚ୍ଚ ମାସ ମଧ୍ୟରେ ବେଆଇନ ବାଲି ଚାଲାଣ ବାବଦରେ ୨୧ କୋଟି ୮୫ ଲକ୍ଷ ୨ ହଜାର ୪୩୭ ଟଙ୍କା ଜରିମାନା ଆଦାୟ ହୋଇଛି। ୧୨୧୭ଟି ମାମଲାରେ ୨୫୫୧ଟି ଗାଡ଼ି ଜବତ କରାଯାଇ ୪୮୩ ଜଣଙ୍କୁ ଗିରଫ କରାଯାଇଛି। ୨୦ଟି ଜିଲ୍ଲାରେ ଜରିମାନା ଆଦାୟ ହୋଇଛି। ସେଥିମଧ୍ୟରୁ ସୁବର୍ଣ୍ଣପୁର ଜିଲ୍ଲାରେ ସର୍ବାଧିକ ୯ କୋଟି ୨୫ ଲକ୍ଷ, କଳାହାଣ୍ଡିରେ ୨ କୋଟି ୬ ଲକ୍ଷ ୭୭ ହଜାର ୯୫୧, କେନ୍ଦୁଝରରେ ୨ କୋଟି ୫ ଲକ୍ଷ ୫୭ ହଜାର ୫୭୨, ଗଜପତିରେ ୧ କୋଟି ୭ ଲକ୍ଷ ୩ ହଜାର ୨୦୨ ଓ ବାଲେଶ୍ୱରରେ ୧ କୋଟି ୬ ଲକ୍ଷ ୯୭ ହଜାର ୮୭୯ ଟଙ୍କା ଜରିମାନା ଆଦାୟ ହୋଇଛି। ଏଥିରୁ ବାଲି କେଳେଙ୍କାରୀର ଆକାର କେତେ, ତାହା ଅନୁମେୟ। ଅନ୍ୟପଟେ ଏହି ରିପୋର୍ଟକୁ ନିରେଖି ଦେଖିଲେ ଜଣାପଡୁଛି ଯେ ବରଗଡ଼, ଭଦ୍ରକ, ବୌଦ୍ଧ, ଦେବଗଡ଼, ଗଞ୍ଜାମ, ଝାରସୁଗୁଡ଼ା, କନ୍ଧମାଳ, କେନ୍ଦ୍ରାପଡ଼ା, ନୟାଗଡ଼, ସମ୍ବଲପୁର ପ୍ରଭୃତି ୧୦ଟି ଜିଲ୍ଲାରେ ଜରିମାନା ଆଦାୟ କରାଯାଇନାହିଁ। ସେହିପରି ମାତ୍ର ୧୯ଟି ଜିଲ୍ଲାରେ ମାମଲା ରୁଜୁ କରାଯାଇଛି। ବାଲେଶ୍ୱର ଜିଲ୍ଲାରେ ୪୧୫ଟି, ମୟୂରଭଞ୍ଜରେ ୩୫୯ଟି ଏତଲା ହୋଇଛି। ୨୧ଟି ଜିଲ୍ଲାରେ ଗାଡ଼ି ଜବତ ହୋଇଛି। ବାଲେଶ୍ୱର ଜିଲ୍ଲାରେ ୫୮୩, ମୟୂରଭଞ୍ଜ ଜିଲ୍ଲାରେ ୪୩୭, ଗଜପତି ଜିଲ୍ଲାରେ ୨୯୮, କଳାହାଣ୍ଡି ଜିଲ୍ଲାରେ ୨୮୦ଟି ଗାଡ଼ି ଜବତ ହୋଇଛି। ବେଆଇନ ବାଲି ଚାଲାଣରେ ୧୨ ଜିଲ୍ଲାରେ ୪୮୩ ଜଣଙ୍କୁ ଗିରଫ କରାଯାଇଛି। ସେଥିମଧ୍ୟରୁ ବାଲେଶ୍ୱର ଜିଲ୍ଲାରୁ ସର୍ବାଧିକ ୨୧୪ ଜଣ ଏବଂ ମୟୂରଭଞ୍ଜ ଜିଲ୍ଲାରୁ ୧୧୪ ଜଣ ଅଛନ୍ତି। ସରକାର ଏ କ୍ଷେତ୍ରରେ କେବେ ଶୂନ ସହନଶୀଳ ନୀତି ଅବଲମ୍ବନ କରିବେ, ତା' ଉପରେ ଏବେ ସମସ୍ତଙ୍କ ନଜର ରହିଛି।

## ବସୁଧା ଯୋଜନା ଫେଲ୍
### ନାଳପାଣିରେ ମେଣ୍ଟୁଛି ଗ୍ରାମବାସୀଙ୍କ ଶୋଷ



ଘୁ.ଉଦୟଗିରି,୨୯/୪: ନାଳ ପାଣି ହିଁ ଭରଷା। ଲୋକଙ୍କୁ ମିଳୁନାହିଁ ପାନୀୟଜଳ। ବସୁଧା ଯୋଜନା ପାଇପ୍ ପଡ଼ିଛି। ହେଲେ ପାଣି ଆସୁନି। ଏହିଭଳି ଦୃଶ୍ୟ ଦେଖିବାକୁ ମିଳିଛି କନ୍ଧମାଳ ଜିଲ୍ଲା କ ନୂଆଗାଁ ବ୍ଲକ ବଣ୍ଡଗୁଡ଼ା ପଞ୍ଚାୟତ ତିନି ନମ୍ବର ୱାର୍ଡ଼ ଚଞ୍ଚଳାସାହି ବାମ୍ବାଡ଼ି ଗାଁରେ। ପାନୀୟଜଳ ଜଳ ସମସ୍ୟାକୁ ନେଇ ଅଭିଯୋଗ କରିଛନ୍ତି ଗ୍ରାମବାସୀ। ଦୀର୍ଘ ଦୁଇ ବର୍ଷରୁ ଉର୍ଦ୍ଧ୍ୱ ହେବ ଏଠାକାର ଗୋଟିଏ ସାହିର ଲୋକେ ନାଳ ପାଣି ବ୍ୟବହାର କରୁଥିବା ଦେଖିବାକୁ ମିଳିଛି। ଖରା, ବର୍ଷା ଦିନେ ପାନୀୟଜଳ ପାଇଁ ଅଞ୍ଚଳବାସୀ ନାହିଁନଥିବା ଅସୁବିଧାର ସମ୍ମୁଖିନ ହେଉଥିବା ଦେଖିବାକୁ ମିଳିଛି। ଖରା ଦିନେ ନାଳ ଚୁଆ ପାଣି ବ୍ୟବହାର କରୁଥିବା ବେଳେ ବର୍ଷା ଦିନେ ବହୁତ ଅସୁବିଧା ସମୁଖୀନ ହେଉଥିବା କହିଛନ୍ତି। ଅନ୍ୟ ପଟେ ଏହି ପାନୀୟଜଳ ଅସୁବିଧାକୁ ନେଇ ବାରମ୍ବାର ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଅଭିଯୋଗ କରିଥିଲେ ସୁଦ୍ଧା କେହି ଶୁଣୁନାହାନ୍ତି ବୋଲି କହିଛନ୍ତି। ସରକାର ପାନୀୟଜଳ ସୁବିଧା ପାଇଁ ଅନେକ ଯୋଜନା ପ୍ରସ୍ତୁତ କରନ୍ତି ସତ। କିନ୍ତୁ କେତେକ ସ୍ଥାନରେ ଆଜି ଚୂଆ ନାଳ ପାଣି ବ୍ୟବହାର କରୁଥିବା ଦେଖିବାକୁ ମିଳିଛି। ତେଣୁ ପ୍ରଶାସନ ଏଥିପ୍ରତି ସଠିକ ଦୃଷ୍ଟି ଆକର୍ଷଣ କରିବା ସହ ବାମ୍ବାଡ଼ିସାହିରେ ସୋଲାର ଟାଙ୍କି ନିର୍ମାଣ ପାଇଁ ପୂର୍ବତନ ସରପଞ୍ଚ କଣ୍ଟିଫୁଲ ପ୍ରଧାନ ଲାମ୍ବୁର ପ୍ରଧାନ ସୁଲୋଚନା ପ୍ରଧାନ, ଗୀତାଞ୍ଜଳି ପ୍ରଧାନ, ମାଳତୀ ପ୍ରଧାନ, ସୁକାନ୍ତି ପ୍ରଧାନ, ସୁଲେଖା ପ୍ରଧାନ, ଜାନକୀ ପ୍ରଧାନ ସମେତ ଗ୍ରାମବାସୀ ଦାବି କରିଛନ୍ତି।

## ଖାଦାନରେ ବୁଡ଼ି ମହିଳାଙ୍କ ମୃତ୍ୟୁ



ରାଉରକେଲା,୨୯/୪: ସୁନ୍ଦରଗଡ଼ ଜିଲ୍ଲା ଝିରିପାଣି ଥାନା ଅନ୍ତର୍ଗତ ଜଗଦା ନୀଳଶୈଳ କଲେଜ ନିକଟରେ ଥିବା ଏକ ଖଦାନରୁ ଆଜି ସକାଳେ ଜଣେ ମହିଳାଙ୍କ ଶବ ଉଦ୍ଧାର କରାଯାଇଛି। ମହିଳା ଜଣକ ଦଳପୋଷ ଅଞ୍ଚଳର ଗୀତା ବଡାଇକ୍ ବୋଲି ଜଣାପଡ଼ିଛି। ସୂଚନା ଅନୁସାରେ ଝିରିପାଣି ଥାନା ଅନ୍ତର୍ଗତ ଜଗଦା ନୀଳଶୈଳ କଲେଜ ନିକଟରେ ଥିବା ଏକ ଖଦାନରେ ଗାଧୋଉଥିବା ବେଳେ ଗୋଡ଼ ଖସି ଯିବାରୁ ଗୀତାଙ୍କ ମୃତ୍ୟୁ ହୋଇଥିବା କେତେକ କହୁଥିବା ବେଳେ ଅନ୍ୟ କେତେକ ଲୋକ ତାଙ୍କ ମୃତ୍ୟୁରେ ସନ୍ଦେହ ପ୍ରକାଶ କରିଛନ୍ତି। ଗୀତାଙ୍କ ସ୍ୱାମୀ ଅଟୋ ଚଳାଉ ଥିବା ବେଳେ ତାଙ୍କର ଏକ ୧୦ ବର୍ଷର ପୁଅ ଅଛି। କେଉଁ ପରୀପ୍ରେକ୍ଷୀରେ ଗୀତାଙ୍କ ମୃତ୍ୟୁ ହେଲା ପୁଲିସ୍ ତାର ତଦନ୍ତ କରୁଛି। ଏ ବାବଦରେ ଝିରିପାଣି ଥାନାରେ ଏକ ଅପମୃତ୍ୟୁ ମାମଲା ରଜ୍ଜୁ ହୋଇଛି। ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିସ୍ଥିତି ଦେଖାଯାଇଛି।

## ହଜାର ହଜାର ଗ୍ରାମବାସୀଙ୍କୁ ଦୁଃଖ ଦେଉଛି ବିଜୁ ସେତୁ

ରାଇରଙ୍ଗପୁର,୨୯/୪: ମୟୂରଭଞ୍ଜ ଜିଲ୍ଲା ବିଜୁସେତୁ ଯୋଜନା କାହା ସ୍ୱାର୍ଥରେ ? କାହା ସ୍ୱାର୍ଥରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଖଡ଼ଖାଇ ନଦୀ ଉପରେ ପୋଲ ନିର୍ମାଣ କଲା । କୋଟି କୋଟି ଟଙ୍କାର ପୋଲ ନିର୍ମାଣ ହେଲା କିନ୍ତୁ ଲୋକଙ୍କ କାମରେ ଆସୁନି। ବିଜେଡି ସରକାର ସମୟରେ ୪୦ରୁ ଅଧିକ ଗ୍ରାମବାସୀଙ୍କ ଦୁଃଖ ଦୂର କରିବାକୁ ନିର୍ମାଣ କରାଗଲା ବିଜୁ ସେତୁ କିନ୍ତୁ ଏହା ଲୋକଙ୍କ କାମରେ ଆସୁନି । ବିଭାଗୀୟ ଅଧିକାରୀଙ୍କ ଅପାରଗତା ପାଇଁ ୨୦୦ ମିଟର ପୋଲ ଏବଂ ରାସ୍ତାର ସଂଯୋଗ ହୋଇପାରୁନି। ଯାହା ଫଳରେ ୨ କି.ମି ବାଟ ବଦଳରେ ଲୋକେ ୧୫ କିଲୋମିଟର ବୁଲି ହନ୍ତସନ୍ତ ହେଉଛନ୍ତି । ବାରମ୍ବାର ଜିଲ୍ଲାପାଳଙ୍କ ଜନ ଅଭିଯୋଗ ଶୁଣାଣିରେ ଅଭିଯୋଗ ପରେ ମଧ୍ୟ ଫଳ ଶୂନ। ରାଇରଙ୍ଗପୁର ଅଁଳାଡୁବା ଦେଇ ରାଜ ରାଜପଥ ଭାୟା ସୁଲେଇପାଟ ଦେଇ ବିଶୋଇ ବ୍ଲକ ୪୯ ନମ୍ବର ଜାତୀୟ ରାଜପଥ ସଂଯୋଗ କରୁଥିବା ୪୦ରୁ ଉର୍ଦ୍ଧ ଗ୍ରାମବାସୀଙ୍କ ମୁଖ୍ୟ ଯାତାୟାତ ବିଚ୍ଛିନ୍ନ ହେଉଛି । ହନ୍ତସନ୍ତ ହୋଇ ବିପଦ ସଂକୁଳ ଅବସ୍ଥାରେ ପୋଲରେ ଲୋକେ ଯାତାୟାତ କରୁଛନ୍ତି । ଏଭଳି ଏକ ଦୃଶ୍ୟ ଦେଖିବାକୁ ମିଳିଛି ଆଦିବାସୀ ଅଧ୍ୟୁଷିତ ମୟୁରଭଞ୍ଜ ଜିଲ୍ଲା କୁସୁମୀ ବ୍ଲକ ଅନ୍ତର୍ଗତ ଭୁଟୁକାବାଦି ଗ୍ରାମପଞ୍ଚାୟତ ତାମୁଡିହା ଗ୍ରାମ ପାଖରେ ବହି ଯାଉଥିବା ଖଡ଼ଖଇ ନଦୀରେ। ଅଞ୍ଚଳବାସୀଙ୍କ ଅଭିଯୋଗ ଅନୁସାରେ ସ୍ୱାଧୀନତାର ୭୮ ବର୍ଷ ପରେ ୪୦ରୁ ଅଧିକ ଗ୍ରାମର ଦୁଃଖ ଦୂର କରିବାକୁ ୧୧ କୋଟି ଟଙ୍କା ବ୍ୟୟରେ ବିଜୁ ସେତୁ ନିର୍ମାଣ କରାଗଲା କିନ୍ତୁ ପୂର୍ବ



ସରକାରଙ୍କ ସମୟରେ ଦାୟିତ୍ୱହୀନ କାର୍ଯ୍ୟ ଓ ବିଭାଗୀୟ ଅଧିକାରୀଙ୍କ ଅପାରଗତା ପାଇଁ କୋଟି କୋଟି ଖର୍ଚ୍ଚ ପରେ ମଧ୍ୟ ଅଞ୍ଚଳବାସୀଙ୍କ ଦୁଃଖ ଦୂର ହୋଇପାରିଲାନି । ଅପରପକ୍ଷରେ ରାଇରଙ୍ଗପୁର ଅଁଳଡୁବାରୁ ରହଣିକୁଦର, ବୁଧିଆକୁଦର ଭରଣ୍ଡିଆ, ତାମୁଡ଼ିହା, ଦେଉଳି,ଶ୍ୟାମସୁନ୍ଦର, ଚଣ୍ଡିଦା, କୁମୁଡାଶୋଳ, ନିଶ୍ଚିନ୍ତପୁର, ଜାନୁମଗୁଟୁ, ମୟୂରଦର, ସୁଲେଇପାଟ, ନଗଳଶୀଳା, ଭାଲୁବସା ଉକାମ, କେଶରଗାଡ଼ିଆ ପ୍ରଭୃତି ଗ୍ରାମର ଲୋକେ ଭାୟା ସୁଲେଇପାଟ ଦେଇ ବିଶୋଇ ବ୍ଲକ ମଣଦା ୪୯ ନମ୍ବର ଜାତୀୟ ରାଜପଥ ମଧ୍ୟରେ ୪୦ରୁ ଅଧିକ ଗ୍ରାମର ହଜାର ହଜାର ଲୋକ ଏହି ପୋଲ ଉପରେ ନିର୍ଭର କରନ୍ତି। ମାତ୍ର ଦୈବୀ ଦୁର୍ବିପାକରେ ଆମ୍ବୁଲାନ୍ସ କିମ୍ବା ଅଗ୍ନିଶମ ବିଭାଗକୁ ୪୦ କି.ମି ରାସ୍ତା ଯିବା ପରିବର୍ତ୍ତେ ୬୦ କିଲୋମିଟର ବାଟ ବୁଲିକି ଉପଖଣ୍ଡର ମୁଖ୍ୟ ରାଇରଙ୍ଗପୁର ଯିବାକୁ ପଡୁଛି । ଏହା ବ୍ୟତୀତ ଛାତ୍ରଛାତ୍ରୀମାନଙ୍କୁ ଦୀର୍ଘ ୧୫ କି.ମି ଅଧିକ ବାଟ ଦେଇ ବିଦ୍ୟାଳୟକୁ ଯିବାକୁ ପଡୁଛି । ତେବେ ନିରାହ ଅଂଚଳବାସୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ବାରମ୍ବାର ଜିଲ୍ଲାପାଳଙ୍କ ଜନ ଅଭିଯୋଗ ଶୁଣାଣି ଶିବିରରେ ଅଭିଯୋଗ କରୁଥିଲେ ମଧ୍ୟ କେହି କର୍ଣ୍ଣପାତ କରୁନାହାନ୍ତି ।

## ଦୂଷିତ ଚୁଆପାଣି ମେଣ୍ଟାଉଛି ଶୋଷ

ରାଇରଙ୍ଗପୁର , ୨୯/୪: ମୟୂରଭଂଜ ଜିଲ୍ଲା ରାଇରଙ୍ଗପୁର ବ୍ଲକ୍ କୁଲେଇଶିଳା ଗ୍ରାମପଂଚାୟତର ଜାରିହିଲ୍ ଗ୍ରାମରେ ଜଳ ସଂକଟ ଦେଖାଦେଇଛି। ପିଇବା ପାଣି ଟୋପାଏ ପାଇଁ ମହିଳାମାନଙ୍କୁ ଘଣ୍ଟାଘଣ୍ଟା ସମୟ ଅପେକ୍ଷା କରିବାକୁ ପଡୁଛି। ଗ୍ରାମବାସୀଙ୍କଠାରୁ ପ୍ରକାଶ ଯେ ମୋଟ ୪ ଶହରୁ ଅଧିକ ଲୋକ ବାସ କରନ୍ତି। ତେବେ ୪ ଶହ ଜନସଂଖ୍ୟା ବିଶିଷ୍ଟ ଗ୍ରାମବାସୀଙ୍କ ମାତ୍ର ୩ ଗୋଟି ନଳକୂପ ଥିବା ବେଳେ ସେଥିମଧ୍ୟରୁ ୨ଟି ନଳକୂପରୁ ପାଣି ସହିତ ଜିଆ ଏବଂ ଅନ୍ୟାନ କୀଟପତଙ୍ଗ ବାହାରୁଥିବା ବେଳେ ବାକି ଆଉ ଗୋଟିଏ ନଳକୂପରୁ ଅଳିଆ ଆବର୍ଜନା ସହିତ ନାଳି ଗୋଳିଆ ପାଣି ବାହାରୁଛି। ଏହାବ୍ୟତୀତ ଦୁଇଟି ସୌରଶକ୍ତି ଚାଳିତ ପାନୀୟ ଜଳ ପ୍ରକଳ୍ପ ମଧ୍ୟ ୫ ବର୍ଷ ପୂର୍ବରୁ ନିର୍ମାଣ ହୋଇଥିଲା ତାହା ମଧ୍ୟରୁ ଗୋଟିଏ ପ୍ରକଳ୍ପ ମାସେ ବ୍ୟବହାର ନହେଉଣୁ ଅଚଳ ହୋଇ ପଡିରହିଥିବା ବେଳେ



ଅନ୍ୟ ଗୋଟିଏ ଦୂଷିତ ପାଣି ବାହାରୁଛି। ତେବେ ପାନୀୟ ଜଳ ସମସ୍ୟା ଦୂର କରିବା ପାଇଁ ବସୁଧା ଯୋଜନାରେ ୪ ବର୍ଷ ପୂର୍ବରୁ ଓଭରହେଡ୍ ପାଣି ଟାଙ୍କି ଦ୍ୱାରା ପାନୀୟ ଜଳ ଯୋଗାଣ ହେଉଥିଲା। ତାହା ମଧ୍ୟ ୧୦ ଦିନରୁ ଅଧିକ ହେଲାଣି ଅଚଳ ଅବସ୍ଥାରେ ରହିଛି। ଏହା ବ୍ୟତୀତ ମେଗା ପାନୀୟ ଜଳ ପ୍ରକଳ୍ପରେ ଦିନକୁ ଦୁଇଥର ପାଣି ଛଡ଼ା ଯାଇଥାଏ। ସେଥିରେ ମାତ୍ର ୨/୩ ଟି ପରିବାରକୁ ପାଣି ପହଞ୍ଚୁଥିବା ବେଳେ ଅନ୍ୟ ପରିବାରକୁ ପାଇପ ପାଣି ପହଞ୍ଚୁନାହିଁ। ଏନେଇ ଗ୍ରାମବାସୀ ବାରମ୍ବାର ବିଭାଗୀୟ ଅଧିକାରୀଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ, ଫଳରେ ଗ୍ରାମବାସୀମାନେ ପାନୀୟ ଜଳ ପାଇଁ ବାଧ୍ୟ ହୋଇ ଗ୍ରାମପାର୍ଶ୍ୱ ଦେଇ ପ୍ରବାହିତ ନାଳରେ ବାଲି ଦ୍ୱାରା ଚୁଆ କରି ପାଣି ନେଇଥାନ୍ତି। ସେହି ଚୁଆରୁ ଗ୍ରାମବାସୀଙ୍କ ସମେତ ଗୋରୁ, ଗାଇ, ଛେଳି, କୁକୁର ଏବଂ ଅନ୍ୟାନ ପଶୁ ପକ୍ଷୀ ମଧ୍ୟ ପାଣି ପିଇଥାନ୍ତି, ଯାହାଦ୍ୱାରା ଗ୍ରାମବାସୀମାନେ ଅଧିକାଂଶ ସମୟରେ ଝାଡ଼ାବାନ୍ତି ଭଳି ବିଭିନ୍ନ ମାରାତ୍ମକ ରୋଗର ଶିକାର ହୋଇଥାନ୍ତି। ବର୍ତମାନ ଗୋରୁମହିଷାଣୀ ଲୁହାଖଣିରୁ ଲୁହାପଥର ଗୁଣ୍ଡ, ମାଟି, ବାଲି ପ୍ରଭୃତି ଭାସି ଆସି ନାଳ ମଧ୍ୟ ଶୁଖିଯାଉଥିବାରୁ ନାଳରେ ଥିବା ଚୁଆରୁ ମଧ୍ୟ ପାଣି ବାହାରୁ ନଥିବାରୁ ନାଳରେ ଲମ୍ବା ଧାଡିକରି ଘନ୍ଟାଘନ୍ଟା ଧରି ମହିଳାମାନଙ୍କୁ ଅପେକ୍ଷା କରିବାକୁ ପଡୁଛି। ଏଣୁ ଯଥାଶୀଘ୍ର ପାନୀୟ ଜଳ ଯୋଗାଇ ଦିଆଯାଉ ବୋଲି ଗ୍ରାମବାସୀମାନେ ରାଇରଙ୍ଗପୁର ବିଭାଗୀୟ ଅଧିକାରୀଙ୍କୁ ଦାବି କରିଛନ୍ତି। ଏସମ୍ବନ୍ଧରେ ରାଇରଙ୍ଗପୁରସ୍ଥିତ ଜିଲ୍ଲା ଜଳ ଓ ପରିମଣ ବିଭାଗର ନିର୍ବାହୀ ଯନ୍ତ୍ରୀ ଦେବବ୍ରତ ଦାସଙ୍କ ସହିତ ଯୋଗାଯୋଗ କରିବାରୁ ଉକ୍ତ ବସୁଧା ପ୍ରକଳ୍ପରେ ବିଦ୍ୟୁତ୍ ସମସ୍ୟା ଦେଖା ଦେଇଥିଲା। ତାହା ଖୁବ୍ ଶୀଘ୍ର ମରାମତି କରିବାକୁ ଚେଷ୍ଟା ଜାରି ରହିଛି। ବିଦ୍ୟୁତ୍ ସମସ୍ୟା ଦୂର ହେଲେ ପାନୀୟ ଜଳ ଯୋଗାଣ ହେବ।

## ପାକିସ୍ତାନୀ ନାଗରିକ ରେଜିଆ ସୁଲତାନାଙ୍କ ଘରେ ସୋର ପୁଲିସ



ସୋର,୨୯/୪: ଏବେକାର ସବୁଠୁ ଚର୍ଚ୍ଚାର ବିଷୟ ପାଲଟିଥିବା ପାକିସ୍ତାନୀ ନାଗରିକ ରେଜିଆ ସୁଲତାନା ପ୍ରକୃତରେ ପାକିସ୍ତାନ ଫେରିବେ ନା ଭାରତରେ ରହିବେ ତାକୁ ନେଇ ସମସ୍ତଙ୍କ ମନରେ ଏକ ଦ୍ୱନ୍ଦ୍ୱ ଥିବା ବେଳେ ଆଜି ସକଳେ ସୋର ପୁଲିସ ରେଜିଆଙ୍କ ଘରକୁ ଯାଇଥିଲେ। ମାତ୍ର ସେଠାରେ ରେଜିଆ ନଥିବା ବେଳେ ପରିବାର ଲୋକଙ୍କ ସହ ଆଲୋଚନା କରି ଫେରିଥିବା ଜଣାପଡ଼ିଛି। ଆଜି ସକଳେ ସୋର ପୁଲିସ ରେଜିଆଙ୍କ ଘରକୁ ଯାଇଥିଲେ। ମାତ୍ର ସେଠାରେ ରେଜିଆ ନଥିବା ବେଳେ ପରିବାର ଲୋକଙ୍କ ସହ ଆଲୋଚନା କରି ଫେରିଥିବା ଜଣାପଡ଼ିଛି। ରେଜିଆ ତାଙ୍କ ପୁଅ ସହ ବାଲେଶ୍ୱର ଜିଲ୍ଲାପାଳଙ୍କୁ ଭେଟିବାକୁ ଯାଇଥିବା ବେଳେ ପ୍ରଶାସନ କେଉଁ ସିଦ୍ଧାନ୍ତରେ ଉପନୀତ ହେବ ତାକୁ ହିଁ ଅପେକ୍ଷା। ଏଣେ ରେଜିଆଙ୍କ ପରିବାର ସଦସ୍ୟ କହିଛନ୍ତି ଯେ ସେମାନଙ୍କର ପାକିସ୍ତାନ ସହ କୌଣସି ସଂପର୍କ ନାହିଁ, କି ସେଠାରେ କେଉଁଘର ଥିଲା, ତାହା ବି ଜାଣନ୍ତି ନାହିଁ। ରେଜିଆ ତାଙ୍କ ପୁଅ ସହ ବାଲେଶ୍ୱର ଜିଲ୍ଲାପାଳଙ୍କୁ ଭେଟିବାକୁ ଯାଇଥିବା ବେଳେ ପ୍ରଶାସନ କେଉଁ ସିଦ୍ଧାନ୍ତରେ ଉପନୀତ ହେବ ତାକୁ ହିଁ ଅପେକ୍ଷା। ଏଣେ ରେଜିଆଙ୍କ ପରିବାର ସଦସ୍ୟ କହିଛନ୍ତି ଯେ ସେମାନଙ୍କର ପାକିସ୍ତାନ ସହ କୌଣସି ସଂପର୍କ ନାହିଁ, କି ସେଠାରେ କେଉଁଘର ଥିଲା, ତାହା ବି ଜାଣନ୍ତି ନାହିଁ।

## ନବ ଦାସ ହତ୍ୟାକାଣ୍ଡ: କ୍ରାଇମ୍‌ବ୍ରାଞ୍ଚ ଡିଜିଙ୍କ ଗୁରୁତ୍ୱପୂର୍ଣ୍ଣ ସୂଚନା, ସାମନାକୁ ଆସୁଛି ନୂଆ କଥା

କଟକ,୨୯/୪: ନବ ଦାସ ହତ୍ୟାକାଣ୍ଡ ଘଟଣାରେ ସମସ୍ତ ସାକ୍ଷୀଙ୍କୁ ଦ୍ୱିତୀୟ ଥର ଜେରା କରିଛି କ୍ରାଇମ୍‌ବ୍ରାଞ୍ଚ। ଅଭିଯୁକ୍ତଙ୍କ କଲ୍ ଡିଟେଲ୍ ରେକର୍ଡ ଯାଞ୍ଚ କରାଯାଇଛି। ଯେଉଁମାନଙ୍କର ଏଥିରେ ନାଁ ବାହାରିଛି ସେମାନଙ୍କୁ ମଧ୍ୟ ପଚରାଉଚରା କରାଯାଉଛି। ପରିବାର ଲୋକେ ଯେଉଁ ଅଭିଯୋଗ ଆଣୁଛନ୍ତି, ସେ ଦିଗକୁ ମଧ୍ୟ କ୍ରାଇମ୍‌ବ୍ରାଞ୍ଚ ତଦନ୍ତ ପରିସରଭୁକ୍ତ କରିଛି। ନବ ଦାସ ହତ୍ୟା ମାମଲା ନେଇ କ୍ରାଇମ୍‌ବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ର ଗୁରୁତ୍ୱପୂର୍ଣ୍ଣ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ପରିବାର ଲୋକଙ୍କୁ ପଚରାଉଚରା କରାଯାଇଛି। ଯେଉଁ ଦିଗରେ ସେମାନେ କହିଛନ୍ତି, ପ୍ରତି ଦିଗକୁ ନେଇ ତଦନ୍ତ କରାଯାଉଛି। ସାକ୍ଷୀଙ୍କୁ ଦ୍ୱିତୀୟ ଥର ପଚରାଉଚରା କରାଯାଇଛି। କଲ୍ ଡିଟେଲରେ ଥିବା ବ୍ୟକ୍ତିଙ୍କୁ ମଧ୍ୟ ପଚରାଉଚରା କରାଯାଉଛି। ଯେଉଁମାନେ ଗୋପାଳ ଦାସ ସହିତ କଥା ହୋଇଛନ୍ତି, ସେମାନଙ୍କୁ ପଚରାଉଚରା କରାଯାଉଛି। ପୂର୍ବରୁ କ୍ରାଇମ୍‌ବ୍ରାଞ୍ଚ ତଦନ୍ତ କରି ଚାର୍ଜସିଟ୍ ଦାଖଲ କରିଛି। ଯେଉଁ ଘଟଣା ନଜରକୁ ଆସିଥିଲା, ସେହି ଆଧାରରେ ତଦନ୍ତ ଶେଷ ହୋଇଥିଲା।

## ୨୦୨୬ ପରେ ଓଡ଼ିଆ ଚଳଚ୍ଚିତ୍ର ରୂପରେଖ ବଦଳିବ: ପ୍ରଶାନ୍ତ ନନ୍ଦ

ଭୁବନେଶ୍ୱର,୨୯/୪: ଓଡ଼ିଆ ସିନେମାର ଆରମ୍ଭ ଦୁଃଖ, ଅପମାନ ଓ ଯନ୍ତ୍ରଣାରୁ। ଓଡ଼ିଆ ସିନେମା ହେଉଥିଲା ସତ, କିନ୍ତୁ ଓଡ଼ିଆଙ୍କ ହାତରେ ନିୟନ୍ତ୍ରଣ ନଥିଲା। ଓଡ଼ିଆ କଳାକାରଙ୍କୁ ସମ୍ମାନ ମିଳୁନଥିଲା। ଅନ୍ୟ ରାଜ୍ୟର ଆମଦାନି ଟିମ୍‌କୁ ନେଇ ସିନେମା ହେଉଥିଲା। ଅନେକ ଉତ୍‌ଥାନ ପତନ ଦେଇ ଓଡ଼ିଆ ସିନେମା ଗତି କରିଛି। କେବେ ଭଲ ସିନେମାର ପ୍ରଶଂସା ତ ପୁଣି କେବେ କପିପେଷ୍ଟ କଳଙ୍କର ଟିକା ମଧ୍ୟ ପିନ୍ଧିଛି। ଏବେ ଅଣ୍ଟା ସଳଖୁଛି। ନୂଆ ପିଢ଼ି ଭଲ କାହାଣୀକୁ ନେଇ ସିନେମା ନିର୍ମାଣ କରୁଛନ୍ତି। ହେଲେ ବୈଷୟିକ ଜ୍ଞାନକୌଶଳକୁ ଯୋଡ଼ି ପାରୁନାହାନ୍ତି। ଏଥିପାଇଁ ପ୍ରୟାସ ଚାଲିଛି। ୨୦୨୬ ପରେ ଓଡ଼ିଆ ଚଳଚ୍ଚିତ୍ର ରୂପରେଖ ବଦଳିବାକୁ ଯାଉଛି। ଯାହାଫଳରେ ଓଡ଼ିଆ ସିନେମା ଶିଳ୍ପ ଭାରତୀୟ ସିନେମାକୁ ବାଟ ଦେଖାଇବ। ଆଜି ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପୁଣ୍ୟ ଜୟନ୍ତୀ ଅବସରରେ 'ଆମ ଓଡ଼ିଶା' ପକ୍ଷରୁ ରାଜ୍ୟସ୍ତରୀୟ ସ୍ୱାଭିମାନ ଦିବସ ଓ ଆମ ଓଡ଼ିଶା ବକ୍ତୃତାମାଳାରେ ଏକବିଂଶତିତମ ବକ୍ତୃତା ପ୍ରଦାନ କରି ଏହା କହିଛନ୍ତି ବିଶିଷ୍ଟ ଚଳଚ୍ଚିତ୍ର ବ୍ୟକ୍ତିତ୍ୱ ତଥା ପୂର୍ବତନ ମନ୍ତ୍ରୀ ପ୍ରଶାନ୍ତ ନନ୍ଦ। ଇଷ୍ଟର୍ଣ୍ଣ ମିଡିଆ ଲିମିଟେଡ୍‌ର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ସୌମ୍ୟରଂଜନ ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶ୍ରୀ ନନ୍ଦ 'ଆମ ଚଳଚ୍ଚିତ୍ର: ଆମ ଅସ୍ମିତା' ବିଷୟ ଉପରେ କହିଲେ ଯେ ପ୍ରଥମ ଚଳଚ୍ଚିତ୍ର 'ସୀତା ବିବାହ'ର ନିର୍ଦ୍ଦେଶକଙ୍କଠାରୁ ଆରମ୍ଭ କରି ଚିତ୍ରନାଟ୍ୟ ଓଡ଼ିଆ କରି ନ ଥିଲେ। ଏହାପରେ ୧୭ ବର୍ଷ ଯାଏଁ କୌଣସି ଚଳଚ୍ଚିତ୍ର ନିର୍ମାଣ ହେଲାନାହିଁ। ସେତେବେଳେ ନାୟିକାଙ୍କଠାରୁ ଆରମ୍ଭ କରି ସ୍କଟ୍ ବୟ ବେଙ୍ଗଲରୁ ଆସୁଥିଲେ। ବେଙ୍ଗଲ ନନ୍ଦନ ଷ୍ଟୁଡିଓରେ ସୁଟିଂ କରିବାକୁ ଗଲେ ସେମାନେ ଓଡ଼ିଆ କଳାକାରଙ୍କୁ ଅପମାନିତ କରୁଥିଲେ। ପରେ ଓଡ଼ିଆ ସିନେମାକୁ ଶିଳ୍ପ ମାନ୍ୟତା ମିଳିଲା। ହେଲେ ସିନେମା ନିର୍ମାଣ ପାଇଁ କେହି ଋଣ ଦେଲେ ନାହିଁ। ମୁଁ ଶପଥ କଲି ଓଡ଼ିଆ ସିନେମାକୁ ଆର୍ଥିକ ଦୃଷ୍ଟିରୁ ସ୍ୱଚ୍ଛଳ କରିବି। ସେତେବେଳେ ଗୋଟିଏ ଫିଲ୍ମ ପିଛା ଲକ୍ଷେ ଟଙ୍କା ଖର୍ଚ୍ଚ ହେଉଥିବା ବେଳେ ୬ ଲକ୍ଷ ଖର୍ଚ୍ଚ କରି 'ଶେଷ ଶ୍ରାବଣ' ନିର୍ମାଣ ହେଲା। ତାହା ୧୩ ଲକ୍ଷ ରୋଜଗାର କଲା। କଳିକତାର ଯେଉଁ ନନ୍ଦନ ଷ୍ଟୁଡିଓରେ ମୋତେ ମାଡ଼ ମରାଯାଇଥିଲା, ଦିନେ ସେହି ଷ୍ଟୁଡିଓରେ ଶ୍ରେଷ୍ଠ ନିର୍ଦ୍ଦେଶକ ସମ୍ମାନ ମିଳିଥିଲା। ବେଙ୍ଗଲରେ କଳାଧଳା ସିନେମା ହେଉଥିବା ବେଳେ ଓଡ଼ିଶାରେ ସିନେମା ସ୍କୋପ୍‌ରେ ଫିଲ୍ମ ହେଲା। କିନ୍ତୁ ପରେ ପରେ ଅନ୍ୟ ରାଜ୍ୟରେ ହିଟ୍ ହୋଇଥିବା ଫିଲ୍ମକୁ ଓଡ଼ିଆରେ ରିମେକ୍ କରାଗଲା। ଯାହା ଓଡ଼ିଆ ସିନେମାର ଏକ କଳଙ୍କିତ ଅଧ୍ୟାୟ। ଏବେ ନୂଆ ପିଢ଼ି ମୌଳିକ କାହାଣୀକୁ ନେଇ ସିନେମା ତିଆରି କରୁଛନ୍ତି। ହେଲେ ତାହା ବ୍ୟାବସାୟିକ ସଫଳତା ପାଉନାହିଁ। ଭଲ କାହାଣୀ ସହ ଟେକ୍ନୋଲୋଜିକୁ ଯୋଡ଼ିବାକୁ ପଡ଼ିବ। ପୂର୍ବତନ ମନ୍ତ୍ରୀ କିମ୍ବା ସାଂସଦ ଭାବେ ନୁହେଁ, ମୋ ପରିଚୟ ମୁଁ ଗୋଟେ ନାଟୁଆ। ମୋତେ ଓଡ଼ିଶା ଯାହା ଦେଇଛି, ମୁଁ ବଞ୍ଚିଥିବା ସମୟରେ ଋଣ ପରିଶୋଧ କରିବା ସହ ପୂର୍ବ ଅପମାନର ବଦଳା ନେବାକୁ ପ୍ରସ୍ତୁତ ହେଉଛି। କାର୍ଯ୍ୟକ୍ରମରେ ସଭାପତିତ୍ୱ କରି ଶ୍ରୀ ପଟ୍ଟନାୟକ କହିଲେ, ଓଡ଼ିଶାରେ ଅହଙ୍କାରର ପରାଜୟ ହୋଇଛି। ହେଲେ ଅସ୍ମିତାର ବିଜୟ ହୋଇନାହିଁ। ଓଡ଼ିଶାର ଅସ୍ମିତା ପ୍ରଭୁ ଜଗନ୍ନାଥ। ତାଙ୍କ ଛଡ଼ା ଅନ୍ୟବାଟ କିଛି ନାହିଁ। ମଧୁବାବୁ ପରିସ୍ଥିତିରେ ପଡ଼ି ସିନା ଧର୍ମ ପରିବର୍ତ୍ତନ କରିଥିଲେ, କିନ୍ତୁ ନିଜର ଓକିଲାତି ବିଦ୍ୟା ପ୍ରୟୋଗ କରି ପ୍ରଭୁ ଜଗନ୍ନାଥଙ୍କ ମାନ ସମ୍ମାନ ରକ୍ଷା କରିଛନ୍ତି। ମଧୁବାବୁ ଓଡ଼ିଆ ଅସ୍ମିତାର ଅନ୍ୟତମ ପ୍ରମାଣ। ଅନ୍ୟପଟେ ଓଡ଼ିଶାରୁ ଅଲଗା ହୋଇ ଅନ୍ୟ ଭୂଖଣ୍ଡ ତଥା ପ୍ରବାସରେ ରହୁଥିବା ଓଡ଼ିଆମାନଙ୍କୁ ବିଜ୍ଞାନ ଓ କାରିଗରୀ କୌଶଳ ମାଧ୍ୟମରେ ଆତ୍ମିକ ଭାବେ ଯୋଡ଼ିବାକୁ ଶ୍ରୀ ପଟ୍ଟନାୟକ ଆହ୍ୱାନ ଦେଇଥିଲେ।

# ଦୟାନଦୀ ପାଇଁ ଜହର ପାଲଟିଛି ଗଙ୍ଗୁଆ ଜଳ

ପିପିଲି,୨୯/୪: ଅତୀତରେ ହଜାର ହଜାର ଚାଷୀଙ୍କ ଜୀବନରେଖା ପାଲଟିଥିବା ଚିରସ୍ରୋତା ଗଙ୍ଗୁଆନଦୀ ଆଜି ସଂପୂର୍ଣ୍ଣ ପ୍ରଦୂଷିତ । ଦିନେ ଯେଉଁ ଗଙ୍ଗୁଆନଦୀର ଜଳକୁ ଲୋକେ ପିଉଥିଲେ, ନଦୀରେ ଗାଧୋଉଥିଲେ, ଚାଷରେ ବ୍ୟବହାର କରୁଥିଲେ, ଆଜି କିନ୍ତୁ ସେଇ ନଦୀର ଜଳକୁ ଛୁଇଁବାକୁ ଲୋକେ ଡରୁଛନ୍ତି । ଗଙ୍ଗୁଆନଦୀର ନାଁ ଶୁଣିଲେ ଲୋକେ ନାକ ଟେକୁଛନ୍ତି । ସୁବଠାରୁ ବଡ କଥା ହେଲା, ଦୟାନଦୀରେ ମିଶିଥିବା ଏହି ଗଙ୍ଗୁଆର ବିଷାକ୍ତ ଜଳ ଯୋଗୁଁ ଦୟାନଦୀର ଜଳ

## ବଢୁଛି ଚର୍ମ ଓ ପେଟଜନିତ ରୋଗ



ପ୍ରଦୂଷିତ ହେଉଛି । ଫଳରେ ନଦୀ ଅବବାହିକାର ଲୋକମାନେ ବିଭିନ୍ନ ପ୍ରକାର ଚର୍ମରୋଗ ଓ ପେଟଜନିତ ରୋଗରେ ଆକ୍ରାନ୍ତ ହେଉଛନ୍ତି । ଗଙ୍ଗୁଆ ନଦୀ ଯୋଗୁଁ ପ୍ରଦୂଷିତ ହେଉଥିବା ଦୟାନଦୀର ଅନେକ ସ୍ଥାନରେ ଗାଧୋଇବା ତ' ଦୂରର କଥା ଗୋଡ ବୁଡାଇଲେ ଚର୍ମରୋଗର ଶିକାର ହେବାକୁ ପଡୁଛି । ତେବେ, ଦୟାନଦୀକୁ ପ୍ରଦୂଷଣ ମୁକ୍ତ କରିବା ପାଇଁ ଏକ ମାଷ୍ଟର ପ୍ଲାନ ପ୍ରସ୍ତୁତ କରାଯିବ ବୋଲି ଗତ ସରକାର ଅମଳରେ ଯେଉଁ ଘୋଷଣା କରାଯାଇଥିଲା ତାହା କେବଳ କାଗଜ କଲମରେ ସୀମିତ ରହିଗଲା । ଆନ୍ତରିକତାର ଅଭାବରୁ ଏହା ଅଦ୍ୟାବଧି କାର୍ଯ୍ୟକାରୀ ହୋଇପାରିନଥିବା ଅଭିଯୋଗ ହୋଇଛି । ପିପିଲି, ଡେଲାଙ୍ଗ, କଣାସ ବ୍ଲକର ଜୀବନରେଖା କୁହାଯାଉଥିବା ଦୟାନଦୀ ଏବେ ପ୍ରଦୂଷିତ । ଏହି ନଦୀର ଜଳକୁ ବ୍ୟବହାର କରି କଣାସ ବ୍ଲକରେ ଝାଡାବାନ୍ତିରେ ଲୋକେ ପ୍ରାଣ ହରାଇଛନ୍ତି । ପିପିଲିର କଣାସ ପର୍ଯ୍ୟନ୍ତ ଏହି ନଦୀ ଜଳର ପ୍ରଦୂଷଣର ମାତ୍ରା ବହୁ ପରିମାଣରେ ବୃଦ୍ଧି ପାଇଛି । ଏହାର ଏକମାତ୍ର କାରଣ ହେଉଛି ଗଙ୍ଗୁଆନଦୀ । ଭୁବନେଶ୍ୱରରୁ ବାହାରିଥିବା ଗଙ୍ଗୁଆନଦୀ ବାରିମୂଳ ନିକଟ ବେଣାବିଲି ଠାରେ ଦୟାନଦୀରେ ମିଶିଛି । ଗଙ୍ଗୁଆନଦୀ ଅନେକ ଗୁଡିଏ ପ୍ରାକୃତିକ ଝରଣାର ସମଷ୍ଟିଗତ ପ୍ରବାହ । ଏହା ଚନ୍ଦକା ସଂରକ୍ଷିତ ଜଙ୍ଗଲର ପଥରଗାଡିଆ ଅଞ୍ଚଳରୁ ଉତ୍ପତି ହୋଇ ନନ୍ଦନକାନନ, ପଟିଆ, କଳାରାହାଙ୍ଗ, ଇଞ୍ଜିଣା, ମଞ୍ଚେଶ୍ୱର, ଚକେଇସିଆଣୀ, ରସୁଲଗଡ, ପଳାଶୁଣୀ ଆଦି ଅଞ୍ଚଳ ଦେଇ ଗତି କରିବା ପରେ ଦୁଇଭାଗରେ ବିଭକ୍ତ ହୋଇଛି । ଏହାର ଗୋଟିଏ ଭାଗ ସେଠାରେ କୁଆଖାଇ ନଦୀରେ ମିଶିଛି ଓ ଅନ୍ୟ ଭାଗଟି ଦକ୍ଷୀଣ ପଶ୍ଚିମ ଦିଗରେ ଗତି କରି ପାଣ୍ଡରା, ଝାରପଡା, ଲକ୍ଷୀସାଗର, ବରଗଡ, ଶିଶୁପାଳଗଡ ଦେଇ ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥକୁ ସାମନ୍ତରାପୁର ଠାରେ ଅତିକ୍ରମ କରି ସହରର ବାହ୍ୟ ଅଞ୍ଚଳ କପିଳପ୍ରସାଦ, ନୂଆଗାଁ, ଜୟପୁର, ମୋହନପୁର, ଇଟିପୁର, ପଳାଶପୁର, କଲ୍ୟାଣପୁର, ପୋପରଙ୍ଗା, ବିନ୍ଧା ଆଦି ଅଞ୍ଚଳଦେଇ ନିଜିଗଡକୁରୁଖୀ ସ୍ଥିତ ବେଣାବିଲି ଠାରେ ଦୟାନଦୀରେ ମିଶିଛି । ସମଗ୍ର ୪୫ କିଲୋମିଟର ଗତି ମଧ୍ୟରେ ଗଙ୍ଗୁଆ ୩୨ କିଲୋମିଟର ପ୍ରଦୂଷିତ ନାଳ ଦ୍ୱାରା ଆକ୍ରାନ୍ତ ହୋଇଥିବା ବେଳେ ଏଥିମଧ୍ୟରୁ ୨୩ କିଲୋମିଟର ଭୁବନେଶ୍ୱର ସହର ଭିତର ଆବର୍ଜନା ଦ୍ୱାରା ଓ ୯ କିଲୋମିଟର ସହର ବାହାର ଅଞ୍ଚଳରେ ଥିବା ନାଳ, ନର୍ଦ୍ଦମା ଦ୍ୱାରା ପ୍ରଦୂଷିତ ହେଉଅଛି । ଏହି ନଦୀ ନିଜର ଗତିପଥରେ ମାତ୍ର ୧୩ କିଲୋମିଟର ଅପ୍ରଦୂଷିତ ଜଳ ତଥା ଭିନ୍ନ ଭିନ୍ନ ଅଞ୍ଚଳର ଅନ୍ୟାନ୍ୟ ଜଳପ୍ରବାହ ବହନ କରି ଗତି କରୁଅଛି । ଭୁବନେଶ୍ୱରରେ ନୂତନ ରାଜଧାନୀର ଯୋଜନା ସମୟରେ ବର୍ଜ୍ୟଜଳ ନିଷ୍କାସନ ବ୍ୟବସ୍ଥାକୁ ସେତେବେଳେ ଅଗ୍ରାଧିକାର ଭିତ୍ତିରେ ଗୁରୁତ୍ୱ ଦିଆଯାଇନଥିଲା । ଫଳସ୍ୱରୂପ ସହରର ସମସ୍ତ ପରିତ୍ୟକ୍ତ ପଦାର୍ଥ ଏବଂ ପ୍ରଦୂଷିତ ଜଳ ଗଙ୍ଗୁଆନଦୀରେ ମିଶିଲା । ଇତିମଧ୍ୟରେ ଭୁବନେଶ୍ୱରର ଜନସଂଖ୍ୟା ୧୨ଲକ୍ଷରୁ ଉର୍ଦ୍ଧ୍ୱରେ ପହଞ୍ଚିଛି । କିନ୍ତୁ, ଜଳ ନିଷ୍କାସନର ସୁବ୍ୟବସ୍ଥା ଅଦ୍ୟାବଧି କରାଯାଇ ପାରିନାହିଁ । ଦେଶର ଅଗ୍ରଣୀ ସ୍ମାର୍ଟସିଟି ଭାବେ ପରିଗଣିତ ରାଜଧାନୀ ଭୁବନେଶ୍ୱରର ନାଳ, ବର୍ଜ୍ୟଜଳ ଓ ପରିମଳ ବ୍ୟବସ୍ଥା ଆଦୌ ଉନ୍ନତମାନର ନୁହେଁ ବୋଲି ଅଭିଯୋଗ ହୁଏ । ଗଙ୍ଗୁଆଜଳରେ ପ୍ରାୟ ୧୦ ଗୋଟି ବୃହତ ନାଳ ଦ୍ୱାରା ଭୁବନେଶ୍ୱର ସହରର ପ୍ରଦୂଷିତ ବର୍ଜ୍ୟଜଳ ସହିତ ବିଭିନ୍ନ ହୋଟେଲ, ବିମାନବନ୍ଦର, ଡାକ୍ତରଖାନା ଓ ଶିଳ୍ପସଂସ୍ଥା ଗୁଡିକର ଅପରିଷ୍କାର ଜଳ ଓ ବିଷାକ୍ତ ପଦାର୍ଥ ମିଶୁଅଛି । ଫଳରେ ଏହି ଜଳ କୃଷି, ପଶୁପକ୍ଷୀ ଅବା ମଣିଷର କୌଣସି କାମରେ ନଲାଗି ଓଲଟା ଭୟ ଓ ବିପଦ ସୃଷ୍ଟି କରୁଛି । କାରଣ ଆଇସିଏଆର ବୈଜ୍ଞାନିକ ମାନେ ଏହି ଜଳକୁ ଗବେଷଣା କରି ସ୍ପଷ୍ଟ କରିଛନ୍ତି ଯେ, ଗଙ୍ଗୁଆର ଜଳରେ ଅତ୍ୟନ୍ତ ବିଷାକ୍ତ ଆର୍ସେନିକ, କାଡ୍‌ମିୟମ, କ୍ରୋମିୟମ, କପର, ଶୀଶା, ପାରଦ, ଜିଙ୍କ ଆଦି ବିଷାକ୍ତ ଧାତବ୍ୟ ଦ୍ରବ୍ୟ ମିଶି ଏହି ଜଳକୁ ବ୍ୟବହାର ଅନୁପଯୋଗୀ କରିଛି । ଭୁବନେଶ୍ୱରସ୍ଥ ବିଭିନ୍ନ ଶିଳ୍ପ ସଂସ୍ଥା, ହୋଟେଲ ଓ ହସ୍ପିଟାଲରୁ ନିର୍ଗତ ରାସାୟନିକ ପଦାର୍ଥ, କଠିନ ଓ ତରଳ ବର୍ଜ୍ୟବସ୍ତୁ ଏବଂ ବ୍ୟାକ୍ଟେରିଆ ଯୁକ୍ତ ଦୂଷିତ ଜଳ ଗଙ୍ଗୁଆ ନଦୀ ଦେଇ ପ୍ରତିଦିନ ଦୟାନଦୀରେ ମିଶୁଛି । ଫଳରେ ନଦୀରେ ଥିବା ମାଛମାନେ ମଧ୍ୟ ରୋଗାକ୍ରାନ୍ତ ହେଉଛନ୍ତି । ପିପିଲି ସାଂସ୍କୃତିକ ପରିଷଦ ପକ୍ଷରୁ ପ୍ରକାଶିତ ଏକ ଗବେଷଣାତ୍ମକ ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ, ଗଙ୍ଗୁଆ ଜଳ ରୋଗ ଉତ୍ପାଦକ ଭୂତାଣୁ, ଜୀବାଣୁ ଦ୍ୱାରା ପରିପୂର୍ଣ୍ଣ । ଯାହା ପରିବେଶକୁ ନଷ୍ଟ କରିବା ସହ ପ୍ରଜୀବ, କୃମୀ ଆଦି ନିଜ ସାଙ୍ଗରେ ଧରିରଖିଛି । ଏହି ଜଳ ଦୀର୍ଘସମୟ ପର୍ଯ୍ୟନ୍ତ ରୋଗ ସୃଷ୍ଟିରେ ସହାୟକ ହେଉଛି । ଫଳରେ ଗଙ୍ଗୁଆର ଜଳ ଦୟାନଦୀରେ ପହଞ୍ଚିବା ପର୍ଯ୍ୟନ୍ତ କୌଣସି ଉପଯୋଗୀ କାମରେ ଲାଗିପାରୁନାହିଁ । ଦୟାନଦୀ ଓ ଗଙ୍ଗୁଆ ନଦୀର ସଙ୍ଗମ ସ୍ଥଳ ଠାରୁ ଦୟାନଦୀର ଜଳ ପ୍ରଦୂଷିତ ହେଉଛି । ଦୟାନଦୀ ଏବେ ପୋକ ସାଲୁବାଲୁ ଓ ଦୟାନଦୀର ପାଣି ଏବେ ଜହର ପାଲଟିଛି । ଦୟାନଦୀର ଜଳ ମୁଖ୍ୟତଃ ଏହାର ଦୁଇପାଶ୍ୱର୍ରେ ଥିବା ଗ୍ରାମବାସୀଙ୍କ ପାନୀୟ ଓ କୃଷିକାର୍ଯ୍ୟରେ ଲାଗିଥାଏ । କିନ୍ତୁ ଦୟାନଦୀ ପ୍ରଦୂଷିତ ହେବା ଦ୍ୱାରା ଏହାର ଜଳ ମଣିଷ ଓ ପଶୁଙ୍କ ବ୍ୟବହାର ପାଇଁ ଅନୁପଯୁକ୍ତ । ଏହି ଜଳକୁ ବ୍ୟବହାର କଲେ ନିଶ୍ଚିତ ରୋଗରେ ପଡିବାର ଭୟ ପିପିଲି, ଡେଲାଙ୍ଗ ଓ କଣାସ ବ୍ଲକର ଲକ୍ଷ ଲକ୍ଷ ଲୋକଙ୍କ ମନରେ ଆଶଙ୍କା ସୃଷ୍ଟି କରିଛି । ଏହି ଜଳ ଯୋଗୁଁ କୃଷି କାର୍ଯ୍ୟ ମଧ୍ୟ ପ୍ରଭାବିତ ହେଉଛି । ନଦୀରେ ଗାଧୋଇବା ଦୂର କଥା ଗୋଡ଼ ବୁଡ଼ାଇଲେ ବିଭିନ୍ନ ଚର୍ମ ରୋଗ ହେଉଛି ବୋଲି ଅଭିଯୋଗ ହେଉଛି । ନଦୀ ଅବବାହିକାର ଲୋକମାନେ ନଦୀରେ ଗାଧୋଇବାକୁ ଆଉ ଉଚିତ ମଣୁନାହାନ୍ତି । ଏହି ନଦୀଜଳ ମନୁଷ୍ୟ ଠାରୁ ପଶୁପକ୍ଷୀଙ୍କ ପିଇବା ଏବଂ ଚାଷ ଉପଯୋଗୀ ପାଇଁ ବିପଦ ସୃଷ୍ଟି କରିଛି । ଦୟାନଦୀ ଜଳ ଚାଷ ପାଇଁ ଅନୁପଯୁକ୍ତ ବୋଲି ଆଇସିଏଆର ବୈଜ୍ଞାନିକମାନେ ମଧ୍ୟ ମତବ୍ୟକ୍ତ କରିଛନ୍ତି । ଅକ୍ଟୋବର ମଧ୍ୟଭାଗରୁ ଜୁନମାସ ମଧ୍ୟଭାଗ ଯାଏଁ ଦୟାନଦୀର ଜଳ ସର୍ବାଧିକ ପ୍ରଦୁଷିତ ଓ ବିଷାକ୍ତ ହୋଇଥାଏ, ଯେତେବେଳେ ଦୟାନଦୀର ଜଳସ୍ତର ସର୍ବନିମ୍ନ ଥାଏ । ପିପିଲିର କପକ୍ଷଘଟି ଠାରୁ ଡେଲାଙ୍ଗ, କଣାସ ଦେଇ ଚିଲିକାରେ ଲୀନହେବା ପର୍ଯ୍ୟନ୍ତ ଦୟାନଦୀରେ ଏହି ଅବସ୍ଥା ଦେଖିବାକୁ ମିଳେ । ୫/୬ ଦଶନ୍ଧି ପୂର୍ବେ ଏହିପରି ଅବସ୍ଥା ପିପିଲି, ଡେଲାଙ୍ଗ ଓ କଣାସ ବ୍ଲକର ତଳି ଅଞ୍ଚଳରେ ଦେଖାଯାଉନଥିଲା । ଗଙ୍ଗୁଆ ଏକ ଝରଣା ଭଳି ବୋହି ଯାଉଥିଲା । ଏହାର ଜଳ ବିଶୁଦ୍ଧ ଥିଲା । କିନ୍ତୁ, ବର୍ତ୍ତମାନ ପରିସ୍ଥିତିରେ ଯୋଜନା ବିହୀନ ଦୃତ ସହରୀକରଣ ଦ୍ୱାରା ଏହାର ଜଳ ଖରାପରୁ ଅତି ନିକୃଷ୍ଟ ହୋଇଛି । କେବଳ ସେତିକି ନୁହେଁ ରାଜଧାନୀ ଭୁବନେଶ୍ୱରର ୧୨ଲକ୍ଷରୁ ଉର୍ଦ୍ଧ ସହରୀବାସୀଙ୍କ ସୁଖ ଓ ସୁବିଧା ପାଇଁ ଆଖପାଖ ଗ୍ରାମମାନଙ୍କ ସରଳ, ସୁଖ ଓ ଶାନ୍ତିମୟ ଜୀବନ ନଷ୍ଟ ହେବାରେ ଲାଗିଛି । ଅନେକ ଲୋକେ ସାଧାରଣ ସ୍ତର ଠାରୁ ମଧ୍ୟ ନିମ୍ନ ସ୍ତରରେ ଜୀବନ ବିତାଉଛନ୍ତି । ପିପିଲି ସାଂସ୍କୃତିକ ପରିଷଦ ପକ୍ଷରୁ ବିଭିନ୍ନ ଜାତୀୟ ଅନୁଷ୍ଠାନର ବୈଜ୍ଞାନିକଙ୍କ ସହଯୋଗରେ ଏ ସଂପର୍କିତ ଏକ ବିସ୍ତୃତ ରିପୋର୍ଟ ପ୍ରସ୍ତୁତ କରାଯାଇ ଉଭୟ ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ବିଭାଗକୁ ପ୍ରଦାନ କରାଯାଇଥିଲା । ରିପୋର୍ଟକୁ ଅନୁଧ୍ୟାନ କରିବା ପରେ ଏହା ଉପରେ ବିଭିନ୍ନ ଯୋଜନା କରାଯିବା ପାଇଁ ପୂର୍ବ ସରକାରଙ୍କ ଅମଳରେ ଘୋଷଣା କରାଯାଇଥିଲେ ମଧ୍ୟ ତାହା ଅଦ୍ୟାବଧି କାର୍ଯ୍ୟକାରୀ ହୋଇପାରିନାହିଁ । ଗଙ୍ଗୁଆ ମୁହାଣରେ ଟ୍ରିଟମେପକ୍ଷଘଟ ପ୍ଲାପକ୍ଷଘଟ ସ୍ଥାପନ କରାଯାଇ ଦୟାନଦୀକୁ ପ୍ରଦୂଷଣମୁକ୍ତ କରାଯିବ ଏବଂ ବୁନ୍ଦାଏ ଅଶୋଧିତ ଜଳ ଦୟାକୁ ଛଡ଼ାଯିବନି ବୋଲି ୨୦୨୩ ଡିସେମ୍ବର ୭ରେ ତତ୍କାଳୀନ ସରକାର ପ୍ରତିଶୃତି ଦେଇଥିଲେ । ଦୟା ନଦୀ କିଭଳି ପ୍ରଦୂଷଣ ନହେବ ସେ ନେଇ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼, ୱାଟକୋ ଓ ବିଏମସିକୁ କଡ଼ା ନଜର ରଖିବାକୁ ତତ୍କାଳୀନ ସରକାର ନିର୍ଦ୍ଦେଶ ଦେଇଥିଲେ । ଦୟା ଜଳକୁ ପ୍ରଦୂଷଣ ମୁକ୍ତ ରଖିବା ପାଇଁ ତତ୍କାଳୀନ ୫ଟି ଅଧ୍ୟକ୍ଷଙ୍କ ଅଧ୍ୟକ୍ଷତାରେ ଏନେଇ ଏକ ଉଚ୍ଚସ୍ତରୀୟ ବୈଠକ ହୋଇଥିଲା । ଭୁବନେଶ୍ୱର ସହରରେ ରହିଥିବା ଶହଶହ ଶିଳ୍ପାନୁଷ୍ଠାନରୁ ନିର୍ଗତ ବର୍ଜ୍ୟଜଳ କିପରି ଉପଯୁକ୍ତ ବିଶୋଧନ କରାଯାଇ ପାରିବ, ସେଥିପାଇଁ ଇଡ଼କୋ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ ଓ ବିଏମସି ମିଳିତ ଭାବେ ଯାଞ୍ଚ କରିବେ ବୋଲି ଏହି ବୈଠକରେ ସ୍ଥିର ହୋଇଥିଲା । ସେହିପରି ତତ୍କାଳୀନ ବିଏମସି ଉପାଧ୍ୟକ୍ଷଙ୍କ ଅଧ୍ୟକ୍ଷତାରେ ଦୟା ଟାସ୍କ ଫୋର୍ସ ମଧ୍ୟ ଗଠନ କରାଯାଇଥିଲା । କିନ୍ତୁ ଫଳ ଘର ଶୂନ । ଏହି ପ୍ରତିଶୃତି କେବଳ ପ୍ରତିଶୃତିରେ ରହିଯାଇଛି । ସରକାରଙ୍କ ପକ୍ଷରୁ ଏପର୍ଯ୍ୟନ୍ତ ଏ ସଂପର୍କିତ କୌଣସି ଡିପିଆର କୁ ଅନୁମୋଦନ କରାଯାଇପାରିନଥିବା ସୂଚନା ମିଳିଛି । ଆନ୍ତରିକତାର ଅଭାବରୁ ଏହା ଅଦ୍ୟାବଧି କାର୍ଯ୍ୟକାରୀ ହୋଇପାରିଲା ନାହିଁ ବୋଲି ଅଭିଯୋଗ ହୋଇଛି ।

# କାଳବୈଶାଖୀର ତାଣ୍ଡବ

## ଉପୁଡ଼ିଲା ଗଛ, ଭାଙ୍ଗିଲା ଘର





ଭୁବନେଶ୍ୱର,୨୯/୪: କୁଆଡ଼େ କିଛି ନଥିଲା। ହଠାତ୍ ଘୋଟି ଆସିଲା କଳାହାଣ୍ଡିଆ ମେଘ। ସଁ ସଁ ଗର୍ଜନ କରି ପବନ ବହିବା ସହ ତୁହାକୁ ତୁହା ଘଡ଼ଘଡ଼ି କାନ ଅତଡ଼ା କରି ପକାଇଲା। ପରେ ପରେ ଆକାଶରୁ ଠୋପା ଠୋପା ବର୍ଷା ଅଜାଡ଼ି ହୋଇପଡ଼ିଲା। ସନ୍ଧ୍ୟା ସମୟରେ ରାଜଧାନୀ ପାଗରେ ଏଭଳି ପରିବର୍ତ୍ତନ ସମସ୍ତଙ୍କୁ ଅକଳରେ ପକାଇ ଦେଇଥିଲା। ରାସ୍ତାଘାଟରେ ଯାଉଥିବା ଲୋକେ ମୁଣ୍ଡ ଉପରେ ଛପର ଖୋଜିବା ବେଳକୁ ବିଜୁଳି ଘଡ଼ଘଡ଼ି ଡରାଇ ଚାଲିଥିଲା। ବର୍ଷା ଗୋଟାପଣେ ଓଦା କରିଦେଇଥିଲା। ସନ୍ଧ୍ୟା ପ୍ରାୟ ୭ଟା ବେଳକୁ ଆରମ୍ଭ ହୋଇଥିବା ଏହି କାଳବୈଶାଖୀ ଦ୍ୱାରା ରାଜଧାନୀରେ ଜନଜୀବନ ପ୍ରଭାବିତ ହୋଇଛି। ଘଣ୍ଟାପ୍ରତି ୪୦ କିମି ବେଗରେ ପବନ ସାଙ୍ଗକୁ ବର୍ଷା ଯୋଗୁ ରାଜଧାନୀରେ ବ୍ୟାପକ କ୍ଷୟକ୍ଷତି ହୋଇଛି। କନିଅର, କୃଷ୍ଣଚୂଡ଼ା, ଚାକୁଣ୍ଡା, କଦମ୍ବ, ଦେବଦାରୁ ଆଦି ଗଛର ଡାଳ ଭାଙ୍ଗି ପଡ଼ିଥିବା ବେଳେ ସେଥିରୁ କିଛି ମୂଳରୁ ଉପୁଡ଼ି ପଡ଼ିବାରୁ ଘର ଭାଙ୍ଗିଥିବା ଜଣାପଡ଼ିଛି। କାଳବୈଶାଖୀ ପ୍ରଭାବରେ ଚନ୍ଦ୍ରଶେଖରପୁର ହାଉସିଂ ବୋର୍ଡରେ ଗଛ ପଡ଼ିବାରୁ ୩ଟି ଘର ଭାଙ୍ଗିଯାଇଛି। ଗଛ ପଡ଼ିବା ସମୟରେ ଘର ଭିତରେ ଲୋକେ ରହିଥିଲେ। ତେବେ ସୌଭାଗ୍ୟବଶତଃ କାହାର କିଛି କ୍ଷତି ହୋଇନାହିଁ। ଆସବାବପତ୍ର ନଷ୍ଟ ସମ୍ପର୍କରେ ଜଣାପଡ଼ି ନ ଥିଲେ ମଧ୍ୟ ଗଛ ପଡ଼ିବାରୁ ଆଜବେଷ୍ଟ ଛପର ଭାଙ୍ଗିରୁଜି ଯାଇଛି। ରିପୋର୍ଟ ଲେଖାଯିବା ବେଳକୁ ଅଗ୍ନିଶମ କର୍ମଚାରୀ ପହଞ୍ଚି ଗଛ କାଟିଛନ୍ତି। ଏଜି ଛକରେ ଏକ ଗଛ ଭାଙ୍ଗିପଡ଼ିବାରୁ ରାସ୍ତାରେ ଯାନବାହାନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ପ୍ରାୟ ଏକ ଘଣ୍ଟା ପର୍ଯ୍ୟନ୍ତ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ନୀଳାଦ୍ରିବିହାର ଏଟିଏମ୍ ଛକରେ ଏକ ବଡ଼ ଗଛ ଉପୁଜିପଡ଼ିବାରୁ କିଛି ଘର ପ୍ରଭାବିତ ହୋଇଛି। ଶୈଳଶ୍ରୀବିହାର, ଡମଣା, ଚନ୍ଦକା, ଅନ୍ଧାରୁଆ, ପଥରଗାଡ଼ିଆ, ଖଣ୍ଡଗିରି, ଜାଗମରା ପ୍ରଭୃତି ଅଞ୍ଚଳରେ ଗଛ ଡାଳ ଭାଙ୍ଗିବା ଦ୍ୱାରା ରାସ୍ତାରେ ଜୀବନଯାତ୍ରା ପ୍ରଭାବିତ ହୋଇଥିଲା। ସହରର ଅଧିକାଂଶ ସ୍ଥାନରେ ବର୍ଷାର ପ୍ରଭାବ ଦେଖିବାକୁ ମିଳିଛି। ଗୋଟିଏ ସମୟରେ ହଠାତ୍ ବର୍ଷା ହେବାରୁ ବମିଖାଲରେ ଜଳବନ୍ଦୀ ପରିସ୍ଥିତି ସୃଷ୍ଟି ହୋଇଥିଲା। ବମିଖାଲ ଓଭରବ୍ରିଜ୍ ଉପରେ ପାଣି ଜମି ରହିବାରୁ କିଛି ସମୟ ପାଇଁ ଗାଡ଼ି ଚଳାଚଳ କରିପାରି ନ ଥିଲା। ସହରର ବିଭିନ୍ନ ସ୍ଥାନରେ ବିଜୁଳି ସେବା ପ୍ରଭାବିତ ହୋଇଛି। ବଡ଼ ବଡ଼ ଗଛ ଭାଙ୍ଗିପଡ଼ିବାରୁ ବିଦ୍ୟୁତ୍ ତାର ଛିଣ୍ଡିଯାଇଛି। ନୀଳାଦ୍ରିବିହାର, ଚନ୍ଦ୍ରଶେଖରପୁର, ଶୈଳଶ୍ରୀବିହାର, ପ୍ରାଚୀବିହାର, କଳିଙ୍ଗନଗର, ଘାଟିକିଆ, ଆଇଗିଣିଆ ଓ ପାତ୍ରପଡ଼ା ଅଞ୍ଚଳରେ ରାତି ୧୧ଟା ପର୍ଯ୍ୟନ୍ତ ବିଦ୍ୟୁତ୍ ସଂଯୋଗ ହୋଇପାରି ନାହିଁ। ବିଦ୍ୟୁତ୍ କର୍ମଚାରୀମାନେ ରାତିରେ ମରାମତି କାର୍ଯ୍ୟରେ ଲାଗିଥିବା ଜଣାପଡ଼ିଛି।

# ୨୦୩୬ ସୁଦ୍ଧା ରାଜ୍ୟର ସମସ୍ତ କୃଷକଙ୍କୁ ସମବାୟ ପରିସରଭୁକ୍ତ କରାଯିବ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୯/୪: ଓଡ଼ିଶାରେ ସମବାୟ ଆନ୍ଦୋଳନର ଆଦ୍ୟ ପ୍ରବକ୍ତା ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ଅବସରରେ ଆଜି ଭୁବନେଶ୍ୱର ଅର୍ବାନ କୋ-ଅପରେଟିଭ ବ୍ୟାଙ୍କର ଜମାକାରୀମାନଙ୍କ ଅର୍ଥ ଫେରସ୍ତ ପ୍ରକ୍ରିୟା ଆରମ୍ଭ ହୋଇଛି। ସମୁଦାୟ ୯,୫୩୭ ଜଣ ଜମାକାରୀ ୨୦ କୋଟି ୯୬ ଲକ୍ଷ ଟଙ୍କା ଫେରସ୍ତ ପାଇବାର ପ୍ରକ୍ରିୟା ଆରମ୍ଭ ହୋଇଛି। ଲୋକସେବା ଭବନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଏହି ଅର୍ଥ ଫେରସ୍ତ ପ୍ରକ୍ରିୟାର ଶୁଭାରମ୍ଭ କରିଛନ୍ତି। ଆଜି ପ୍ରଥମ ଦିନରେ ୧୧୭ ଜଣ ଜମାକାରୀଙ୍କ ୨ କୋଟି ୮୦ ଲକ୍ଷ ଟଙ୍କା ଫେରସ୍ତ କରାଗଲା। ମୁଖ୍ୟମନ୍ତ୍ରୀ ପ୍ରତିକାତ୍ମକ ଭାବେ ୯ ଜଣ ଜମାକାରୀଙ୍କୁ ଚେକ୍ ପ୍ରଦାନ କରି ଅର୍ଥ ଫେରସ୍ତ କରିଥିଲେ। ସୂଚନାଯୋଗ୍ୟ ଯେ, ଦୀର୍ଘଦିନର ପରିଚାଳନାଗତ ତ୍ରୁଟି ଯୋଗୁଁ ଭୁବନେଶ୍ୱର ଅର୍ବାନ କୋ-ଅପରେଟିଭ ବ୍ୟାଙ୍କର ଆର୍ଥିକ ପରିସ୍ଥିତି ଖରାପ ହୋଇଯାଇଥିଲା। ୨୦୧୫ ରେ ବ୍ୟାଙ୍କ ବନ୍ଦ ହେବା ବେଳକୁ ୧୧,୬୭୩ ଜଣ ଜମାକାରୀଙ୍କ ୩୩ କୋଟି ୮୭ ଲକ୍ଷ ଟଙ୍କା ଫେରସ୍ତ ହେବାର ଥିଲା। ଇତି ମଧ୍ୟରେ ୨୭୦୯ ଜଣ ଜମାକାରୀଙ୍କ ମୋଟ ୧୨ କୋଟି ୭୮ ଲକ୍ଷ ଟଙ୍କା ଫେରସ୍ତ କରାଯାଇଥିବା ବେଳେ ୧ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଥିବା ଜମାକାରୀ ସେମାନଙ୍କ ଅର୍ଥ ଫେରସ୍ତ ପାଇ ପାରିନଥିଲେ। ନୂଆ ସରକାର ଆସିବା ପରେ ମୁଖ୍ୟମନ୍ତ୍ରୀ ଏହି ଜମାକାରୀମାନଙ୍କର ଅର୍ଥ ଫେରସ୍ତ ପାଇଁ ନିଷ୍ପତ୍ତି ନେଇଥିଲେ। ଏହା ସହିତ ଢେଙ୍କାନାଳ, ଛତ୍ରପୁର, ଆସ୍କା ଓ ଭଞ୍ଜନଗର ଅର୍ବାନ କୋ-ଅପରେଟିଭ ବ୍ୟାଙ୍କ ଗୁଡ଼ିକର ଜମାକାରୀଙ୍କ ଅର୍ଥ ମଧ୍ୟ ଫେରସ୍ତ କରାଯିବ। ଏହି ୪ ଟି ବ୍ୟାଙ୍କର ୧୭,୮୫୯ ଜଣ ଜମାକାରୀଙ୍କୁ ୬ କୋଟିରୁ ଅଧିକ ଟଙ୍କା ଫେରସ୍ତ କରାଯିବ। ଏହି ଅବସରରେ ଉଦବୋଧନ ଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ କହିଥିଲେ ଯେ, ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଅନେକ ଅବିସ୍ମରଣୀୟ ଅବଦାନ ମଧ୍ୟରୁ ଏକ ପ୍ରମୁଖ ଅବଦାନ ଥିଲେ ଓଡ଼ିଶାରେ ସମବାୟ ଆନ୍ଦୋଳନ। ଉତ୍କଳ ଗୌରବଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଓଡ଼ିଶାରେ ପ୍ରାୟ ୫୦ ଲକ୍ଷ ଚାଷୀ ସମବାୟ ଆନ୍ଦୋଳନ ସହିତ ଜଡ଼ିତ। ୨୦୩୬ ସୁଦ୍ଧା ରାଜ୍ୟର ସମସ୍ତ କୃଷକଙ୍କୁ ସମବାୟ ସହିତ ଯୋଡ଼ିବା ଆମର ଲକ୍ଷ୍ୟ। ଏଥିପାଇଁ ରାଜ୍ୟର ପ୍ରତ୍ୟେକ ପଞ୍ଚାୟତରେ ଗୋଟିଏ ଗୋଟିଏ PACS/LAMPCS ଗଠନ କରାଯିବାର ମଧ୍ୟ ଲକ୍ଷ୍ୟ ରହିଛି। ମୁଖ୍ୟମନ୍ତ୍ରୀ କହିଥିଲ ଯେ, ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀ ଦାୟିତ୍ୱ ନେବା ପରଠାରୁ ଦେଶର ବିଭିନ୍ନ କ୍ଷେତ୍ର ସହିତ ସମବାୟ କ୍ଷେତ୍ରକୁ ମଧ୍ୟ ସଶକ୍ତ କରିଛନ୍ତି। ସମବାୟକୁ ଏକ ସ୍ୱତନ୍ତ୍ର ମନ୍ତ୍ରାଳୟ କରାଯାଇ ଅମିତ ଶାହାଜୀଙ୍କ ନେତୃତ୍ୱରେ ପରିଚାଳନା କରାଯାଉଛି। ଗୁଜରାଟ ହେଉଛି ସମବାୟର ଏନ୍ତୁଡ଼ିଶାଳ। ମୋଦୀଜୀଙ୍କ ନେତୃତ୍ୱରେ ସେଠାରେ ସମବାୟ ଆନ୍ଦୋଳନ ଏକ ଗଣ ଆନ୍ଦୋଳନରେ ପରିଣତ ହୋଇପାରିଛି ବୋଲି ମତ ଦେଇ ସେ କହିଥିଲେ ଯେ, ପ୍ରଧାନମନ୍ତ୍ରୀଙ୍କ ମାର୍ଗଦର୍ଶନରେ ଓଡ଼ିଶାରେ ମଧ୍ୟ ସମବାୟ ଆନ୍ଦୋଳନରେ ପରିଣତ କରାଯିବ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ରାଜ୍ୟରେ ୨୭୧୧ ଟି PACS ଥିବାବେଳେ ବର୍ତ୍ତମାନ ଆଉ ୧୫୪୨ଟି ନୂଆ PACS ଗଠନ କରାଯାଇଛି। ଏଇ ନୂଆ PACS ଗୁଡ଼ିକୁ ୫ ଲକ୍ଷ ଟଙ୍କା ଲେଖାଏଁ Seed Money ଦିଆଯିବା ପାଇଁ ନିଷ୍ପତି ନିଆଯାଇଛି। ଏହି ଅବସରରେ ରାଜ୍ୟର ସମବାୟ ସଂସ୍ଥାଗୁଡ଼ିକୁ ସଶକ୍ତ କରିବା ପାଇଁ ଗୁଜରାଟ ଆନନ୍ଦ ସ୍ଥିତ ତ୍ରିଭୂବନ ସମବାୟ ବିଶ୍ୱ ବିଦ୍ୟାଳୟ ଅନ୍ତର୍ଗତ ଇରମା ସ୍କୁଲ ସହିତ ରାଜ୍ୟ ସରକାରଙ୍କ ଏକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିଲା। ରାଜ୍ୟ ସରକାରଙ୍କ ପକ୍ଷରୁ Registrar of Co-Operative Societies ଶ୍ରୀ ସିଦ୍ଧାର୍ଥ ଦାସ ଏବଂ ଇରମା ସ୍କୁଲର ନିର୍ଦ୍ଦେଶକ ଶ୍ରୀ ଉମାକାନ୍ତ ଦାଶ MoU ସ୍ୱାକ୍ଷର କରିଥିଲେ। ସମବାୟ ସଂସ୍ଥାଗୁଡ଼ିକର ସୁପରିଚାଳନା ପାଇଁ ଏହା ଏକ ନଲେଜ ପାର୍ଟନର ଭାବେ କାର୍ଯ୍ୟ କରିବ। କାର୍ଯ୍ୟକ୍ରମରେ ଯୋଗ ଦେଇ ସମବାୟ ମନ୍ତ୍ରୀ ଶ୍ରୀ ପ୍ରଦୀପ ବଳସାମନ୍ତ କହିଲେ ଯେ, ଭାରତୀୟ ସଂସ୍କୃତିର ଚିନ୍ତାଧାରା 'ବହୁଜନ ହିତାୟ, ବହୁଜନ ସୁଖାୟ' ର ମୌଳିକ ଆଦର୍ଶରେ ସମବାୟ ଗୁଡ଼ିକ ଗଠନ କରାଯାଇଛି। ପୂର୍ବ ସରକାର ଜମାକାରୀଙ୍କ ଦୁଃଖ ବୁଝିବାକୁ ଚେଷ୍ଟା କରିନଥିଲେ। ତେବେ ଲୋକଙ୍କ ମୁଖ୍ୟମନ୍ତ୍ରୀ ଭାବେ ଏକ ଦରଦୀ ହୃଦୟର ପରିଚୟ ଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଜମାକାରୀଙ୍କ ଅର୍ଥ ଫେରସ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ ଏବଂ ଆଜି ସେହି ପ୍ରକ୍ରିୟା ଆରମ୍ଭ ହୋଇଛି ବୋଲି ସେ କହିଥିଲେ।ବୈଠକରେ ବିଭାଗୀୟ ସଚିବ ଶ୍ରୀ ରାଜେଶ ପ୍ରଭାକର ପାଟିଲ କାର୍ଯ୍ୟକ୍ରମ ସମ୍ପର୍କରେ ପ୍ରାରମ୍ଭିକ ସୂଚନା ଦେଇଥିଲେ।



# ଓଡ଼ିଶାରେ ୧୨ ପାକିସ୍ତାନୀ ଡିଜିପି

ଭୁବନେଶ୍ୱର,୨୯/୪: ପହଲଗାମରେ ଘଟିଥିବା ଆତଙ୍କବାଦୀ ଆକ୍ରମଣ ପରେ ଜାତୀୟ ସୁରକ୍ଷା ଚିନ୍ତା ବୃଦ୍ଧି ପାଇବା ପାଇଛି। ଓଡ଼ିଶା ସରକାର ରାଜ୍ୟରେ ବେଆଇନ ଭାବରେ ରହୁଥିବା କିମ୍ବା ଅଧିକ ସମୟ ଧରି ରହୁଥିବା ବିଦେଶୀ ନାଗରିକଙ୍କ ବିରୁଦ୍ଧରେ ସତର୍କତା ଅବଲମ୍ବନ କରିବାକୁ କଠୋର ପଦକ୍ଷେପ ନେଇଛନ୍ତି। ପୁଲିସ ମହାନିର୍ଦ୍ଦେଶକ (ଡିଜିପି) ୱାଇ ବି ଖୁରାନିଆ ସୋମବାର ସୂଚନା ଦେଇଛନ୍ତି ଯେ, ଓଡ଼ିଶାରେ ଚିହ୍ନଟ ହୋଇଥିବା ୧୨ ଜଣ ପାକିସ୍ତାନୀ ନାଗରିକଙ୍କୁ ଦେଶ ଛାଡିବାକୁ ନୋଟିସ୍ ଜାରି କରାଯାଇଛି । ଗଣମାଧ୍ୟମକୁ ସମ୍ବୋଧିତ କରି ଡିଜିପି କହିଛନ୍ତି, ନୋଟିସ୍ ପାଇବା ପରେ ଜଣେ ପାକିସ୍ତାନୀ ନାଗରିକ ଓଡ଼ିଶା ଛାଡି ସାରିଛନ୍ତି। ସେ ସ୍ପଷ୍ଟ କରିଛନ୍ତି ଯେ. ଯେଉଁମାନଙ୍କର ବୈଧ ଦୀର୍ଘକାଳୀନ ଭିସା ଅଛି କିମ୍ବା ଯେଉଁମାନଙ୍କର ଭିସା ବୃଦ୍ଧି ଆବେଦନ ପ୍ରକ୍ରିୟାଧୀନ ଅଛି ସେମାନଙ୍କ ମାମଲାର ପୃଥକ ଭାବରେ ବିଚାର କରାଯାଉଛି। ଆମେ ସେମାନଙ୍କ ମାମଲା ସମ୍ପର୍କରେ ପରବର୍ତ୍ତୀ ନିର୍ଦ୍ଦେଶକୁ ଅପେକ୍ଷା କରିଛୁ। ଡିଜିପି କହିଛନ୍ତି, କର୍ତ୍ତୃପକ୍ଷ ଜାତୀୟ ଏବଂ ଅନ୍ତର୍ଜାତୀୟ ପ୍ରୋଟୋକଲ ଅନୁଯାୟୀ ସତର୍କତାର ସହିତ କାର୍ଯ୍ୟ କରୁଛନ୍ତି।

# ଶ୍ରୀହୀନ ହୋଇପଡିଛି ସରକାରୀ କୃଷି ଫାର୍ମ

କଲ୍ୟାଣସିଂହପୁର,୨୯/୪: ସରକାରୀ ଅଧିକାରୀଙ୍କ ଉଦାସୀନତା ଯୋଗୁଁ ଆଜି ଶ୍ରୀହୀନ ହୋଇପଡିଛି ରାୟଗଡ଼ା ଜିଲ୍ଲାର ସର୍ବ ପୁରାତନ ସରକାରୀ କୃଷି ଫାର୍ମ। ଏହି ଫାର୍ମକୁ ସରକାର ଚାଷୀର ବୈଧିକ ବିକାଶ ଓ ଚିନ୍ତାଧାରା ବଦଳାଇବା ପାଇଁ ରାଜ୍ୟ ଓ ବାହାର ରାଜ୍ୟରୁ ଚାଷୀଙ୍କୁ ପରିଦର୍ଶନରେ ଆଣି ଶିକ୍ଷା ଦେଉଥିଲେ। ଲୋକେ ଶିକ୍ଷା ଗ୍ରହଣ କରି ଲାଭବାନ ମଧ୍ୟ ହେଉଥିଲେ। ଏହି କୃଷି ଫାର୍ମରେ ଏକଇଶି ଏକରରୁ ଅଧିକ ଜମିରେ ଧାନ ଚାଷ ହେଉଛି। ଏଠାରେ ଥିବା କର୍ମଚାରୀଙ୍କ ଇଚ୍ଛା ନଥିବାରୁ କିଛି ଜମି ପଡିଆ ପଡୁଥିବା ଦେଖିବାକୁ ମିଳିଛି। ଦିନକୁ ଦିନ ଧାନର ଚାହିଦା ବୃଦ୍ଧି ପାଇଛି କିନ୍ତୁ ଇଚ୍ଛା ଶକ୍ତିର ଅଭାବ ରହିଛି ଯାହାଫଳରେ ଧାନର ଉତ୍ପାଦନ କ୍ଷମତା କମିବାରେ ଲାଗିଛି। ସେହିପରି ଉଦ୍ୟାନ କୃଷି ବଦଳରେ କପା ଚାଷ କରାଯାଉଛି । କପା କେତେ ହେଉଛି ବିକ୍ରି ପରେ ଉକ୍ତ ଟଙ୍କାର ହିସାବ ମିଳୁନି ବୋଲି ଚାଷୀ ମାନେ ଅଭିଯୋଗ କରିଛନ୍ତି।


A-89

**GOVERNMENT OF ODISHA, DEPARTMENTOF WATER RESOURCES**

**Office of the Addl. Chief Engineer, Mechanical Circle, Bhubaneswar**

Email Address: semechcircle104@gmail.com

e-Procurement Notice- Bid Identification No.- ACEM/MDC-06/2025-26

| | |
|---|---|
| 1. Name of the Work | : Mechanical Gate Works |
| 2. No. of Works | : 01 (One) |
| 3. Category of executors | : SSI Units registered under DIC NSIC/ MSME for Irrigation Shutters / Hydro mechanical gates. |
| 4. Bid Identification No. | : ACEM/MDC-06/2025-26 |
| 5. Estimated Cost | : Rs. 11,22,1881 |
| 6. Period of Completion | : 02 (Two) calendar months |
| 7. Date & time of availability of bid documents in the Portal | : From dt.28.04.2025(10.00 AM) to dt.08.05.2025(5.30 PM) |
| 8. Last date/ time for receipt of bid | : dt.08.05.2025 (up to 5.30 PM) In the Portal |
| 9. Date and Place of opening of Bid | : dt.09.05.2025 (12.00 Noon onwards in the 0/ 0 the undersigned) |
| 10. Name of the Officer inviting bid | : Addl. Chief Engineer, Mechanical Circle, Bhubaneswar |

Further details can be seen from the e-procurement portal **https://tendersodisha.gov.in**. Any further issue of Addenda/ Corrigenda/ Cancellation Notice shall be uploaded in the aforesaid website only.

Addl. Chief Engineer,
Mechanical Circle Bhubaneswar

OIPR- 32405/11/0058/2526


# ସ୍ୱାମୀଙ୍କ ବିରୋଧରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେଲେ ଯାତ୍ରା ଅଭିନେତ୍ରୀ ସୋନାଲି ପଣ୍ଡା

କଟକ, ୨୯/୪: ସ୍ୱାମୀଙ୍କ ବିରୋଧରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେଲେ ଯାତ୍ରା ଅଭିନେତ୍ରୀ ସୋନାଲି ପଣ୍ଡା। କିଛି ଦିନ ତଳେ ତୁଳସୀ ଗଣନାଟ୍ୟ ଯାତ୍ରା ପାର୍ଟି ମାଲିକ ପତ୍ନୀ ସୋନାଲିଙ୍କୁ ଫସାଇ ପାଖରେ ରଖିଥିବା ଅଭିଯୋଗ କରିଥିଲେ ସ୍ୱାମୀ ତଥା ଯାତ୍ରା କଳାକାର ଶ୍ରୀକ୍ଷେତ୍ର ପ୍ରସାଦ ସାମନ୍ତସିଂହାର। ଏହାକୁ ନେଇ ଅନେକ ବିବାଦ ଦେଖା ଦେଇଥିଲା। ଏବେ ନିଜ ବିରୋଧରେ ହୋଇଥିବା ଅଭିଯୋଗ ଏବଂ ନିଜକୁ ତାଙ୍କ ସ୍ୱାମୀ ବୋଲି ଦାବି କରୁଥିବା ଶ୍ରୀକ୍ଷେତ୍ରଙ୍କ ବିରୋଧରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି ସୋନାଲି। ସୋନାଲିଙ୍କ ଅଭିଯୋଗ ଅନୁସାରେ, ସେ ନାବାଳିକା ଥିବା ସମୟରେ ଶ୍ରୀକ୍ଷେତ୍ର ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ ଏବଂ ସେହି ସମୟରେ ସେ ଏକ ସନ୍ତାନର ମାଆ ମଧ୍ୟ ହୋଇଥିଲେ। ଗତ ୧୦ ବର୍ଷ ହେଲା ଶ୍ରୀକ୍ଷେତ୍ରଙ୍କ ସହ ତାଙ୍କର କୌଣସି ସମ୍ପର୍କ ନାହିଁ ଏବଂ ସେ ଅଲଗା ରହୁଛନ୍ତି। ଶ୍ରୀକ୍ଷେତ୍ର ତାଙ୍କୁ ବଦନାମ କରିବାକୁ ଚେଷ୍ଟା କରୁଥିବା ମଧ୍ୟ ସେ ଅଭିଯୋଗ କରିଛନ୍ତି। ସୂଚନା ଅନୁସାରେ, ସୋନାଲିଙ୍କ ଅଭିଯୋଗ ଆଧାରରେ ଶ୍ରୀକ୍ଷେତ୍ରଙ୍କ ବିରୋଧରେ ଧାରା ୩୭୬ ଓ ପୋକ୍ସୋ ଆଇନ ଅଧୀନରେ ମକଦ୍ଦମା ରୁଜୁ ହୋଇଥିବା ସୋନାଲିଙ୍କ ଓକିଲ ବ୍ୟୋମକେଶ ତ୍ରିପାଠୀ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ସ୍ୱାମୀ ଓ ପୁଅକୁ ଛାଡ଼ି ତୁଳସୀ ଗଣନାଟ୍ୟ ଯାତ୍ରା ପାର୍ଟି ମାଲିକ ଅନନ୍ତ ନାରାୟଣ ଧଳଙ୍କ ପାଖରେ ପତ୍ନୀ ସୋନାଲି ରହୁଛନ୍ତି ବୋଲି ତାଙ୍କ ସ୍ୱାମୀ ଶ୍ରୀକ୍ଷେତ୍ର ପ୍ରସାଦ ସାମନ୍ତସିଂହାର ଅଭିଯୋଗ କରିଥିଲେ। ତେବେ ଏହି ଅଭିଯୋଗକୁ ତୁଳସୀ ଗଣନାଟ୍ୟ ଯାତ୍ରା ପାର୍ଟି ମାଲିକ ଅନନ୍ତ ନାରାୟଣ ଧଳ ଓ ଯାତ୍ରା ପାର୍ଟିର ଅଭିନେତ୍ରୀ ସୋନାଲି ସମ୍ପୂର୍ଣ୍ଣ ଖଣ୍ଡନ କରିଥିଲେ। ସୋନାଲିଙ୍କ ସ୍ୱାମୀ ଶ୍ରୀକ୍ଷେତ୍ର ପ୍ରସାଦ ସାମନ୍ତସିଂହାର ଅଭିଯୋଗ କରିଥିଲେ ଯେ, ତୁଳସୀ ଗଣନାଟ୍ୟ ମାଲିକ ସୋନାଲିଙ୍କୁ ଜୋର୍ ଜବରଦସ୍ତ ତାଙ୍କ ପାଖରେ ରଖିଛନ୍ତି। ସ୍ତ୍ରୀ ସୋନାଲିଙ୍କୁ ତାଙ୍କ ପୁଅକୁ ଭେଟିବା ପାଇଁ ଦେଉ ନାହାନ୍ତି। ପୁଅ, ସ୍ୱାମୀ ଓ ପରିବାର ସୁରକ୍ଷା କାରଣରୁ ସୋନାଲି ମୁହଁ ଖୋଲୁନାହାନ୍ତି ବୋଲି ସେ କହିଥିଲେ। ଅପରପକ୍ଷେ ସୋନାଲି କହିଥିଲେ ଯେ, ଏହି ଘଟଣାରେ କୌଣସି ସତ୍ୟାସତ୍ୟ ନାହିଁ। ତୁଳସୀ ଗଣନାଟ୍ୟ ମାଲିକ ମୋତେ ଝିଅ କରିଛନ୍ତି। ମୋର ଅସୁବିଧା ସମୟରେ ମୋତେ ସାହାଯ୍ୟ କରିଛନ୍ତି। ମୋ ଇଚ୍ଛାରେ ତୁଳସୀ ଗଣନାଟ୍ୟରେ ରହିଛି। ତୁଳସୀ ଗଣନାଟ୍ୟର ମାଲିକ ଅନନ୍ତ ନାରାୟଣ ଧଳ କହିଛନ୍ତି ଯେ, ଶ୍ରୀକ୍ଷେତ୍ର ପ୍ରସାଦ ସାମନ୍ତସିଂହାର ତୁଳସୀ ଗଣନାଟ୍ୟରେ କାମ କରୁ ନଥିଲେ। ସେ ଅନ୍ୟ ଏକ ଝିଅକୁ ବିବାହ କରିଛନ୍ତି। ତାଙ୍କ ଅଭିଯୋଗ ସଂପୂର୍ଣ୍ଣ ଭିତ୍ତିହୀନ ।

ସଂପାଦକୀୟ

# ସୁପ୍ରିମ୍ ରାୟ

ଏକ ଗଣତାନ୍ତ୍ରିକ ରାଜନୈତିକ ବ୍ୟବସ୍ଥାରେ ସାଂବିଧାନିକ ନିୟମମାନଙ୍କର ଆବଶ୍ୟକତା କ'ଣ ? ଏ ପ୍ରଶ୍ନର ବୋଧହୁଏ ସର୍ବାଧିକ ଅନୁଶୀଳନାତ୍ମକ ଓ ଯୁକ୍ତିଯୁକ୍ତ ଉତର ଦେଇଛନ୍ତି ଜଣେ ନୋବେଲ୍ ପୁରସ୍କାର ବିଜେତା ଅର୍ଥନୀତିଜ୍ଞ, ଜେମ୍ସ ବୁକାନାନ୍। ଜିଓଫ୍ରି ବ୍ରେନାନ୍‌ଙ୍କ ସହିତ ମିଳିତ ଭାବରେ ସେ ୧୯୮୫ରେ ରଚନା କରିଥିବା ପୁସ୍ତକ 'ଦି ରିଜନ ଅଫ୍ ରୁଲ୍‌ସ: କନ୍‌ଷ୍ଟିଚ୍ୟୁସନାଲ୍ ପଲିଟିକାଲ୍ ଇକନୋମି'ରେ ବୁକାନାନ୍ ଏ ସମ୍ବନ୍ଧରେ ଉପସ୍ଥାପନ କରିଥିବା ମୌଳିକ ଯୁକ୍ତି ହେଉଛି ନିମ୍ନ ପ୍ରକାର। ଭାରତରେ ହାତ ଧାରା-୩୨୪ ଅନୁସାରେ ଦେଶର ପାର୍ଲିଆମେଂଟ ଉପରେ ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ନ୍ୟସ୍ତ କରିଥିଲା। ସଂବିଧାନର ଏହି ଧାରା ହେଉଛି ଦେଶର ନିର୍ବାଚନ ସମ୍ପର୍କିତ ସମସ୍ତ ବ୍ୟାପାରରେ ସର୍ବୋଚ୍ଚ ନିୟନ୍ତ୍ରକ ଭୂମିକା ନିର୍ବାହ କରୁଥିବା ସଂସ୍ଥା, 'ନିର୍ବାଚନ କମିସନ' ସମ୍ବନ୍ଧିତ। ଗଣତନ୍ତ୍ରର ମୂଳଭିତି ହେଉଛି ନିର୍ବାଚନ। ସୁଚାରୁ ରୂପେ ନିରପେକ୍ଷ ନିର୍ବାଚନ ପରିଚାଳନା ହେଉଛି ଏକ ପ୍ରକୃତ ଗଣତନ୍ତ୍ରର ପ୍ରଧାନ ଚରିତ୍ର। ମତଦାତାଙ୍କ ତାଲିକା ପ୍ରସ୍ତୁତି ଠାରୁ ଆରମ୍ଭ କରି ଅବାଧ ନିର୍ବାଚନ ପରିଚାଳନା ପର୍ଯ୍ୟନ୍ତ ଦାୟିତ୍ୱ ଓ ସେଥିପାଇଁ ଆବଶ୍ୟକ କ୍ଷମତା ନିର୍ବାଚନ କମିସନ୍‌ରଙ୍କ ଠାରେ ନ୍ୟସ୍ତ କରାଯାଇଛି। ନିର୍ବାଚନ କମିସନ୍‌ର ଦାୟିତ୍ୱରେ ଥାନ୍ତି ଜଣେ ମୁଖ୍ୟ ନିର୍ବାଚନ କମିସନର ଓ ଦୁଇଜଣ କମିସନର। ଏହି ଅଧିକାରୀମାନଙ୍କ ନିଯୁକ୍ତି ତେଣୁ ଆମର ଗଣତାନ୍ତ୍ରିକ ବ୍ୟବସ୍ଥା ନିମିତ ଅସୀମ ଗୁରୁତ୍ୱ ବହନ କରିଥାଏ। ସୁପ୍ରିମ୍‌କୋର୍ଟର ଏକ ପାଂଚଜଣିଆ ସାଂବିଧାନିକ ବେଂଚ ଯେଉଁ ସର୍ବସମ୍ମତ ରାୟ ଦେଇଛନ୍ତି, ତାହା ସୂଚୀତ ନିୟମଗତ ଶୂନ୍ୟସ୍ଥାନ ପୂରଣ କରିବାରେ ସହାୟକ ହେବ ବୋଲି ଆଶା କରାଯାଏ। କୋର୍ଟ କହିଛନ୍ତି ଯେ ଏଣିକି ରାଷ୍ଟ୍ରପତି ଆଉ କେବଳ କେନ୍ଦ୍ର ସରକାରଙ୍କର ସୁପାରିସ ଅନୁସାରେ ନିର୍ବାଚନ କମିସନରମାନଙ୍କୁ ନିଯୁକ୍ତ ନ କରି ଏକ ତିନି ଜଣିଆ କମିଟିର ସୁପାରିସ ଅନୁସରଣ କରିବେ। ଏହି କମିଟିର ସଦସ୍ୟମାନେ ହେବେ- ପ୍ରଧାନମନ୍ତ୍ରୀ, ଲୋକସଭାରେ ବିରୋଧୀ ଦଳ ନେତା ଓ ସୁପ୍ରିମ୍ କୋର୍ଟର ପ୍ରଧାନ ବିଚାରପତି। ସୂଚନାଯୋଗ୍ୟ ୨୦୧୫ରେ 'ଲ କମିସନ୍' ମଧ୍ୟ ଏଇଭଳି ଏକ ଚୟନ କମିଟି ଗଠନ ନିମିତ ପ୍ରସ୍ତାବ ଦେଇଥିଲେ। ଅବଶ୍ୟ ଅଦାଲତ ତାଙ୍କର ରାୟରେ ସ୍ପଷ୍ଟ କରି ଦେଇଛନ୍ତି ଯେ ଏହା ହେଉଛି ଏକ ସାମୟିକ ବ୍ୟବସ୍ଥା, ଯାହା ପାର୍ଲିଆମେଂଟ ଏ ସମ୍ପର୍କିତ ଆଇନ ପ୍ରଣୟନ କରିବା ପର୍ଯ୍ୟନ୍ତ କାର୍ଯ୍ୟ କରିବ। ଏହା ଯେ ଭାରତର ଗଣତାନ୍ତ୍ରିକ ପରିଚୟକୁ ପରିପୁଷ୍ଟ କରିବ, ଏଥିରେ ସନ୍ଦେହ ନାହିଁ। ସୁପ୍ରିମ୍ କୋର୍ଟ ନିଶ୍ଚିତ ରୂପେ ଏଥିପାଇଁ ଧନ୍ୟବାଦାର୍ହ ଓ ଆଶା କରାଯାଏ ଏହା ପାର୍ଲିଆମେଂଟକୁ ଏଥର ଅଥର୍ବତା ତ୍ୟାଗ କରି ନିଜର ସଂବିଧାନ ନିର୍ଦ୍ଦେଶିତ ଦାୟିତ୍ୱ ପାଳନ କରି ଆବଶ୍ୟକ ଆଇନ ପ୍ରଣୟନ କରିବାକୁ ପ୍ରବୃତ କରିବ। ନିର୍ବାଚନ କମିସନରମାନଙ୍କର ନିଯୁକ୍ତିକୁ ଆଦର୍ଶ ଶ୍ରେଣୀୟ କରିବା ପାଇଁ ସୁପ୍ରିମ୍ କୋର୍ଟଙ୍କର ଏହି ପଦକ୍ଷେପ କିନ୍ତୁ ଖୋଦ୍ ସୁପ୍ରିମ୍ କୋର୍ଟ ସମ୍ମୁଖରେ ଏକ ନୈତିକ ପ୍ରଶ୍ନ ଛିଡ଼ା କରାଇଥାଏ, ଯାହ ହେଉଛି ଆତ୍ମସମୀକ୍ଷା ମୂଳକ। ନିର୍ବାଚନ କମିସନରମାନଙ୍କର ଚୟନ ନିମିତ ସୁପ୍ରିମ୍ କୋର୍ଟ ଯଦି ଏକ କମିଟିର ଆବଶ୍ୟକତା ଅନୁଭବ କରୁଛନ୍ତି, ତେବେ ଅନୁରୂପ ସାଂବିଧାନିକ ଗୁରୁତ୍ୱ ବହନ କରୁଥିବା ସୁପ୍ରିମ୍ କୋର୍ଟର ବିଚାରପତିମାନଙ୍କ ଚୟନ ନିମତ ପାର୍ଲିଆମେଂଟ ଏକ ଆଇନ ପ୍ରଣୟନ ମାଧ୍ୟମରେ ଗଠନ କରିଥିବା କମିଟି 'ଏନ୍‌ଜେଏସି'କୁ ସୁପ୍ରିମ୍ କୋର୍ଟ କାହିଁକି ଅସିଦ୍ଧ ଘୋଷଣା କରି କଲେଜିଅମ୍ ନାମକ ନିଜେ ନିଜକୁ ନିଯୁକ୍ତ କରିବା ବ୍ୟବସ୍ଥାକୁ ବଳବତର ରଖିଛନ୍ତି ? ଏହା ଆମକୁ ଈଶ୍ୱରଙ୍କ ଅସ୍ତିତ୍ୱ ପ୍ରମାଣ କରିବା ପାଇଁ ସେଂଟ ଥମାସ୍ ଆକ୍ୱିନାସ୍ ତ୍ରୟୋଦଶ ଶତାବ୍ଦୀରେ ତାଙ୍କର ପ୍ରସିଦ୍ଧ 'ସମ୍ମା ଥିଓଲଜିକା'ରେ ବ୍ୟବହାର କରିଥିବା ଏକ ଯୁକ୍ତି ମନେ ପକାଇ ଦେଇଥାଏ। ସେଥିରେ ଆକ୍ୱିନାସ୍ କହିଥିଲେ ଯେ କୈଣସି ପଦାର୍ଥ ନିଜେ ନିଜକୁ ସୃଷ୍ଟି କରିପାରେ ନାହିଁ; ସେଥିପାଇଁ ଲୋଡ଼ା ଏକ ବାହ୍ୟ ଶକ୍ତି; କିନ୍ତୁ ଶେଷରେ ଏପରି ଏକ ପଦାର୍ଥ ଥାଏ ଯିଏ କୌଣସି ବାହ୍ୟ ଶକ୍ତି ଦ୍ୱାରା ସୃଷ୍ଟ ହୋଇନଥାଏ। ଏହି ମୂଳ ପଦାର୍ଥ ନିଜେ ନିଜକୁ ସୃଷ୍ଟି କରିଥାଏ; ଏହି ପଦାର୍ଥ ହିଁ ହେଉଛନ୍ତି-ଈଶ୍ୱର। କଲେଜିଅମ୍ ମାଧ୍ୟମରେ ବିଚାରପତିମାନେ ବିଚାରପତିମାନଙ୍କୁ ନିଯୁକ୍ତ କରିବା ଏହି ଆକ୍ୱିନାସ୍ ବର୍ଣ୍ଣିତ ଈଶ୍ୱର ସୁଲଭ ଆଚରଣ ଭଳି ମନେ ହୋଇନଥାଏ କି ?

# ଆଦିବାସୀ ମହିଳା ଅସ୍ମିତାର ପ୍ରତୀକ ସୋନି ସଲମା ପ୍ରିୟଦର୍ଶିନୀ



୧୯୮୯ ମସିହା ଜୁନ ୧୭ତାରିଖରେ କୋରାପୁଟ ଜିଲ୍ଲା ବନ୍ଧୁଗାଁ ବ୍ଲକର ଏକ ନିପଟ ଆଦିବାସୀ ଗାଆଁ ନିଲାବାଡ଼ିରେ ଆଦିବାସୀ ନେତ୍ରୀ ବିଦୁଲତା ହୁଇକା ଓ ବିଶିଷ୍ଟ ସମାଜସେବୀ ବାଦଲ କୁମାର ତାଙ୍କ ଔରସରୁ ଜନ୍ମ ଗ୍ରହଣ କରିଛନ୍ତି ସୋନି । ରାୟଗଡାସେକ୍ରେଡ ହାର୍ଟ ଓ ସୁନାବେଡ଼ା ପବ୍ଲିକ ସ୍କୁଲରେ ପାଠ ପଢି ରେଭେନ୍ସାରେଅଧ୍ୟୟନ ପରେ ସେ ଭୁବନେଶ୍ୱରରେ ଥିବା ସରକାରୀ ଇଞ୍ଜିନିୟରିଂ କଲେଜ ସିଇଟିରୁ ବିଟେକ୍କରିଛନ୍ତି । ଏକ ମେଧାବୀ ଛାତ୍ରୀ ହିସାବରେ ସର୍ବଦା ଶ୍ରେଣୀରେ ଫାଷ୍ଟ ଡିଭିଜନ ପାଇଛନ୍ତି । ପରେ ଆଇଆଇ ଟି ରୁ ଏମ୍ ଟେକ୍(ମାଷ୍ଟର ଇନ ଇଣ୍ଡଷ୍ଟ୍ରିଆଲ ଡିଜାଇନ) କରି ବିଭିନ୍ନ ଜାତୀୟ ତଥା ଆନ୍ତର୍ଜାତୀୟ କମ୍ପାନୀ ଯଥା ଟାଟା କନସଲ୍ଟାନ୍ସି, ଇନ୍ଫୋସିସ(ଏଜ୍ ? ଭର୍ବ), ବସ୍, ଓ୍ୱାଲ୍ ମାର୍ଟ, ଇଁଭିଜ, ଇତ୍ୟାଦି କମ୍ପାନୀରେ ଚାକିରି କରିଛନ୍ତି । ସେ ଆଇଆଇ ଟି ଓ ଏନ ଆଇ ଡି ଶିକ୍ଷା ଅନୁଷ୍ଠାନର ପ୍ରବେଶିକା ପରୀକ୍ଷାରେ ଏକାବେଳେକେ କୃତକାର୍ଯ୍ୟ ହୋଇଛନ୍ତି । ସିମ୍ବାୟୋସିସ ଅନୁଷ୍ଠାନରେ ମ୍ୟାନେଜମେଣ୍ଟ କରିବା ପାଇଁ ମଧ୍ୟ କୃତକାର୍ଯ୍ୟ ହୋଇଛନ୍ତି ।

ଜନ୍ମମାଟିରମୋହ ଅତି ପ୍ରବଳ ଥିଲା ତାଙ୍କର । କର୍ପୋରେଟ ପୃଥିବୀରୁ ବାହାରି ଆସି ଆଦିବାସୀ ସଉରାଲିପି'ସୋରା ସମପେଙ୍ଗ'କୁ ଡିଜିଟାଇଜେସନ କରିଛନ୍ତି । ଏଦିଗରେ ଏହି ଲିପିର ଉଦ୍ଭାବକ ମଙ୍ଗେଇ ଗମାଙ୍ଗଙ୍କ ସୁପୁତ୍ର ଡିନାନସ୍ମିନ ଗମାଙ୍ଗ ଓ ତାଙ୍କ ସହକର୍ମୀଙ୍କ ସହ ତାଙ୍କ ଗାଁ ମରିଚଗୁଡାରେ ମାସ ମାସ ଧରି ରହି ସେଠାର ସଂସ୍କୃତି, ଭାଷା ଓ ଲିପିର କିପରି ସମନ୍ୱୟ ଘଟିବ ସେଥିରେ ବ୍ରତୀ ଥିଲେ ସେ । ଏହି ଲିପିକୁ ମାଇକ୍ରୋସଫ୍ଟ ଓ ଗୁଗୁଲ ରେ ପଞ୍ଜିକୃତ କରିବାପାଇଁ ତାଙ୍କର ଉଦ୍ୟମ ଅବିସ୍ମରଣୀୟ ହୋଇ ରହିବ । ଡମ୍ବସରାରେ ଥିବା ସୌରା ଭାଷା ପ୍ରେସକୁ ଯାଇ ସ୍ୱର୍ଗତ ବୈସାର ଶବରଙ୍କ ପରିବାରକୁ ଭେଟି ଏହି ଭାଷାର କିପରି ପୁନରୁ□ାନ କରାଯାଇପାରିବ ସେବିଷୟରେ ଆଲୋଚନା କରିଛନ୍ତି । ଅନେକ କିଛି ସାମାଜିକ କାମରେ ମଧ୍ୟ ସଂପୃକ୍ତ ଥିଲେ ସୋନି । ଆଦିବାସୀ, ଅନାଥ ଓ ଦିବ୍ୟାଙ୍ଗ ଶିଶୁଙ୍କ ଗହଣରେ ରହି ସେମାନେ କିପରି ଆନିର୍ଭରଶୀଳ ହେବେ ସେଥିରେ ସେମାନଙ୍କୁ ଯଥାସମ୍ଭବ ସାହାଯ୍ୟ କରିଛନ୍ତି । ପ୍ରାକୃତିକ ଚାଷ, ଚିରସ୍ଥାୟୀ ଚାଷ, ଝିଗିଡିର ଢ୍ୱାକ୍ରା ପଦ୍ଧତିରେ ନିର୍ମିତ ଅଳଙ୍କାର ଓ ନିୟମଗିରିରେ ଡ଼ଙ୍ଗରିଆ ଆଦିବାସୀଙ୍କ ଦ୍ୱାରା ପ୍ରସ୍ତୁତ ସାଲ କପଡାଗୁନ୍ଦାର ସମ୍ମିଶ୍ରଣରେ ସୌନ୍ଦର୍ଯ୍ୟ ଉପକରଣର ପ୍ରସ୍ତୁତି, ସିଲାବସ ବିହୀନ ଏକ ଆଦିବାସୀ ବିଦ୍ୟାଳୟ ଖୋଲିବା, କିଛିଆଦିବାସୀ ଗାଆଁରେ ଡିଜିଟାଲ ଓ ଭର୍ଚୁଆଲ ଶିକ୍ଷା ପ୍ରଦାନ କରିବା, ଏକ ଭିନ୍ନ ଧରଣରଅର୍ଗାନିକ ଫାର୍ମ କରିବା, ମିଲେଟ୍ ଫୁଡ୍ ଓ ଡ୍ରିଙ୍କ ର ପ୍ରମୋସନ୍ କରାଇବା, ନିୟମଗିରିଡଙ୍ଗରିଆ କନ୍ଧଙ୍କ ପ୍ରସ୍ତୁତ ସାଲ୍ କୁ ଡାଇଭର୍ଶିଫିକେଶନ କରାଇବା, ଏଗ୍ରି ଓ ଫରେଷ୍ଟଓ୍ୱେଷ୍ଟ କୁ ପ୍ରକ୍ରିୟାକରଣ ପରେ କାମରେ ଲଗାଇବା, କାଠରୁ ନିର୍ମିତ ଉପକରଣର ବିକଳ୍ପ ଭାବେ ବାଉଁଶର ବହୁଳ ବ୍ୟବହାର,ଇତ୍ୟାଦି ଅନେକ ଯୋଜନାରେ ତାଙ୍କର କିଛି ସାଥି ଓ ଆଇଆଇ ଟି ପ୍ରଫେସରମାନେ ସାହାଯ୍ୟ କରୁଥିଲେ । ଅନେକସୃଷ୍ଟିକାରୀ ଶକ୍ତିର ଅଧିକାରୀ ଓ ଅଦମ୍ୟ ସାହାସୀ ଥିଲେ ସେ । ଜଣେ ରିସର୍ଚ୍ଚର, ଶିକ୍ଷୟତ୍ରୀ, ସଙ୍ଗୀତଜ୍ଞ, ଆର୍ଟିଷ୍ଟ, ଦକ୍ଷ ଓ କୁଶଳୀ ପର୍ବତାରୋହୀ, ଖେଳାଳୀ ମଧ୍ୟଥିଲେ । ସାତ ବର୍ଷର ଶିଶୁ ଓ ସତୁରୀ ବର୍ଷର ବୃଦ୍ଧଙ୍କ ସହ ଅତି ସହଜରେ ବନ୍ଧୁତା ଜମାଇପାରୁଥିଲେ ସେ । ବିଭିନ୍ନ ପ୍ରକାରର ପୁସ୍ତକକୁ ପଢୁଥିଲେ ଓ ଜଣେ ଭୋରାସିଅସ ରିଡର୍ଥିଲେ । ବାରିଝୋଲା ସ୍ଥିତ ଘରେ ଏକ ଲାଇବ୍ରେରୀ ସ୍ଥାପନ କରିଥିଲେ । ଜନ୍ମର ୩୨ ପରେ ସେସବୁସୃଷ୍ଟିକାରୀ ଶକ୍ତି ଓ ରାୟଗଡା ପାଇଁ କରିଥିବା ଯୋଜନାର ଅପଚୟ ହେଲା । ବିଧିରବିଧାନ ଓ ନିୟତିର ନିଷ୍ଠୁରତା ଓ ତାର ମଧୁର ସ୍ମୃତିକୁ ନେଇ ସାରା ଜୀବନ ଝୁରିବ ଏ ମାଟି ରାୟଗଡା ।

# ବିକଳ୍ପ ଦେବ ବେରୋଜଗାରୀରୁ ମୁକ୍ତି

ପଂଚାନନ ଦାସ

ଆମେ କାହିଁକି ବେରୋଜଗାର ହେବା ଆମେ ରାସ୍ତା ଖୋଜିବାରେ ବିଫଳ, ତେଣୁ ବେରୋଜଗାର । ରାସ୍ତା ଖୋଜିପାରିଲେ ବେରୋଜଗାରୀରୁ ମୁକ୍ତି ମିଳିବ । ଯଦି ବିକାଶ, ମାନେ ମଣିଷର ଜୀବନଶୈଳୀରେ ଉନ୍ନତି ଆଣିବା ତେବେ ବେରୋଜଗାରୀ ମୁଖ୍ୟ ପ୍ରସଙ୍ଗ ହେବା ଉଚିତ । ବର୍ତ୍ତମାନ କେବଳ ଭାରତରେ ନୁହେଁ ସମଗ୍ର ବିଶ୍ୱରେ ବେକାରୀ ସମସ୍ୟା ଏକ ଗମ୍ଭୀର ପ୍ରସଙ୍ଗ । ବେରୋଜଗାରୀ ଆପଣଙ୍କ ଏବଂ ଆପଣଙ୍କ ପରିବାର ପାଇଁ ଏକ ଘୋର ସମସ୍ୟା ହୋଇପାରେ । ଆପଣ ନିଜକୁ ଅଦରକାରୀ ଅନୁଭବ କରିପାରନ୍ତି, ଟଙ୍କା ଏବଂ ଉଚ୍ଚଶିକ୍ଷା ଆପଣଙ୍କ ଉନ୍ନତିରେ ଏକ ପ୍ରତିବନ୍ଧକ ବୋଲି ଆପଣ ଭାବିପାରନ୍ତି ଏବଂ ଏପରି ଭାବନା ଆପଣଙ୍କ ମାନସିକସ୍ତରରେ ଅଧିକ ପକାଇବାର ସମ୍ଭାବନା ଥାଇପାରେ । ପରିସ୍ଥିତି ଅସମ୍ଭବ ମନେ ହୋଇପାରେ, କିନ୍ତୁ ଉପରକୁ ଉଠିବାର ଆଶା ସବୁବେଳେ ରହିବା ଉଚିତ । ଅନେକ ଲୋକ ପୂର୍ବରୁ ଏପରି ଦୁର୍ଦ୍ଦଶା ମଧ୍ୟରେ ଗତି କରିଛନ୍ତି ଏବଂ ତାକୁ ନିସ୍ତାର ସହ ମୁକାବିଲା କରି ପ୍ରସିଦ୍ଧି ଲାଭ କରିଛନ୍ତି ।

ଆଜିର କୋଟିପତିଙ୍କର ପ୍ରାୟ ଏକ-ତୃତୀୟାଂଶ (୩୦%) ସ୍ନାତକ ଡିଗ୍ରୀ ପାଇନାହାଁନ୍ତି । ଉଚ୍ଚଶିକ୍ଷା ସହିତ ଧନୀ ହେବାର ରାସ୍ତା ଖୋଲାଯାଇପାରେ, କିନ୍ତୁ ଏହା ଏକ ଆବଶ୍ୟକତା ନୁହେଁ। ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଉଛି କୌଣସି ଆନୁଷ୍ଠାନିକ ଶିକ୍ଷା ସମାପ୍ତ କରିବା ପରେ ତୁମର ଶିକ୍ଷାକୁ ଆଗକୁ ବଢ଼ାଇବା ପାଇଁ ନିରନ୍ତର ଉପାୟ ଖୋଜିବା । କଥାରେ ଅଛି- ଆନୁଷ୍ଠାନିକ ଶିକ୍ଷା ଆପଣଙ୍କୁ ରୋଜଗାର ଦେବ, କିନ୍ତୁ ଆତ୍ମଶିକ୍ଷା ଆପଣଙ୍କୁ ଭାଗ୍ୟ ଦେବ । ଆଜୀବନ ଛାତ୍ର ହେବାକୁ ଏବଂ ନିଜ ଆତ୍ମଶିକ୍ଷାକୁ ନିୟମିତ ଭାବରେ ବର୍ଦ୍ଧିତ କରିବାକୁ ଆଜି ନିଷ୍ପତି ନିଅନ୍ତୁ। ଆତ୍ମଶିକ୍ଷାକୁ ବର୍ଦ୍ଧିତ କରିବା, ମାନେ ସମ୍ଭାବନାକୁ ଖୋଜିବା । ଜନସଂଖ୍ୟା ବୃଦ୍ଧି ଏବଂ ଆଜିକାର ଯୁବପିଢ଼ି ଚାକିରିର ବିକଳ୍ପ ଖୋଜିବାରେ ଅସମର୍ଥ ହେବାରୁ ଭାରତରେ ବେକାରୀ ସମସ୍ୟା ଉତ୍କଟ ହେବାରେ ଲାଗିଛି । ସେଂଟର ଫର ମନିଟରିଂ ଇଣ୍ଡିଆନ ଇକୋନୋମୀ ତଥ୍ୟ ଅନୁସାରେ, ଡିସେମ୍ବର ୨୦୨୨ରେ ବେକାରୀ ହାର ନଭେମ୍ବରରେ ୮ ପ୍ରତିଶତରୁ ୮.୩ ପ୍ରତିଶତକୁ ବୃଦ୍ଧି ପାଇଛି । ଶିଳ୍ପାୟନକୁ ତ୍ୱରାନ୍ୱିତ କରିବାକୁ, ଭିତିଭୂମି ପର୍ଯ୍ୟାପ୍ତ ପରିମାଣରେ ବିକଶିତ କରିବାକୁ, କୃଷି ଉପରେ ଚାପ ହ୍ରାସ କରିବାକୁ, ପାରମ୍ପରିକ ହସ୍ତତନ୍ତ ଶିଳ୍ପଗୁଡ଼ିକର ପୁନରୁଦ୍ଧାର କରିବାକୁ, ଧନ୍ଦାମୂଳକ ଶିକ୍ଷା ଏବଂ ଯୁବପିଢିଙ୍କର ଦକ୍ଷତା ବିକାଶ କରିବା ଉଦ୍ଦେଶ୍ୟରେ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି ଏବଂ ଆତ୍ମନିର୍ଭର ହେବାପାଇଁ ବିଭିନ୍ନ ଯୋଜନା ପ୍ରଣୟନ କରିଛନ୍ତି।

ଇଞ୍ଜିନିୟରିଂ ପଢ଼ିଲାବେଳେ ପିଲାମାନଙ୍କୁ ଚାକିରିର ବିକଳ୍ପ ବିଷୟରେ ସମ୍ପୂର୍ଣ୍ଣ ଅବଗତ କରାଇବା ସଙ୍ଗେ ସଙ୍ଗେ ବିଭିନ୍ନ ସଫଳତାର କାହାଣୀ ମାଧ୍ୟମରେ ତାଙ୍କୁ ଉତ୍ସାହିତ କରାଇଲେ କିଛି ପିଲା ଚାକିରିକୁ ପ୍ରାଧାନ୍ୟ ନଦେଇ ଆତ୍ମନିର୍ଭରଶୀଳ ହେବାପାଇଁ ଉଦ୍ୟମ କରିପାରନ୍ତେ, ଯାହା ଦେଶରେ ରୋଜଗାର ସୃଜନ କରିବାରେ ସହାୟକ ହୋଇପାରନ୍ତା । ବିନା ଉଚ୍ଚଶିକ୍ଷା ଏବଂ ବିନା ଅର୍ଥରେ କେମିତି ନିଜ ବୁଦ୍ଧିବଳରେ ଲୋକମାନେ ସଫଳତା ହାସଲ କରିଛନ୍ତି, ଟଙ୍କା ବିଷୟରେ ପଢୁନାହାଁନ୍ତି । ଯେଉଁ ପିଲାମାନେ ସାଇବର କ୍ରାଇମରେ ଲିପ୍ତ ସେମାନେ ନିଶ୍ଚୟ ବୁଦ୍ଧିମାନ । ସେମାନେ ଯଦି ଅନ୍ୟମାନଙ୍କର ସଫଳ କାହାଣୀ ପଢ଼ି ନିଜକୁ ସଶକ୍ତ କରନ୍ତେ, ତେବେ ସେମାନେ ଅନେକ ଲୋକଙ୍କ ପାଇଁ ରୋଜଗାରର ସୁବିଧା ସୃଷ୍ଟି କରିପାରନ୍ତେ ।

ଭାରତ ବିଶ୍ୱର ବୃହତମ ମତ୍ସ୍ୟ ଉତ୍ପାଦନକାରୀ ଦେଶମାନଙ୍କ ମଧ୍ୟରୁ ଅନ୍ୟତମ ଏବଂ ବିଶ୍ୱ ଉତ୍ପାଦନରେ ୭.୫୮% ଅଂଶୀଦାର । ଭାରତର ମୋଟ୍ ମୂଲ୍ୟ ଯୋଗରେ ୧.୨୪% ଏବଂ କୃଷି ମୂଲ୍ୟ ଯୋଗରେ ୭.୨୮% ପାଖାପାଖି ଯୋଗଦାନ ରହି ଆସିଅଛି, ମତ୍ସ୍ୟ ଏବଂ ଜଳଜ ପାଳନ ଲକ୍ଷ ଲକ୍ଷ ଲୋକଙ୍କ ପାଇଁ ଖାଦ୍ୟ, ପୁଷ୍ଟିକର ଖାଦ୍ୟ, ଆୟ ଏବଂ ଜୀବିକାର ଏକ ଗୁରୁତ୍ୱପୂର୍ଣ୍ଣ ଉତ୍ସ ହୋଇ ରହିଆସିଛି । ମତ୍ସ୍ୟ ଏବଂ ଜଳଜ ପାଳନ ବହୁତ ଲୋକଙ୍କ ପାଇଁ ଖାଦ୍ୟ, ପୁଷ୍ଟିକର ଖାଦ୍ୟ, ରୋଜଗାର ଏବଂ ଆୟର ଏକ ଗୁରୁତ୍ୱପୂର୍ଣ୍ଣ ଉତ୍ସ ହୋଇ ରହିଥାଏ । ବାସ୍ତବରେ, ଏହି କ୍ଷେତ୍ର ପ୍ରାଥମିକ ସ୍ତରରେ ପ୍ରାୟ ୨୮ ନିୟୁତ ମତ୍ସ୍ୟଜୀବୀ ଏବଂ ମତ୍ସ୍ୟଚାଷୀଙ୍କୁ ଜୀବିକା ଯୋଗାଇଥାଏ ଏବଂ ମୂଲ୍ୟ ଶୃଙ୍ଖଳା ସହିତ ଦୁଇଗୁଣ ଅଧିକ । ମତ୍ସ୍ୟ ପ୍ରାଣୀ ପ୍ରୋଟିନର ଏକ ସୁଲଭ ଏବଂ ସମୃଦ୍ଧ ଉତ୍ସ ହୋଇ କ୍ଷୁଧା ଏବଂ ପୁଷ୍ଟିକର ଅଭାବକୁ ହ୍ରାସ କରିବା ପାଇଁ ଏକ ସୁସ୍ଥ ବିକଳ୍ପ । ଆୟ ବୃଦ୍ଧି କରିବା ଏବଂ ହିତାଧିକାରୀଙ୍କ ପାଇଁ ଆର୍ଥିକ ସମୃଦ୍ଧତା ଆଣିବା ପାଇଁ ଏହାର ଅପାର ସମ୍ଭାବନା ଅଛି । ତେଣୁ ଏହି ମହତ୍ୱପୂର୍ଣ୍ଣ ଅଙ୍ଗର ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ନୀତି ଏବଂ ଆର୍ଥିକ ସହାୟତା ମାଧ୍ୟମରେ ମତ୍ସ୍ୟ କ୍ଷେତ୍ରକୁ ନିରନ୍ତର ଧ୍ୟାନ ଦିଆଯିବା ଜରୁରି । ମତ୍ସ୍ୟଚାଷର ବିକାଶ ଏବଂ ଏହି କ୍ଷେତ୍ରରେ ଅପାର ସମ୍ଭାବନାକୁ ଧ୍ୟାନରେ ରଖି ଭାରତ ସରକାର ୨୦୨୦ ମେ' ମାସରେ ଏକ ଫ୍ଲାଗସିପ୍ ସ୍କିମ୍ "ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦା ଯୋଜନା' ଅନୁମୋଦନ କରିଛନ୍ତି ।

୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ବଜେଟ୍ ଉପସ୍ଥାପନ କରି କେନ୍ଦ୍ର ଅର୍ଥମନ୍ତ୍ରୀ ଏସ୍. ନିର୍ମଳା ସୀତାରମଣ ତାଙ୍କ ଅଭିଭାଷଣରେ ୨୦୨୨-୨୩ ବର୍ଷ ତୁଳନାରେ ଋଣ ୨୦୨୨-୨୩ର ବଜେଟରେ ୩୮.୪୫% ବୃଦ୍ଧି କରି ୨୨୪୮.୭୭ କୋଟି ଆବଂଟନ ଘୋଷଣା କରିଛନ୍ତି । ଆହୁରି ମଧ୍ୟ ସେ 'ପ୍ରଧାନମନ୍ତ୍ରୀ ମତ୍ସ୍ୟ କିଷାନ ସମୃଦ୍ଧି ସହଯୋଜନା' ନାମକ ଏକ ନୂତନ ଉପଯୋଜନା ଘୋଷଣା କରିଛନ୍ତି । ଏହା ଅଧୀନରେ କେନ୍ଦ୍ରୀୟ କ୍ଷେତ୍ର ସବ-ସ୍କିମ୍ ୬,୦୦୦ କୋଟି ଟଙ୍କା ବିନିଯୋଗ ସହିତ ମତ୍ସ୍ୟଜୀବୀ, ମାଛ ବିକ୍ରେତା ଏବଂ ମାଇକ୍ରୋ ଏବଂ କ୍ଷୁଦ୍ର ଉଦ୍ୟୋଗୀମାନଙ୍କର ଆୟ ଏବଂ ଆୟକୁ ଆହୁରି ବଢ଼ାଇବା ଉଦ୍ଦେଶ୍ୟରେ ଘୋଷଣା କରାଯାଇଛି। ଏହି ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ ହେଲା- କେନ୍ଦ୍ରିତ ହସ୍ତକ୍ଷେପ ମାଧ୍ୟମରେ ମତ୍ସ୍ୟକ୍ଷେତ୍ରର ଔପଚାରିକତା ଆଣିବା ଏବଂ ଏଥିରେ ଡିଜିଟାଲ ଅନ୍ତର୍ଭୁକ୍ତୀକରଣ, ପୁଞ୍ଜି ବିନିଯୋଗ ଏବଂ କାର୍ଯ୍ୟକ୍ଷମ ପୁଞ୍ଜିପାଇଁ ଅନୁଷ୍ଠାନିକ ଅର୍ଥର ସୁବିଧା, ଜଳଚର ଏବଂ ମତ୍ସ୍ୟଙ୍କ ବିପଦକୁ ହ୍ରାସ କରିବା ପାଇଁ ପ୍ରଣାଳୀ ଏବଂ ଅନୁଷ୍ଠାନଗୁଡ଼ିକୁ ପ୍ରୋତ୍ସାହିତ କରିବା ଏବଂ ମତ୍ସ୍ୟକ୍ଷେତ୍ରର ମାଇକ୍ରୋ ଉଦ୍ୟୋଗଗୁଡ଼ିକୁ ପ୍ରୋତ୍ସାହିତ କରିବା, ଗ୍ରାହକଙ୍କ ପାଖରେ ସୁରକ୍ଷିତ ମାଛ ଉତ୍ପାଦ ବିତରଣ ପାଇଁ ଯୋଗାଣ ଶୃଙ୍ଖଳା ପ୍ରତିଷ୍ଠା ମାଧ୍ୟମରେ ମାଇକ୍ରୋ ଏବଂ କ୍ଷୁଦ୍ର ଉଦ୍ୟୋଗଗୁଡ଼ିକ ଉତ୍ସାହିତ କରିବା, ଏହି କ୍ଷେତ୍ରର ମହିଳାମାନଙ୍କ ପାଇଁ ଚାକିରି ସୃଷ୍ଟି ଏବଂ ରକ୍ଷଣାବେକ୍ଷଣ ପାଇଁ ପ୍ରୋତ୍ସାହନ।

ପଂଚାୟତ ସ୍ତରରେ ମତ୍ସ୍ୟ ସମବାୟ ସମିତି ସମେତ ପ୍ରାଥମିକ ସମବାୟ ସମିତି ଗଠନ ଉପରେ ବଜେଟ୍ ? ଭାଷଣ ଉପରେ ଗୁରୁତ୍ୱାରୋପ କରାଯାଇଛି । ତୃଣମୂଳ ସ୍ତରରେ ସମବାୟ ସମିତି ଗଠନ ଏହି କ୍ଷେତ୍ରକୁ ଆନୁଷ୍ଠାନିକ କରିବ ଏବଂ ମତ୍ସ୍ୟଜୀବୀ ତଥା ମତ୍ସ୍ୟଚାଷୀଙ୍କୁ ମତ୍ସ୍ୟ ଉତ୍ପାଦନ ଏବଂ ଏହାର ଅମଳ ପରବର୍ତୀ କାର୍ଯ୍ୟକଳାପକୁ ସଂଗଠିତ ଢଙ୍ଗରେ କାର୍ଯ୍ୟକାରୀ କରିବାକୁ ସଶକ୍ତ କରିବ ।

କୃଷି ଏବଂ ସହଯୋଗୀ କ୍ଷେତ୍ର ପାଇଁ ଋଣ ଲକ୍ଷ୍ୟକୁ ପଶୁପାଳନ, ଦୁଗ୍ଧ ଏବଂ ମତ୍ସ୍ୟଚାଷ ଉପରେ ଧ୍ୟାନଦେଇ ୨୦ଲକ୍ଷ କୋଟିକୁ ବୃଦ୍ଧି କରାଯିବ ବୋଲି ଘୋଷଣା କରାଯାଇଛି । ଏହା ମତ୍ସ୍ୟକ୍ଷେତ୍ର ପାଇଁ ଅନୁଷ୍ଠାନିକ ଅର୍ଥର ପ୍ରବାହକୁ ଯଥେଷ୍ଟ ଉନ୍ନତ କରିବ । ଚିଙ୍ଗୁଡ଼ି ଫିଡ୍ ପାଇଁ ଆବଶ୍ୟକ କେତେକ ଇନପୁଟ୍ ଉପରେ ଆମଦାନୀ ଶୁଳ୍କ ହ୍ରାସ କରିବାକୁ ଘୋଷଣା ଆମଦାନୀ ମୂଲ୍ୟ ଏବଂ ଉତ୍ପାଦନ ମୂଲ୍ୟ ହ୍ରାସ କରିବ ବୋଲି ଆଶା କରାଯାଏ, ଫଳସ୍ୱରୂପ ଜଳଚର ରପ୍ତାନିକୁ ବୃଦ୍ଧି ଏବଂ ପ୍ରୋତ୍ସାହିତ କରିବ। ମାଛ ଭୋଜନ ଉପରେ ମୌଳିକ କଷ୍ଟମ୍‌ସ ଡ୍ୟୁଟିରେ ୧୫%ରୁ ୫%, କ୍ରିଲ ଭୋଜନରେ ୧୫%ରୁ ୫%, ଶିବାଳ ପ୍ରାଇମ(ଗୁଣ୍ଡ)ରେ ୩୦%ରୁ ୧୫%, ମାଛ ଲିପିଡ୍ ତେଲ ଉପରେ ୩୦%ରୁ ୧୫% ଏବଂ ହ୍ରାସ ଜଳୀୟ ଫିଡ୍ ଉତ୍ପାଦନ ପାଇଁ ଖଣିଜ ଏବଂ ଭିଟାମିନ୍ ପ୍ରିମିକ୍ସଗୁଡ଼ିକ ୧୫%ରୁ ୫% ପର୍ଯ୍ୟନ୍ତ ଫିଡ୍ ମୂଲ୍ୟ ହ୍ରାସ କରିବ, ଘରୋଇ ଫିଡ୍‌କୁ ପ୍ରୋତ୍ସାହିତ କରିବ ଏବଂ ଭାରତୀୟ ଚିଙ୍ଗୁଡ଼ି ରପ୍ତାନି ପ୍ରତିଯୋଗିତାରେ ଯଥେଷ୍ଟ ଉନ୍ନତି କରିବ ବୋଲି ଆଶା କରାଯାଉଛି । ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦା ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ ହେଲା- ମତ୍ସ୍ୟ ଉତ୍ପାଦନ ଏବଂ ଉତ୍ପାଦକତା, ଗୁଣବତା, ପ୍ରଯୁକ୍ତିବିଦ୍ୟା, ଅନୁସନ୍ଧାନ ଯୋଗ୍ୟତା, ଅମଳ ପରବର୍ତୀ ଭିତିଭୂମି ଏବଂ ପରିଚାଳନାରେ ଘରୋଇ କ୍ଷେତ୍ରର ଅଂଶଗ୍ରହଣ ପାଇଁ ଏକ ଅନୁକୂଳ ପରିବେଶ ସୃଷ୍ଟି, ଉଦ୍ୟୋଗର ବିକାଶ, ସହଜତାକୁ ପ୍ରୋତ୍ସାହିତ କରିବା । ବ୍ୟବସାୟ, ଉଦ୍ଭାବନ ଏବଂ ଅଭିନବ ପ୍ରକଳ୍ପ କାର୍ଯ୍ୟକଳାପ, ଷ୍ଟାର୍ଟ ଅପ୍, ମତ୍ସ୍ୟ ବିଭାଗରେ ଇନକ୍ୟୁବେଟର ପ୍ରୋତ୍ସାହିତ କରିବା । ଦକ୍ଷତା ବିକାଶ ଏବଂ ଉଦ୍ଭାବନ ମାଧ୍ୟମରେ ଯୁବକ ଏବଂ ମହିଳାଙ୍କୁ ସଶକ୍ତ କରିବାକୁ ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦା ଯୋଜନା ଲକ୍ଷ୍ୟ ରଖିଛି ।

ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦା ଯୋଜନା ଅନ୍ତର୍ଗତ ଉଦ୍ଦିଷ୍ଟ ହିତାଧିକାରୀମାନେ ହେଉଛନ୍ତି– ମତ୍ସ୍ୟଜୀବୀ, ମତ୍ସ୍ୟଚାଷୀ, ମତ୍ସ୍ୟ କର୍ମଚାରୀ ଏବଂ ମତ୍ସ୍ୟ ବିକ୍ରେତା, ମତ୍ସ୍ୟ ବିକାଶ ବିକାଶ ନିଗମ, ମତ୍ସ୍ୟ କ୍ଷେତ୍ରରେ ସ୍ୱୟଂସହାୟକ ଗୋଷ୍ଠୀ/ ମିଳିତ ଦାୟିତ୍ୱ ଜିଆର ଗୋଷ୍ଠୀ, ମତ୍ସ୍ୟ ସମବାୟ ସମିତି, ମତ୍ସ୍ୟ ଫେଡେରେସନ, ଉଦ୍ୟୋଗୀ ଏବଂ ବେସରକାରୀ ସଂସ୍ଥା, ମତ୍ସ୍ୟ କୃଷକ ଉତ୍ପାଦକ ସଂଗଠନ/ କମ୍ପାନୀଗୁଡ଼ିକ, ମହିଳା/ଭିନ୍ନକ୍ଷମ ବ୍ୟକ୍ତି, ରାଜ୍ୟ ସରକାର ଏବଂ ସେମାନଙ୍କର ସଂସ୍ଥା ଅନ୍ତର୍ଭୁକ୍ତ, ରାଜ୍ୟ ମତ୍ସ୍ୟ ବିକାଶ ବୋର୍ଡ, କେନ୍ଦ୍ର ସରକାର ଏବଂ ଏହାର ସଂସ୍ଥା ।

ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦା ଯୋଜନାରେ ଭଦ୍ରକ ଜିଲ୍ଲାର ଥାଇଲା ଗାଁର କୈଳାଶ ପରିଡ଼ାଙ୍କର ସଫଳ ମତ୍ସ୍ୟଚାଷର କାହାଣୀ ଉଦାହରଣସ୍ୱରୂପ ଭାରତ ସରକାରଙ୍କ ଓ୍ୱେବସାଇଟରେ ଉଲ୍ଲେଖ କରାଯାଇଛି । ମତ୍ସ୍ୟଚାଷ ଆରମ୍ଭ କରିବା ପାଇଁ ୭ଟି ପୋଖରୀକୁ ଲିଜ୍ ନେଇଥିବା ସ୍ଥାନୀୟ କୃଷକ ଶ୍ରୀ ପରିଡ଼ା ପୋଖରୀ ଏବଂ ଜଳ ଗୁଣବତା ପରିଚାଳନା ପ୍ରକଳ୍ପ ଦଳ ଦ୍ୱାରା ଆୟୋଜିତ ଏକ ତାଲିମ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ମଧୁର ଜଳ ଜଳଚର କେନ୍ଦ୍ରୀୟ ପ୍ରତିଷ୍ଠାନ(ସିଫା), ଭୁବନେଶ୍ୱର ଏବଂ ଜାତୀୟ ମତ୍ସ୍ୟ ବିକାଶ ବୋର୍ଡ, ହାଇଦ୍ରାବାଦ ପ୍ରୋଜେକ୍ଟ ଟିମ୍ ଭାବରେ ସହାୟତା ପ୍ରଦାନ କରିଥିଲେ ।

ହାଇଦ୍ରାବାଦର ଆର୍ଥିକ ସହାୟତାରେ ପ୍ରୋଜେକ୍ଟ ଟିମ୍ ପୋଖରୀଗୁଡ଼ିକୁ ଷ୍ଟକ୍ କରିବାରେ ପ୍ରାଜେକ୍ଟ ଟିମ୍ ତାଙ୍କୁ ସମର୍ଥନ କରିଥିଲେ । ପରେ ପ୍ରକଳ୍ପ ଦଳର ପର୍ଯ୍ୟାୟକ୍ରମେ ହସ୍ତକ୍ଷେପ ସହିତ ଶ୍ରୀ ପରିଡ଼ା ସଫଳତାର ସହିତ ଚାଷ କରି ପ୍ରାୟ ୮୦୦ କିଲୋଗ୍ରାମ ମାଛ ବିକ୍ରି କରିଥିଲେ । ସେଥିମଧ୍ୟରୁ ୪୦% (୩୨୦ କିଲୋଗ୍ରାମ) ଭାକୁଡ ଏବଂ ବାକି ୪୮୦ କିଲୋଗ୍ରାମ ରୋହି, ମୀରକଲି ଥିଲା । ଆହୁରି ମଧ୍ୟ ସେ ୭-୮ ମାସର ସ୍ୱଳ୍ପ ସଂସ୍କୃତି ଅବଧି ମଧ୍ୟରେ ତାଙ୍କ ପୋଖରୀରୁ ୪୫୦-୫୫୦ ଗ୍ରାମ ପେଙ୍ଗବା'ର ଉତ୍କୃଷ୍ଟ ଅଭିବୃଦ୍ଧି ହାସଲ କରିଥିଲେ । ଆଗକୁ ଯାଇ ସେ ପେଙ୍ଗବା କିଲୋପ୍ରତି ୩୦୦-୩୫୦ ଟଙ୍କା ବିକ୍ରୟ ମୂଲ୍ୟ ଆଶା କରୁଛନ୍ତି । ଏମିତି ବହୁତ ଯୁବତୀ ଯୁବକ ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦା ଯୋଜନା ମାଧ୍ୟମରେ ଆତ୍ମନିର୍ଭର ହୋଇଛନ୍ତି, ଆପଣ ମଧ୍ୟ ହୋଇପାରିବେ । ଭାରତ ବିଶ୍ୱର ବୃହତମ ମତ୍ସ୍ୟ ଉତ୍ପାଦନକାରୀ ଦେଶମାନଙ୍କ ମଧ୍ୟରୁ ଅନ୍ୟତମ ଏବଂ ବିଶ୍ୱ ଉତ୍ପାଦନରେ ୭.୫୮% ଅଂଶୀଦାର । ଭାରତର ମୋଟ୍ ମୂଲ୍ୟ ଯୋଗରେ ୧.୨୪% ଏବଂ କୃଷି ମୂଲ୍ୟ ଯୋଗରେ ୭.୨୮% ପାଖାପାଖି ଯୋଗଦାନ ରହି ଆସିଅଛି, ମତ୍ସ୍ୟ ଏବଂ ଜଳଜ ପାଳନ ଲକ୍ଷ ଲକ୍ଷ ଲୋକଙ୍କ ପାଇଁ ଖାଦ୍ୟ, ପୁଷ୍ଟିକର ଖାଦ୍ୟ, ଆୟ ଏବଂ ଜୀବିକାର ଏକ ଗୁରୁତ୍ୱପୂର୍ଣ୍ଣ ଉତ୍ସ ହୋଇ ରହିଆସିଛି।

# ନେତାର ଆତ୍ମକାହାଣୀ

ପ୍ରିୟବ୍ରତ ପଣ୍ଡା

ହଁ ମୁଁ ଜଣେ ନେତା । ମତେ ସମସ୍ତେ କହନ୍ତି ନେଇ ନେଇ ନେତା । ଆଉ ଅନ୍ୟମାନେ ପାଂଚ ବର୍ଷରେ ଭୋଟ ଖଣ୍ଡେ ଯେଉଁମାନେ ଦିଅନ୍ତି ସେମାନେ ଦାତା। ଆଉ ସେମାନେ ସମସ୍ତଙ୍କ ଦୃଷ୍ଟିରେ ମହାନ୍, ନିରୀହ, ସରଳ ସର୍ବସାଧାରଣ, ଆଉ ମୁଁ କୁଆଡ଼େ ଦୁର୍ନୀତିଗ୍ରସ୍ତ, ଖରାପ ଲୋକ, କୁଚକ୍ରୀ, ଚରିତ୍ରହୀନ ତଥା ଖଳନାୟକ ରୂପେ ମୋର ପରିଚୟ। ସବୁ ଜାଗାରେ ମୁଁ ଥାଏ, ଯେଉଁଠି ପାଞ୍ଚଜଣ ଏକାଠି ହୁଅନ୍ତି, ଚାଆ ଖଟିରୁ ଆରମ୍ଭ କରି ଗାଁ ତୁଠଯାଏ, ଯାତ୍ରୀବାହୀ ବସ୍ ବା ଟ୍ରେନ୍‌ରୁ ଆରମ୍ଭ କରି ଖବରକାଗଜ ପୃଷ୍ଠାଯାଏ ମୁଁ ଆଲୋଚନାର ବିଷୟବସ୍ତୁ । ମୋର ପରିଚୟ– ମୁଁ ଜଣେ ଖରାପ ଲୋକ। ଆଲୋଚନା ଶେଷ ହୁଏ ମୋ ଭଳି ଲୋକ ଯୋଗୁଁ ଦେଶଟା ନଷ୍ଟ ହେଇଗଲା। ସେମାନେ ଦେଇଥିବା ମୂଲ୍ୟବାନ ଭୋଟ୍‌ଟା ପାଣିରେ ପଡ଼ିଗଲା। ସତେଯେମିତି ଭୋଟ ଖଣ୍ଡେ ନୁହଁ ତ, ହୀରା ମୁଣ୍ଡା କି ଜମି ଦି' ବାଟି ଦେଇଥିଲେ ଭାଡ ମେଁ ଚଲାଗୟା ।

ଭାଇ ସତ କହିଲେ ! ଆପଣମାନଙ୍କର କ'ଣ କିଛି ମୋ ଭିତରେ ଥିବା ପ୍ରକୃତି ବା ପ୍ରବୃତି ନାହିଁ। ଭାଇ, ଆପଣ କ'ଣ ଦରମା ପାଇସାରିଲା ପରେ ଉତ୍କୋଚ ନେଇନଥାନ୍ତି, ଆପଣଙ୍କର କ'ଣ ପର ସମ୍ପତିରେ ଲୋଭ ନଥାଏ । ପରଚର୍ଚ୍ଚା କରିନଥାନ୍ତି। ତାହେଲେ ମୋର ଭୁଲ୍ କେଉଁଠି ରହିଲା। ମୋର କ'ଣ ପରିବାର ନାହିଁ ନା ପିଲାଛୁଆ ନାହାଁନ୍ତି । ତାହେଲେ ତୁମେ ମୋଠୁ ଭାଇ କୋଉ ଗୁଣରେ କମ୍। ତୁମ ପଡ଼ିଶା ଯାହାକୁ ତୁମେ ନିଜର ବୋଲି ଭାବ ଦରକାର ପଡ଼ିଲେ ପୋଲିସ ଗିରଫ କରି ଜିପ୍‌ରେ ବସାଇ ରାତିରେ ଉଠେଇ ନେଲାବେଳେ ସେମାନେ ଘରର ଆଲୁଅ ଲିଭେଇ ଅନ୍ଧାରରେ ବାଲକୋନୀରୁ ଲୁଚି ଦେଖିଥାନ୍ତି, ସେତେବେଳେ ତୁମ ପୁଅ ମୋ ଘରକୁ ଦୌଡ଼େ କି ନାହିଁ, ରାତିଅଧରେ ମେଡିକାଲ ଯିବାପାଇଁ ପଡ଼ିଲେ ମୋତେ ଖୋଜ ନା, ଥାନାକୁ ଗଲେ ମୁଁ, ଶ୍ମଶାନରେ ମୁଁ, ବାହା, ବ୍ରତ, ଜନ୍ମଦିନ ଭଲ ମନ୍ଦରେ ମୋର ସହଯୋଗ ଲୋଡ଼ା ପଡ଼େ କି ନାହିଁ । ପୁଅର ଚାକିରି, ଝିଅର ନାଁ ଲେଖାରେ ମୋର ସୁପାରିସ ତୁମେ ଚାହଁ କି ନାହିଁ । ଏମିତିକି ତୁମେ ତ ମତେ ଅନେକ ଥର କହିଛ ମନ୍ତ୍ରୀଙ୍କୁ କହି ମୋ ପୁଅର ଚାକିରି ବା ଝିଅର ମେଡିକାଲରେ ସିଟ୍‌ଟିଏ କରେଇ ଦେଲେ, ତୁମେ ଯେତେ ପଇସା କହିବ ଦେବି। ଆରେ ମୋର କ'ଣ ଲାଭ ଦରକାର ନାହିଁ। ତୁମେ ଦେଲ ମୁଁ ତ ନେଲି ମୋର ଦୋଷ କୋଉଠି ରହିଲା । ମୁଁ ତ ଛଡ଼େଇ ନେଇନି । ତୁମ ସ୍ୱାର୍ଥ ହାସଲ ପାଇଁ ମତେ ନବା ଶିଖେଇଛ।

ଆଉ ଗୋଟେ କଥା ଜାଣିଛ ନା, ତୁମେ ଗୋଟିଏ ଦିନରେ ତିନିଟି ନିମନ୍ତ୍ରଣ ପଡ଼ିଗଲେ କେତେ ବ୍ୟସ୍ତ ହୁଅ, ଯାତ୍ରାଜନିତ କଷ୍ଟ ହଉ ବା ଉପହାରଜନିତ ଆର୍ଥିକ ଚାପ ପାଇଁ କେତେ ବ୍ୟସ୍ତ ହୁଅ, ଗୋଟିଏ ଯୋଡ଼ିଏରେ ମୁହଁ ମାରିଦେଇ ତୁମେ ହିଁ କୁହ– ମୋର ବନ୍ଧୁ କଟିଯାଉ ବରଂ ଏତେ ଜାଗା ଯାଇପାରିବିନି । କିନ୍ତୁ ମୁଁ ଜଣେ ନେତା । ମୋର ପାରିଶ୍ରମିକ ପାଂଚ ବର୍ଷରେ ଖଣ୍ଡିଏ ଭୋଟ । ମତେ ଗୋଟିଏ ଦିନରେ ପାଂଚ ଜାଗା ଯିବା ପାଇଁ ଗାଡ଼ି ଖର୍ଚ୍ଚ, ରାତି ଅଧ ପର୍ଯ୍ୟନ୍ତ ସମୟ ଆଉ ଉପହାର ପାଇଁ ଲଫାପାଜନିତ ଚାପ ସହିବାକୁ ପଡ଼େ, ସେକଥା ନକହିଲେ ଭଲ। ମୋର ପରିବାରକୁ ଅବହେଳା କରି ତୁମରି ପାଇଁ ସମୟ ଦିଏ, ତାର ମୂଲ୍ୟ କ'ଣ ତୁମେ ଦେଇପାରିବ । ଆଉ ମୁଁ ଯେହେତୁ ରାଜନୀତିରେ ଅଛି ଏବଂ ଜଣେ ନେତା, ନଗଲେ ନଚଳେ, ବରଂ ବର ନଆସିଲେ ଚଳିବ, ଅନ୍ୟ ପାତ୍ରରେ ବିବାହ ଦେଇହବ, ମୁଁ ମୁହଁ ନମାରିଲେ ବିନା ଖର୍ଚ୍ଚରେ ମୋର ସପ୍ତପୁରୁଷ ପିଣ୍ଡଦାନ ଥୟ, ତାହା ସହିତ ଭୋଟ ବ୍ୟାଙ୍କ ବାଲାନ୍‌ସଜନିତ କ୍ଷତି ସହିବାକୁ ପଡ଼େ।

ଭାଇ ! ଗଣେଶ ପୂଜା, ଟୁର୍ଣ୍ଣାମେଂଟ, ଦୁର୍ଘଟଣାରେ ଷଣ୍ଢର ମୃତ୍ୟୁ, ଅଷ୍ଟପ୍ରହରୀ, ବାର୍ଷିକ ଉତ୍ସବରେ ମତେ ନିଶ୍ଚୟ ନିମନ୍ତ୍ରଣରେ ଡାକରା ଥାଏ । ସମସ୍ତେ ଦେଖନ୍ତି, ତାହା ପରର ଅଦୃଶ୍ୟ ଯନ୍ତ୍ରଣା କେହି ଦେଖିପାରନ୍ତି ନାହିଁ, ସ୍ଥାନ ଛାଡ଼ିବା ପୂର୍ବରୁ କୋଉଠି ପାଂଚରୁ ପଚିଶ ହଜାର ଦାନାର୍ଥେ ଚତୁର୍ଥୀ । ଆରେ ସେମାନେ ମତେ ଭଲପାଇ ଡାକନ୍ତିନି, ଡାକନ୍ତି ମୋଟା ଖର୍ଚ୍ଚ ଉଠାଇବା ପାଇଁ। ମୁଁ ତାଙ୍କୁ ଦେବାପାଇଁ ହେଲେ କୋଉଠୁ ଆଣିବି। ସେପାଇଁ ପାଂଚ ଆଡ଼େ ଜିଭ ବୁଲାଏ। ମଦ ଦୋକାନୀକୁ ପୁଲିସଠୁ ରକ୍ଷା କରିବା ଫି, ଡ୍ରେନ ବା ରାସ୍ତା କାମ କରେଇ ଦେଇଥିବା ଠିକାଦାରଠୁ କମିସନି, ବଦଳି କରେଇ ଦେଇଥିବା ଫି, ଚୋରା କବାଡ଼ିବାଲାଠୁ ସୁରକ୍ଷା ଫି, ଥାନାବାବୁଙ୍କଠୁ ଫି ଆଦାୟ କରେ । ତେଣୁ ରାସ୍ତା ବା ଡ୍ରେନ, ଆଇନ ଶୃଙ୍ଖଳାର ଅବସ୍ଥା ଯାହା ହୁଏ ଆପଣଙ୍କୁ ଜଣା । କିନ୍ତୁ ଆପଣମାନେ ଗାଳି ଦିଅନ୍ତି ମତେ, ଠିକାଦାରକୁ ଓ ଯନ୍ତ୍ରୀକୁ, ପୁଲିସକୁ ।

ଭାଇମାନେ ! ମୋ ରାଣ ମତେ କହିଲ, ତୁମେ ଚାକିରି, ବ୍ୟବସାୟ କରି ଗୋଟିଏ ପରିବାର ଚଳାଇବା ତୁମକୁ ନିଅଂଟ ପଡୁଛି ଯେ ତୁମେ ଲାଞ୍ଚ ଆଉ ଭେଜାଲ କରୁଛ । ଏତେ ସେବା କରି ନିର୍ବାଚନ ଆସିଲେ ଗାନ୍ଧୀ ମୁଣ୍ଡ ଦର୍ଶନ, ନାଲି ପାଣି, କୁକୁଡ଼ା ସେବନ କରେଇଲା ପରେ କଷ୍ଟ ଲାଗେ ଯେ ତୁମେ ତୁମ ଭୋଟ ସହ ଆଉ କିଛି ଭୋଟ ମୋର ବିପକ୍ଷକୁ ଦେଇ ମତେ କୁହ– ତୁମକୁ ପଚାଶ ଖଣ୍ଡ ଭୋଟ୍ କରେଇ ଦେଇଛି । କହିଲ ଭାଇ ! ଏହାପରେ ଯଦି ମତେ ବେଇମାନ୍ ? କହୁଛ, ତୁମକୁ କ'ଣ କୁହାଯିବ ?

ଭାଇ ଖରାପ ଭାବନି, ମୋର ଏଟା ଦୋଷ ନୁହେଁ । ଦୋଷ ଆମ ସମସ୍ତଙ୍କର। ମୁଁ କେବଳ ଭାତହାଣ୍ଡିରୁ ଗୋଟିଏ । ଆରେ ମହାପୁରୁଷ ପରା କହିଯାଇଛନ୍ତି– ମେରେ ଦେଶ୍ ମେଁ ଅଶି ପ୍ରତିଶତ ଆଦମୀ ବେଇମନ୍, ଫିର୍ଭି ମେରା ଭାରତ ମହାନ୍। ଜୟ ହୋ । ଆଉ ମୁଁ ଅନେକ ପରିବାର ବା ସଂସ୍ଥାକୁ ଚଳାଇବା ପାଇଁ ଯଦି କିଛି ସେବା ବାବଦକୁ ଫି' ନେଇ ପୁଣି ତୁମରିମାନଙ୍କୁ ଚାନ୍ଦା ବା ଦାନ ଆକାରରେ ଦଉଛି, ତୁମ ସେବା କରୁଛି, ତୁମ ଦୁଃଖେ ସୁଖରେ ଅଛି, ତା' ପରେ ବି ପଇସା ଯାଚି ହଉ ବା ମାଗି ହଉ, ତୁମେମାନେ ମତେ ଦଉଛ ତାହେଲେ ମୋ ମନରେ ପ୍ରଶ୍ନ ଉଠୁଛି– ଯେ ମଣିଷକୁ ଖରାପ କଲା କିଏ ସେ ପାଇଁ କିଏ ଦାୟୀ– ମୁଁ ନାଁ ଆପଣ ଟିକେ ସୁଧୀଜନେ ଉତର କରିବେ ନିଶ୍ଚୟ। ଅନ୍ତତଃ ଆଗାମୀ ଦିନରେ ମୋର ଯଦି ଭୁଲ୍ ଥାଏ ନିଜକୁ ସଂଶୋଧନ କରିବି ।



# ବିମାନରେ ଯାତ୍ରୀଙ୍କ ପାଇଁ ଦେବଦୂତ ସାଜିଲେ ଡାକ୍ତର

ଭାରତୀୟ ବଂଶୋଦ୍ଭବ ଡାକ୍ତର ବିମାନରେ ଜଣେ ଯାତ୍ରୀଙ୍କ ପାଇଁ ସାଜିଲେ ଦେବଦୂତ। ତାହା ବି ଥରେ ନୁହେଁ, ଦୁଇ ଦୁଇ ଥର। ଉକ୍ତ ଯାତ୍ରୀଙ୍କୁ ହୃଦଘାତ ହୋଇଥିଲା। ସେ ହଠାତ୍ ଚେତା ହରାଇ ପଡ଼ିଗଲେ। ସେତେବେଳେ ସେହି ବିମାନରେ ଥିବା ୪୩ ବର୍ଷିୟ ଡାକ୍ତର ବିଶ୍ୱରାଜ ଭେମଲା ତାଙ୍କୁ ବଞ୍ଚାଇବାକୁ ଉଦ୍ୟମ କରିଥିଲେ। ଡାକ୍ତର ବିଶ୍ୱରାଜ ଭେମଲା ବର୍ମିଂହାମର ହସ୍ପିଟାଲରେ କନ୍‌ସଲଟାଣ୍ଟ ହେପାଟୋଲଜିଷ୍ଟ ଅଛନ୍ତି। ଡାକ୍ତର ବିଶ୍ୱରାଜ ୧୦ ଘଣ୍ଟା ଫ୍ଲାଇଟ୍‌ରେ ବସିଥିଲେ, ଯେତେବେଳେ ଏହି ଘଟଣା ଘଟିଲା। ଏହାପରେ ସେ ବିମାନରେ ଥିବା ମେଡିକାଲ ଜିନିଷ ଓ ଅନ୍ୟ ଯାତ୍ରୀଙ୍କ ଠାରୁ କିଛି ସାମଗ୍ରୀ ନେଇ ପୀଡ଼ିତ ଯାତ୍ରୀଙ୍କର ଜୀବନ ବଞ୍ଚାଇଥିଲେ। ୟୁନିଭର୍ସିଟି ହସ୍ପିଟାଲ୍ସ ବର୍ମିଂହମ୍ ମୁତାବିକ, ଡାକ୍ତର ଭେମଲା ନଭେମ୍ବରରେ ଏୟାର ଇଣ୍ଡିଆର ବିମାନରେ ବ୍ରିଟେନରୁ ଭାରତ ଆସୁଥିଲେ। ତାଙ୍କୁ ବେଙ୍ଗାଲୁରୁରୁ ନିଜ ମାଆଙ୍କୁ ଲଣ୍ଡନ ନେଇଯିବାର ଥିଲା। ଲଣ୍ଡନରୁ ଭାରତର ଉଡ଼ାଣ ବେଳେ ହଠାତ୍ କେବିନ କ୍ରୁ ଡାକ୍ତରଙ୍କୁ ଡାକିବା ଆରମ୍ଭ କରି ଦେଲେ। ଜଣେ ଯାତ୍ରୀଙ୍କୁ ହୃଦଘାତ ହୋଇଛି। ସେ ହଠାତ୍ ବିମାନର କରିଡରରେ ଖସି ପଡ଼ିଲେ। ଘୋଷଣା ଶୁଣିବା କ୍ଷଣି ଡାକ୍ତର ଭେମଲା ତତ୍କାଳ ତାଙ୍କ ଆଡ଼କୁ ଦୌଡିଲେ ଏବଂ ତାଙ୍କର ଚିକିତ୍ସାରେ ଲାଗିଗଲେ। ପାଖାପାଖି ୨ଘଣ୍ଟାର ଅକ୍ଲାନ୍ତ ପରିଶ୍ରମ ପରେ ରୋଗୀଙ୍କ କୌଣସି ପ୍ରକାରେ ଚେତା ଆସିଲା। ଏହାପରେ ଡାକ୍ତର କ୍ରୁଙ୍କୁ ପଚାରିଥିଲେ କି ଫ୍ଲାଇଟ୍‌ରେ କେଉଁ ପ୍ରକାରର ମେଡିକାଲ ସୁବିଧା ରହିଛି। ସୌଭାଗ୍ୟବଶତଃ ସେଠାରେ ମେଡିକାଲ କିଟ୍ ସହ ଲାଇଫ୍ ସପୋର୍ଟ ସିଷ୍ଟମ ମଧ୍ୟ ଉପସ୍ଥିତ ଥିଲା। ହେଲେ ଏଥିରେ ଏମିତି କୌଣସି ଇକ୍ୱିପମେଣ୍ଟ ନଥିଲା, ଯେଉଁଥିରେ ପୀଡ଼ିତ ବ୍ୟକ୍ତିଙ୍କ ସ୍ଥିତିକୁ ମନିଟର କରାଯାଇ ପାରିବ। ଏହାପରେ ଡାକ୍ତର ଅନ୍ୟ ପାସେଞ୍ଜରଙ୍କୁ ସାହାଯ୍ୟ ମାଗିଲେ। ପାସେଞ୍ଜରମାନେ ତାଙ୍କୁ ହାର୍ଟରେଟ୍ ମନିଟର, ବ୍ଲଡ୍ ପ୍ରେସର ମେସିନ, ପଲ୍ସ ଅକ୍ସିମିଟର ଓ ଗ୍ଲୁକୋଜ ମିଟର ଯୋଗାଇ ଦେଲେ। ରୋଗୀଙ୍କର ଅବସ୍ଥା ଠିକ୍ ହେବାରେ ଲାଗିଲା ଏବଂ ସେ ଡାକ୍ତରଙ୍କ ସହ କଥାବାର୍ତ୍ତା କରିବାକୁ ଲାଗିଲେ।



# ପାରିଶ୍ରମିକର ପ୍ରଭେଦକୁ ନେହାଙ୍କ ନାପସନ୍ଦ

ବଲିଉଡ୍‌ରେ ୨୦ ବର୍ଷର ଦୀର୍ଘ କ୍ୟାରିୟର୍ ଭିତରେ ନେହା ଧୁପିୟା ନାନା ରକମର ଚରିତ୍ରରେ ଅଭିନୟ କରିଛନ୍ତି ଏବଂ ଏହି ସମୟ ମଧ୍ୟରେ ହିନ୍ଦୀ ସିନେମା ଶିଳ୍ପରେ ହୋଇଥିବା ବ୍ୟାପକ ପରିବର୍ତ୍ତନକୁ ସେ ଅତି ନିକଟରୁ ଦେଖିଛନ୍ତି। ତାଙ୍କ ଦୃଷ୍ଟିରେ ବଲିଉଡ୍‌ର କାହାଣୀରେ ବିବର୍ତ୍ତନ ହୋଇଛି ଏବଂ ଏହାର ପ୍ରତିନିଧିତ୍ୱ ମଧ୍ୟ ବ୍ୟାପକ ହୋଇଛି। ତେବେ ବଲିଉଡ୍‌ରେ ଆଉ କେତେ ଦିଗ ନେଇ ଅଧିକ ବିତର୍କ ହେବା ଜରୁରୀ ବୋଲି ସେ ଅନୁଭବ କରନ୍ତି। ସେ ମଧ୍ୟରୁ ଅଭିନେତା ଓ ଅଭିନେତ୍ରୀଙ୍କୁ ମିଳୁଥିବା ପାରିଶ୍ରମିକରେ ଥିବା ପ୍ରଭେଦ ପ୍ରମୁଖ। ନେହା ଏକଥା ସ୍ମରଣ କରିଦେଇଛନ୍ତି ଯେ ପ୍ରିୟଙ୍କା ଚୋପ୍ରା, ଲାରା ଦତ୍ତ, ଶାହିଦ କପୁର ପ୍ରମୁଖ ତାଙ୍କ ସହିତ ଏକା ସମୟରେ ଅଭିନୟ ଆରମ୍ଭ କରିଥିଲେ। ସେମାନଙ୍କ ଚଳଚ୍ଚିତ୍ର ତାଲିକା ବହୁତ ଅଲଗା ସତ, ହେଲେ ସେମାନଙ୍କୁ ଅଭିନୟ ପାଇଁ ମିଳୁଥିବା ଦେୟର ଲିଙ୍ଗଗତ ତୁଳନା କରିବା ଏବଂ ସେଥିରେ ଥିବା ପ୍ରଭେଦକୁ ଦୂର କରିବା ଗୁରୁତ୍ୱପୂର୍ଣ୍ଣ ବୋଲି ନେହା କହିଛନ୍ତି। ମନୋରଞ୍ଜନ ଶିଳ୍ପରେ ଜଣେ ଅଭିନେତ୍ରୀର ସଫଳତା ପାଇଁ ସେ କିଛି ଉପଦେଶ ଦେଇଛନ୍ତି। ଆଜିର ଦିନରେ ଯଦି ତୁମ ଇନ୍‌ଷ୍ଟାଗ୍ରାମ୍ ପରିଚିତିରେ ଅଭିନେତ୍ରୀ, ଉପସ୍ଥାପିକା, ମାଆ ଇତ୍ୟାଦି ଲେଖା ହୋଇନାହିଁ ତେବେ ତୁମେ ସଫଳ ହୋଇପାରିବ ନାହିଁ। ଏଭଳି କହିବାର ଅର୍ଥ ହେଲା ଜଣେ ଅଭିନେତା କେବଳ ଗୋଟିଏ ପେସା ସହିତ ସଂଶ୍ଳିଷ୍ଟ ରହିବାର ଦିନ ସରିଯାଇଛି। ସେଥିପାଇଁ ନେହା ଏକାଧିକ କାମ କରିବା ଓ ଏକାଧିକ ସ୍ୱୀକୃତି ହାସଲ କରିବା ଉପରେ ବିଶ୍ୱାସ କରନ୍ତି। ତେଣୁ ପ୍ରତି ଦିନ ସେ ନିଜର କ୍ୟାରିୟର୍ ଲକ୍ଷ୍ୟ ହାସଲ ପାଇଁ କଠିନ ପରିଶ୍ରମ କରୁଛନ୍ତି। ୨୦୦୨ରେ 'ଫେମିନା ମିସ୍ ଇଣ୍ଡିଆ' ମୁକୁଟ ଜିଣିବା ପରେ ୨୦୦୩ର 'କୟାମତ' ଚଳଚ୍ଚିତ୍ରରୁ ତାଙ୍କର ଅଭିନୟ ଯାତ୍ରା ଆରମ୍ଭ ହେଇଥିଲା। ଏ ବର୍ଷ ଆରମ୍ଭରେ ତାଙ୍କ ଅଭିନୀତ 'ଏ ଥର୍ସଡେ' ଚଳଚ୍ଚିତ୍ର ମୁକ୍ତିଲାଭ କରିଥିଲା ଯେଉଁଥିରେ ସେ ଜଣେ ଗର୍ଭବତୀ ପୋଲିସ ଭୂମିକାରେ ଦେଖାଦେଇଥିଲେ। ରୋଚକ କଥା ହେଲା ସୁଟିଂ ବେଳେ ସେ ପ୍ରକୃତରେ ଆଠ ମାସର ଗର୍ଭବତୀ ଥିଲେ।

# ହୋଟେଲ ବିଲ୍ ୧୪କୋଟି ଟଙ୍କା



ଦୁବାଇର ଜଣେ ରେଷ୍ଟୋରାଁ ମାଲିକ ନିଜର ସୋସିଆଲ ମିଡିଆ ଆକାଉଣ୍ଟରେ ଏକ ବିଲ ସେୟାର କରିଛନ୍ତି। ଯେଉଁଥିରେ ନୂଆବର୍ଷରେ ୧୪କୋଟିର ବିଲ କଟିଥିବା ଦେଖିବାକୁ ମିଳୁଛି। ମର୍କ ତୁର୍କମେନ ଇନଷ୍ଟାଗ୍ରାମରେ ଏକ ବିଲର ଫଟୋ ସେୟାର କରିଛନ୍ତି। ଡାଉନଟାଉନର ଏକ ରେଷ୍ଟୋରାଁ ୧୮ଜଣ ଗ୍ରାହକ ବସିଥିବା ଟେବୁଲକୁ ୧୪କୋଟି ଟଙ୍କାର ବିଲ ପଠାଇଥିଲା। ତେବେ ଏହା ସ୍ପଷ୍ଟ ହୋଇନାହିଁ କି ମର୍କଙ୍କୁ ଏହି ବିଲ ପୈଠ କରିବାର ଥିଲା ନା ସେ କେବଳ ଏହି ବିଲର ଫଟୋ ପୋଷ୍ଟ କରିଛନ୍ତି। ସେ ସମ୍ପୂର୍ଣ୍ଣ ବିବରଣୀ ନଦେଇ ଷ୍ଟୋରୀର ଟାଇଟଲ ଦେଇଛନ୍ତି, 'ନଟ ଫାଷ୍ଟ ନଟ ଲାଷ୍ଟ'। ଟୁଇରିଷ୍ଟ ଓ ରେଜିଡେଣ୍ଟସ ଗତ ଶନିବାର ନୂତନ ବର୍ଷର ପାଳନ ପାଇଁ ଏରିଆରେ ରେଷ୍ଟୋରାଁ ବୁକିଂ କରିଥିଲେ। ତେବେ ଏହା ପ୍ରଥମ ଘଟଣା ନୁହେଁ, ଏହା ପୂର୍ବରୁ ବି ଏମିତି ଘଟଣା ଘଟିଛି। ଯାହାର ବିଲ ସୋସିଆଲ ମିଡିଆରେ ପୋଷ୍ଟ ହୋଇଥିଲା। ଆଉ ଭାଇରାଲ ବି ହୋଇ ଯାଇଥିଲା। ଯାହାକୁ ଦେଖି ଲୋକେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ଏହି କ୍ରମରେ ଦେଖିବାକୁ ଗଲେ କିଛିଦିନ ତଳେ ଏକ ରେଷ୍ଟୋରାଁ ୩୭ବର୍ଷ ପୂର୍ବର ଅର୍ଥାତ ୧୯୮୫ମସିହାର ଏକ ଖାଦ୍ୟ ବିଲ ସେୟାର କରିଥିଲା। ଏହି ବିଲ ଦେଖି ସୋସିଆଲ ମିଡିଆ ବ୍ୟବହାରକାରୀ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ବାସ୍ତବରେ ୨୦୧୩ ଅଗଷ୍ଟ ୧୨ରେ ସେୟାର କରାଯାଇଥିବା ଏହି ପୋଷ୍ଟ ପୁଣି ଥରେ ଭାଇରାଲ ହୋଇଥିଲା। ଏଥିରେ ଦିଲ୍ଲୀର ଲାଜପତ ନଗର ଅଞ୍ଚଳସ୍ଥିତ ଲଜିଜ ରେଷ୍ଟୋରାଁ ଓ ହୋଟେଲ ୧୯୮୫ ମସିହା ଡିସେମ୍ବର ୨୦ର ଏକ ବିଲ ସେୟାର କରିଥିଲା। ଏହି ବିଲରେ ଗ୍ରାହକ ସାହି ପନୀର, ଡାଲ ମଖନି, ରାୟତା ଓ କିଛି ରୁଟିର ପ୍ଲେଟ ଅର୍ଡର କରିଥିଲେ। ଏଥିରେ ପ୍ରଥମ ଦୁଇଟି ବ୍ୟଞ୍ଜନ ପାଇଁ ୮ଟଙ୍କା ଓ ରାୟତା ପାଇଁ ୫ଟଙ୍କା ଓ ରୁଟି ପ୍ଲେଟ ପାଇଁ ୬ଟଙ୍କା ମୂଲ୍ୟ ରହିଛି। ଅର୍ଥାତ ପୂରା ରାଶି ୨୬ଟଙ୍କା ରହିଥିବା ଦେଖିବାକୁ ମିଳିଥିଲା।

# ମାଙ୍କଡ଼ ଛଡ଼ାଇନେଲା ୧ ଲକ୍ଷ ଟଙ୍କା

ମାଙ୍କଡ଼କୁ ନେଇ ଅନେକ ଘଟଣାର ଭିଡିଓ ସାମ୍ନାକୁ ଆସିଥାଏ। ନିକଟରେ ମାଙ୍କଡ଼ ଜଣେ ମହିଳାଙ୍କ ଠାରୁ ୧ଲକ୍ଷରୁ ଅଧିକ ଟଙ୍କା ଥିବା ଏକ ବ୍ୟାଗକୁ ଛଡ଼ାଇ ନେଇଥିବା ଘଟଣା ସାମ୍ନାକୁ ଆସିଛି। ଏଭଳି ଏକ ଘଟଣା ଥାଇଲ୍ୟାଣ୍ଡର ସିସାକେଟସ୍ଥିତ ଏକ ପାର୍କରେ ଘଟିଛି। ଏହି ପାର୍କକୁ ଜଣେ ବୃଦ୍ଧା ବୁଲିବାକୁ ଆସିଥିଲେ। ଏହି ବୃଦ୍ଧାଙ୍କ ବୟସ ୫୫ବର୍ଷ ପାଖାପାଖି ହେବ। ବୃଦ୍ଧାଙ୍କ ସାମ୍ନାକୁ ହଠାତ ମାଙ୍କଡ଼ଙ୍କ ଏକ ଦଳ ଚାଲି ଆସିଥିଲେ। ସେହି ସମୟରେ କେହି କିଛି ବୁଝିବା ପୂର୍ବରୁ ଏକ ମାଙ୍କଡ଼ ବୃଦ୍ଧା ଠାରୁ ଟଙ୍କା ଭର୍ତ୍ତି ବ୍ୟାଗ ଛଡ଼ାଇ ଗଛ ଉପରକୁ ଚାଲି ଯାଇଥିଲା। ଏହି ବ୍ୟାଗରେ ୧ଲକ୍ଷ ଟଙ୍କାରୁ ଅଧିକ ଟଙ୍କା ଥିବା ବୃଦ୍ଧା ଜଣକ କହିଥିଲେ। ତେବେ ବ୍ୟାଗରେ ଯେତେବେଳେ ମାଙ୍କଡ଼ କିଛି ଖାଇବାକୁ ପାଇ ନଥିଲା, ସେ ଏକ ପାହାଡ ଉପରକୁ ଯାଇ ବ୍ୟାଗକୁ ତଳକୁ ଫିଙ୍ଗି ଦେଇଥିଲା। ବ୍ୟାଗଟି ଏକ ଗାଡ଼ାରେ ଖସି ପଡ଼ିଥିଲା। ସେହି ଗାଡ଼ାରୁ ବୃଦ୍ଧା ଜଣକ ବ୍ୟାଗ ଆଣିବାକୁ ସକ୍ଷମ ନଥିଲେ। ତେଣୁ ବୃଦ୍ଧା ଜଣକ ପାର୍କ ରେଞ୍ଜର୍ସଙ୍କୁ ସମ୍ପର୍କ କରିଥିଲେ। ଏହାପରେ ପାର୍କ ରେଞ୍ଜର୍ସ ଉକ୍ତ ଗାଡ଼ା ଭିତରୁ ମହିଳାଙ୍କ ବ୍ୟାଗକୁ ଆଣିଥିଲେ। ବୃଦ୍ଧା ଜଣକ ପୁଣିଥରେ ତାଙ୍କ ଟଙ୍କା ଭର୍ତ୍ତି ବ୍ୟାଗକୁ ପାଇ ପାରିଥିବାରୁ ପାର୍କ ରେଞ୍ଜର୍ସଙ୍କୁ ଧନ୍ୟବାଦ ଜଣାଇଥିଲେ।

# ଭାରତର ଯୋଗ ଶିକ୍ଷକଙ୍କ ପ୍ରେମରେ ଚାଇନା ଛାତ୍ରୀ

ଚାଇନାରେ ରହୁଥିବା ଜଣେ ଯୁବତୀ ଛତିଶଗଡ଼ରେ ରହୁଥିବା ଜଣେ ଶିକ୍ଷକଙ୍କ ପ୍ରେମରେ ପଡ଼ି ଯାଇଥିଲେ। ଉକ୍ତ ଶିକ୍ଷକଙ୍କ ନାମ ଲୋକେଶ କୁମାର ବୋଲି ଜଣାପଡ଼ିଛି। ନିକଟରେ ଲୋକେଶ ଏକ ଭିଡିଓ ସେୟାର କରି ନିଜ ପ୍ରେମକାହାଣୀ ସମସ୍ତଙ୍କ ସହିତ ସେୟାର କରିଛନ୍ତି। ଏହି ଭିଡିଓରେ ଲୋକେଶ କହିଛନ୍ତି, 'ଛତିଶଗଡ଼ର ଧମତରି ଜିଲ୍ଲାରେ ମୁଁ ବସବାସ କରେ। ମୋର ବାପା ପେସାରେ ଜଣେ ଚାଷୀ ଭାବେ କାମ କରନ୍ତି। ଚାରିଜଣ ଭାଇଭଉଣୀଙ୍କୁ ନେଇ ମୋର ପରିବାର। ପିଲାଟି ଦିନରୁ ଯୋଗ ପ୍ରତି ମୋର ଦୁର୍ବଳତା ଥିଲା। ତେଣୁ ପାଠପଢ଼ିବା ପରେ ମୁଁ ହରିଦ୍ୱାରକୁ ଚାଲି ଯାଇଥିଲି। ଆର୍ଥିକ ସଙ୍କଟ ହେତୁ ବିଶ୍ୱବିଦ୍ୟାଳୟରେ ମୋର ଭର୍ତ୍ତି ହୋଇ ପାରି ନଥିଲା। ପରେ ଜଣେ ସାଙ୍ଗଙ୍କ ସାହାଯ୍ୟରେ ଭର୍ତ୍ତି ହୋଇଯାଇଥିଲା। ଏହାପରେ ମୁଁ ଯୋଗରେ ପୋଷ୍ଟ ଗ୍ରାଜୁଏସନ କରି ଚାକିରି ପାଇଁ ଦିଲ୍ଲୀ ଚାଲି ଯାଇଥିଲି। କିଛିବର୍ଷ ଦିଲ୍ଲୀରେ ରହିବା ପରେ ଚାଇନା ଯାଇଥିଲି। ସେଠାରେ ଥିବା ଭାରତୀୟ ଇନଷ୍ଟିଚ୍ୟୁଟରେ ଯୋଗ ଶିକ୍ଷକ ଆବଶ୍ୟକ ଥିଲା। ମୁଁ ଏହି ପୋଷ୍ଟ ପାଇଁ ଆବେଦନ କରିଥିଲି, ଆଉ ଚୟନ ବି ହୋଇଯାଇଥିଲା। ଏଠାରେ ମୋର ସାକ୍ଷାତ ହାଉ ଜୋଙ୍ଗ ନାମରେ ଜଣେ ଛାତ୍ରୀଙ୍କ ସହିତ ହୋଇଥିଲା। ହାଉ ମୋ ପାଖକୁ ଯୋଗ ଶିଖିବା ପାଇଁ ଆସିଥାଆନ୍ତି। କିଛିଦିନ ପରେ ହାଉ ମୋତେ ଭଲ ପାଆନ୍ତି ବୋଲି ପ୍ରସ୍ତାବ ଦେଇଥିଲେ। ଏହାପରେ ହାଉ ବିଷୟରେ ଘରେ ଜଣାଇଥିଲି। ପରିବାର ଲୋକଙ୍କ ସହମତିରେ ୨୦୧୯ରେ ଆମ ଦୁହିଁଙ୍କ ବିବାହ ହୋଇଥିଲା। ଲୋକେଶ ଓ ହାଉଙ୍କ ଏକ ସନ୍ତାନ ରହିଛି। ଯାହାର ନାମ ସେ ରୁଷିଆ ରଖିଛନ୍ତି।



# ଲୁଲୋ ରୋଜ୍



ମଧ୍ୟ ଆଫ୍ରିକାର ଏକ ଦେଶ ଅଙ୍ଗୋଲାରେ ମିଳିଛି ଏକ ବିରଳ ଗୋଲାପୀ ହୀରାର ସନ୍ଧାନ। ପ୍ରାୟ ୩୦୦ ବର୍ଷ ପରେ ଏହାକୁ ସବୁଠାରୁ ବଡ ହୀରା କୁହାଯାଉଛି। ଏହା ଏକ ୧୭୦ କ୍ୟାରେଟ୍ ଗୋଲାପୀ ହୀରା ଯାହାକୁ ଲୁଲୋ ରୋଜ୍ କୁହାଯାଏ। ଅଙ୍ଗୋଲାର ପୂର୍ବ-ଉତ୍ତରରେ ଥିବା ଲୁଲୋ ଖଣିରୁ ଏହାର ସନ୍ଧାନ ମିଳିଛି। ଲୁଲୋ ଖଣିର ଭାଗିଦାରୀ ତଥା ଅଙ୍ଗଲନ ସରକାର ଏହି ଐତିହାସିକ ସନ୍ଧାନକୁ ସ୍ୱାଗତ କରିଛନ୍ତି ଏବଂ କହିଛନ୍ତି କି ଏହା ଏକ ବେଶ୍ ଦାମୀ ହୀରା। ଏହା ଏକ ଟାଇପ୍ ୨ଏ ହୀରା ଏବଂ ଏଗୁଡିକ ସମ୍ପୂର୍ଣ୍ଣ ଶୁଦ୍ଧ ହୋଇଥାଏ। ଏହା ପ୍ରାୟତଃ ରଙ୍ଗହୀନ ହୋଇଥାଏ ଏବଂ ବହୁତ ବିରଳ ମଧ୍ୟ। ବ୍ଲୁମବର୍ଗର ଏକ ରିପୋର୍ଟ ଅନୁସାରେ ଅଙ୍ଗୋଲନ ରାଜ୍ୟର ମାଲିକାନା ଥିବା ହୀରା ବ୍ୟାପାର ଫର୍ମ ସୋଡିୟମ୍ ଦ୍ୱାରା ଆୟୋଜିତ ଏକ ଅନ୍ତର୍ଜାତୀୟ ନିବିଦା ମାଧ୍ୟମରେ ହୀରା ବିକାଯାଏ। ଲୁଲୋ ରୋଜର ପ୍ରକୃତ ଦାମ୍ ଜାଣିବା ପାଇଁ ହୀରାକୁ କାଟିବା ସହିତ ପଲିସ କରିବାକୁ ହେବ। ତେବେ ଯଦି ହୀରାକୁ କାଟିବା ସହିତ ପଲିସ କରାଯାଏ ତେବେ ଏହାର ଓଜନ ପ୍ରାୟ ଅଧା ହୋଇଯିବ। ଏହା ପୂର୍ବରୁ ମଧ୍ୟ ଏଭଳି ଗୋଲାପୀ ହୀରା ଉଚ୍ଚ ଦାମରେ ବିକ୍ରି ହୋଇଛି । ୨୦୧୭ରେ ହଂକଂର ନିଲାମୀରେ ୫୯.୬ କ୍ୟାରେଟ୍ ପିଙ୍କ ଷ୍ଟାରକୁ ୭୧.୨ ମିଲିୟନ୍ ଡଲାରରେ ବିକାଯାଇଥିଲା ।

# କେଶ ଏବଂ ଚର୍ମ ପାଇଁ ଲାଭଦାୟକ ସୋରିଷ ତେଲ



ପ୍ରତ୍ୟେକ ରୋଷେଇ ଘରେ ସୋରିଷ ତେଲ ଉପଲବ୍ଧ। ପ୍ରାଚୀନ କାଳରୁ ଏହା ବ୍ୟବହୃତ ହୋଇ ଆସୁଛି। ରୋଷେଇ ସହ ଏହାକୁ ସ୍ୱାସ୍ଥ୍ୟର ଭଣ୍ଡାର ମଧ୍ୟ କୁହାଯାଏ। ଏହି ତେଲ ଏତେ ଲାଭଦାୟକ ଯେ ଆପଣ କଳ୍ପନା ମଧ୍ୟ କରିପାରିବେ ନାହିଁ। ଏହା କେଶ ଏବଂ ଚର୍ମ ପାଇଁ ମଧ୍ୟ ଅତ୍ୟନ୍ତ ଲାଭଦାୟକ ହୋଇଥାଏ। କେବଳ ଏତିକି ନୁହେଁ, ସୋରିଷ ତେଲ ମଧ୍ୟ କର୍କଟ ଭଳି ରୋଗର ଆଶଙ୍କା ହ୍ରାସ କରିଥାଏ। ଶୀତ ଋତୁରେ ଚର୍ମ ବହୁତ ଶୁଷ୍କ ହୋଇଯାଏ। ଏଥିପାଇଁ ସୋରିଷ ତେଲ ଅତ୍ୟନ୍ତ ଲାଭଦାୟକ ବୋଲି ବିବେଚନା କରାଯାଏ। ଏହାକୁ ଅନେକ ପ୍ରକାରର ମାସ୍କରେ ମିଶାଇ ଚର୍ମରେ ଲଗାଇବା ଦ୍ୱାରା ତ୍ୱଚାରେ ଚମକ ଆସିଥାଏ ଏବଂ ସୁସ୍ଥ ରହିଥାଏ। ସୋରିଷ ତେଲକୁ ମହମ ସହିତ ମିଶ୍ରଣ କରି ଫଟା ପାଦରେ ଲଗାଇବା ଦ୍ୱାରା ଏହା ଠିକ୍ ହୋଇଥାଏ। ହେଲ୍‌ଥଲାଇନ ଅନୁଯାୟୀ, ଯଦି ଆପଣ ପ୍ରତିଦିନ କେଶରେ ସୋରିଷ ତେଲ ଲଗାନ୍ତି, ତେବେ ତ୍ୱଚାରେ ଜୀବାଣୁ ଏବଂ ଅନ୍ୟ ମାଇକ୍ରୋବାୟଲ ବୃଦ୍ଧି କମ୍ ହୋଇଯାଏ। ଏହା କେଶକୁ ଭଲ କରିଥାଏ ଏବଂ ରୂପି ସମସ୍ୟା କମ୍ ହୋଇଥାଏ। କେତେକ ଗବେଷଣା ଦାବି କରିଛି ଯେ ସୋରିଷ ତେଲ କର୍କଟ ରୋଗର ଆଶଙ୍କା କମ କରିଥାଏ। ଏହା କର୍କଟ କୋଷର ବୃଦ୍ଧିକୁ ମନ୍ଥର କରିଥାଏ ।

# ଡାକ୍ତର ଓ ଡାକ୍ତରୀ ଶିକ୍ଷକ ପଦବୀ ଖାଲି

ଭୁବନେଶ୍ୱର,୨୯/୪: ଓଡ଼ିଶାର ବିଭିନ୍ନ ସରକାରୀ ଡାକ୍ତରଖାନା ଓ ମେଡିକାଲ କଲେଜଗୁଡ଼ିକରେ ପାଖାପାଖି ୭ହଜାର ଡାକ୍ତର ଓ ଡାକ୍ତରୀ ଶିକ୍ଷକ ପଦବୀ ଖାଲି ପଡ଼ିଛି । ଏଥିଯୋଗୁ ଗ୍ରାମାଞ୍ଚଳ ବିଶେଷକରି ଆଦିବାସୀ ଅଧ୍ୟୁଷିତ ଜିଲ୍ଲାରେ ସରକାରୀ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ସଂକଟ ଲାଗି ରହିଛି । ତେବେ ଖାଲି ପଡ଼ିଥିବା ଡାକ୍ତର ଓ ଡାକ୍ତରୀ ଶିକ୍ଷକ ପଦବୀଗୁଡ଼ିକ ପୂରଣ ପାଇଁ ବିହିତ ପଦକ୍ଷେପ ନିଆଯାଉଥିବା ନେଇ ସରକାରଙ୍କ ପକ୍ଷରୁ ବାରମ୍ବାର ପ୍ରତିଶ୍ରୁତି ଦିଆଯାଉଛି । ରାଜ୍ୟର ବିଭିନ୍ନ ଜିଲ୍ଲାରେ ଥିବା ସରକାରୀ ଡାକ୍ତରଖାନାଗୁଡ଼ିକ ପାଇଁ ୧୫୭୭୪ଟି ମଞ୍ଜୁରୀପ୍ରାପ୍ତ ଡାକ୍ତର ପଦବୀ ଥିବାବେଳେ ସେଥିରୁ ଗତ ମାର୍ଚ୍ଚ ମାସ ସୁଦ୍ଧା ୫୮୩୫ଟି ପଦବୀ ଖାଲି ପଡ଼ିଥିଲା । ୯୯୪୦ଜଣ ଡାକ୍ତର କାର୍ଯ୍ୟରତ ଥିବା କୁହାଯାଉଥିବା ବେଳେ ବାସ୍ତବରେ କିନ୍ତୁ ଏମାନଙ୍କ ଭିତରୁ ଶତାଧିକ ଡାକ୍ତର କାର୍ଯ୍ୟ କ୍ଷେତ୍ରରେ ନାହାନ୍ତି । ସରକାରୀ ହିସାବ ମୁତାବକ ଗତ ମାର୍ଚ୍ଚ ମାସ ସୁଦ୍ଧା ବିଭିନ୍ନ ଜିଲ୍ଲାରେ ଥିବା ଡାକ୍ତରଖାନାଗୁଡ଼ିକରେ ୧୫୪୦ଟି ବିଶେଷଜ୍ଞ ଡାକ୍ତର ପଦବୀ ଖାଲି ପଡ଼ିଥିଲା । ଯାହାକି ମୋଟ ମଞ୍ଜୁରୀପ୍ରାପ୍ତ ବିଶେଷଜ୍ଞ ପଦବୀର ପ୍ରାୟ ୫୫ ପ୍ରତିଶତ । ରାଜଧାନୀ



ଭୁବନେଶ୍ୱରରେ ଥିବା କ୍ୟାପିଟାଲ ହସ୍ପିଟାଲ ଲାଗି ୭୪ଟି ମଞ୍ଜୁରୀପ୍ରାପ୍ତ ବିଶେଷଜ୍ଞ ଡାକ୍ତର ପଦବୀ ଥିବାବେଳେ ଏଠାରେ କେବଳ ୮୫ଜଣ ବିଶେଷଜ୍ଞ ଡାକ୍ତର କାର୍ଯ୍ୟ କରୁଛନ୍ତି । କ୍ୟାପିଟାଲ ହସ୍ପିଟାଲରେ ୧୧ଜଣ ଅଧିକ ବିଶେଷଜ୍ଞ ଡାକ୍ତରଙ୍କୁ ଦରମା ଦିଆଯାଉଥିବା ବେଳେ ୧୮ଟି ଜିଲ୍ଲାରେ ୫୦ ପ୍ରତିଶତରୁ ଅଧିକ ବିଶେଷଜ୍ଞ ଡାକ୍ତର ପଦବୀ ଖାଲି ପଡ଼ିଛି । କେନ୍ଦୁଝର ଜିଲ୍ଲା ପାଇଁ ୧୦୨ଟି ମଞ୍ଜୁରୀପ୍ରାପ୍ତ ବିଶେଷଜ୍ଞ ଡାକ୍ତର ପଦବୀ ଥିବାବେଳେ ସେଠାରେ ୫୪ଟି ପଦବୀ ଖାଲି ପଡ଼ିଛି । ଗଞ୍ଜାମ ଜିଲ୍ଲାରେ ୧୦୬ଟି ଓ ମୟୂରଭଞ୍ଜରେ ୧୦୩ଟି ବିଶେଷଜ୍ଞ ଡାକ୍ତର ପଦବୀ ଖାଲି ପଡ଼ିଥିବାବେଳେ ସୁନ୍ଦରଗଡ଼ରେ ୭୪, ରାୟଗଡ଼ାରେ ୬୪, ନୟାଗଡ଼ରେ ୭୯, କୋରାପୁଟରେ ୬୨, କନ୍ଧମାଳରେ ୭୫, କଳାହାଣ୍ଡିରେ ୭୩ଟି ବିଶେଷଜ୍ଞ ଡାକ୍ତର ପଦବୀ ଖାଲି । ନୟାଗଡ଼ ଜିଲ୍ଲା ପାଇଁ ୮୨ଟି ମଞ୍ଜୁରୀପ୍ରାପ୍ତ ବିଶେଷଜ୍ଞ ଡାକ୍ତର ପଦବୀ ଥିବାବେଳେ ସେଠାରେ କାମ କରୁଛନ୍ତି ମାତ୍ର ୩ଜଣ । ରାଜ୍ୟରେ ଥିବା ହୋମିଓପ୍ୟାଥିକ ଓ ଆୟୁର୍ବେଦିକ ଡାକ୍ତରଖାନା ଓ କଲେଜଗୁଡ଼ିକରେ ମଧ୍ୟ ଡାକ୍ତର ଓ ଡାକ୍ତରୀ ଶିକ୍ଷକ ମରୁଡ଼ି ଅବସ୍ଥା ଲାଗି ରହିଛି । ଏମିତିକି କେତେକ ହୋମିଓପ୍ୟାଥିକ ଓ ଆୟୁର୍ବେଦିକ ମେଡିକାଲ କଲେଜରେ ପାଠ ପଢ଼ାଇବା ତ ଦୂରର କଥା ବହିର୍ବିଭାଗ ପରିଚାଳନା ପାଇଁ ପର୍ଯ୍ୟାପ୍ତ ସଂଖ୍ୟକ ଡାକ୍ତର ନାହାନ୍ତି । ଏହାଛଡ଼ା ରାଜ୍ୟରେ ଥିବା ୧୫ଟି ମେଡିକାଲକଲେଜ ହସ୍ପିଟାଲରେ ପ୍ରାୟ ୮୫୦ ପ୍ରଫେସର, ସହଯୋଗୀ ପ୍ରଫେସର, ସହକାରୀ ପ୍ରଫେସର, ଟ୍ୟୁଟର୍, ସିନିୟର ରେସିଡେଣ୍ଟ ଓ ଜୁନିଅର ରେସିଡେଣ୍ଟ ପଦବୀ ଖାଲି ପଡ଼ିଛି । ଏହି ମେଡିକାଲ କଲେଜଗୁଡ଼ିକରେ ପ୍ରାୟ ୧୦୦ଟି ପ୍ରଫେସର ପଦବୀ ଖାଲି ପଡ଼ିଥିବାବେଳେ ୨୦୦ ପାଖାପାଖି ସହଯୋଗୀ ପ୍ରଫେସର ଓ ଆଉ ୧୦୦ଟି ପର୍ଯ୍ୟନ୍ତ ସହକାରୀ ପ୍ରଫେସର ପଦବୀ ମଧ୍ୟ ଖାଲି । ଏଥିଯୋଗୁ ସରକାରୀ ମେଡିକାଲ କଲେଜଗୁଡ଼ିକରୁ ଅଧିକାଂଶରେ ପାଠପଢ଼ା, ଗବେଷଣା ଓ ଚିକିତ୍ସା କାର୍ଯ୍ୟ ଗୁରୁତର ଭାବେ ବ୍ୟାହତ ହେଉଛି । କଟକର ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ, ବ୍ରହ୍ମପୁରର ମହାରାଜା କୃଷ୍ଣଚନ୍ଦ୍ର ଗଜପତି ମେଡିକାଲ କଲେଜ ଓ ବୁର୍ଲାର ଭିମସାରରେ ବି ଏହି ସମସ୍ୟା ଉତ୍କଟ ଅବସ୍ଥାରେ ରହିଛି । ଅନ୍ୟ ନୂଆ ମେଡିକାଲ କଲେଜ ହସ୍ପିଟାଲଗୁଡ଼ିକରେ ମଧ୍ୟ ଡାକ୍ତର ଓ ଡାକ୍ତରୀ ଶିକ୍ଷକ ପଦବୀ ବହୁ ସଂଖ୍ୟାରେ ଦୀର୍ଘଦିନ ଧରି ଖାଲି ପଡ଼ିଛି । ଲୋକଙ୍କ ଚିକିତ୍ସା ପାଇଁ ସରକାର ଗୋପବନ୍ଧୁ ଜନଆରୋଗ୍ୟ ଯୋଜନା, ଆୟୁଷ୍ମାନ ଭାରତ, ବୟବନ୍ଦନ ଯୋଜନା ଆଦିରେ ହଜାର ହଜାର କୋଟି ଟଙ୍କା ବ୍ୟୟ କରୁଥିବା ବେଳେ ସରକାରୀ ସଂସ୍ଥାନଗୁଡ଼ିକରେ ଡାକ୍ତର ଓ ଡାକ୍ତରୀ ଶିକ୍ଷକ ଅଭାବ ଯୋଗୁ ଏହି ଅର୍ଥର ସିଂହଭାଗ କର୍ପୋରେଟ ହସ୍ପିଟାଲମାନଙ୍କ ପକେଟକୁ ଚାଲିଯାଉଛି ।

# ଭାରତୀୟ କିସାନ ସଂଘ ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ବୈଠକ



ବରଗଡ଼ ୨୯/୪ (ନି.ପ୍ର): ଭାରତୀୟ କିସାନ ସଂଘ ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ବୈଠକ ୨୫.୦୪. ୨୦୨୫ ରୁ ୨୭.୦୪. ୨୦୨୫ ତ୍ରିଦିବସିୟ ଗୁରୁତ୍ୱପୂର୍ଣ୍ଣ ସମାବେଶ ଡେରାଡୁନ ସ୍ଥିତ ରାମତୀର୍ଥ ମିଶନ ପରିସରରେ ଅନୁଷ୍ଠିତ ହୋଇ ଯାଇଛି ।ଏଥିରେ ବରଗଡ଼ ରୁ ରାଷ୍ଟ୍ରୀୟ ସଦସ୍ୟ କେଦାର ମିଶ୍ର ଓ ଜିଲ୍ଲା ସହସମ୍ପାଦକ ଚୈତନ୍ୟ କର୍ଣ୍ଣ ଯୋଗଦାନ କରି ଓଡିଶା ର କୃଷି ଓ କୃଷକ ର ସମସ୍ୟା ଉପରେ ପ୍ରସ୍ତାବ ରଖିଥିଲେ ।ବର୍ତମାନ ଦେଶର କୃଷି ଓ କୃଷକ ଅନେକ ସମସ୍ୟା ଦେଇ ଗତି କରୁଥିବାରୁ,କୃଷି କ୍ଷେତ୍ରରେ ଅଭିବୃଦ୍ଧି ଗତ ବର୍ଷ ଅଧିକ ଥିବାବେଳେ ଚଳିତ ବର୍ଷ ଏହା ଖସି ଆସିଛି ଫଳରେ ଗ୍ରାମାଞ୍ଚଳ ର ଅର୍ଥନୀତି ପ୍ରଭାବିତ ହୋଇଛି ବୋଲି ସଭା ରେ ଉଦବେଗ ପ୍ରକାଶ ପାଇଥିଲା ।କିସାନ ସଙ୍ଘର ତିନି ସୂତ୍ରୀ କାର୍ଯ୍ୟକ୍ରମ ସଂଗଠନକ୍ଷମ୍କ,ଆନ୍ଦୋଳନକ୍ଷମ୍କ ଓ ରଚନାତ୍ମକ ଉପରେ ଆଲୋଚନା ହୋଇ ସାରା ଭାରତରେ ପାଞ୍ଚ ଲକ୍ଷ କୃଷକ ପ୍ରତିନିଧି ଙ୍କୁ ପ୍ରଶିକ୍ଷଣ ଦେଇ କୃଷକ ଜାଗରଣ କାର୍ଯ୍ୟକ୍ରମ ରେ ବିଶମୁକ୍ତ କ୍ଷେତ ସହ ନିଶା ମୁକ୍ତ ମାନବ ଏବଂ ଗୋ କୃଷି ବାଣିଜ୍ୟମ୍ ସହ ଖୁସାଲ ଭାରତ-ଖୁସାଲ କୃଷକ ଉପରେ ଗୁରୁତ୍ୱ ଦିଆ ହେବ ବୋଲି ଶ୍ରୀ ମିଶ୍ର ପ୍ରକାଶ କରିଛନ୍ତି ।ପ୍ରମୁଖ ପ୍ରସ୍ତାବ ମଧ୍ୟରେ ଭୁ- ରାଜସ୍ୱ ଆଇନ ର ପରି ବର୍ତନ, ଜୈବିକ ଚାଷ ପାଇଁ କେବଳ ନିତୀ ନୁହେଁ ତାର ସମସ୍ୟା ଉପରେ ସରକାର ସମାଧାନ ର ଚିନ୍ତା କରିବାର ଆବଶ୍ୟକ ରହିଛି ଏବଂ ଗ୍ରାମୀଣ ବିକାଶ ରେ କୃଷି ଉପରେ ନିର୍ଭର ମାନବ ସମ୍ବଳ ର ଉଚିତ ବ୍ୟବସ୍ଥା ଉପରେ ସରକାର ଙ୍କୁ ଚାପ ପକାଇବାକୁ ପ୍ରସ୍ତାବ ପାରିତ ହୋଇଥିଲା ।ରାଷ୍ଟ୍ରୀୟ ଅଧକ୍ଷ ଶ୍ରୀ ସାଇ ରେଡ୍ଡୀ ଓ ରାଷ୍ଟୀୟ ମହାମନ୍ତ୍ରୀ ମୋହିନୀ ମିଶ୍ର ଙ୍କ ମାର୍ଗ ଦର୍ଶନ ରେ ୩୦ ରୁ ଅଧିକ ପ୍ରଦେଶ ର ଶତାଧିକ ରାଷ୍ଟ୍ରୀୟ କର୍ମକର୍ତ୍ତା ଭାଗ ନେଇଥିଲେ ।

# ଓଡିଶା ନିଖିଳ ଉତ୍କଳ କଲ୍ୟାଣ ଶିକ୍ଷକ ଓ ଶିକ୍ଷା ନିରୀକ୍ଷକ ସଂଘର ବୈଠକ

ବାଲିଗୁଡ଼ା ୨୯/୪ (ନି.ପ୍ର): ଓଡିଶା ନିଖିଳ ଉତ୍କଳ କଲ୍ୟାଣ ଶିକ୍ଷକ ଓ ଶିକ୍ଷା ନିରୀକ୍ଷକ ସଂଘ କନ୍ଧମାଳ ଜିଲ୍ଲା ଶାଖାର କାର୍ଯ୍ୟ ନିର୍ବାହୀ ସମିତି ବୈଠକ ବାଲିଗୁଡା ଠାରେ ଅନୁଷ୍ଠିତ ହୋଇଯାଇଛି । ସଂଘ ର ସଭାପତି ସୁରଥ ଚନ୍ଦ୍ର ମୁନି ଶ୍ରୀ ଗଣେଶଙ୍କ ଫୋଟୋ ଚିତ୍ର ନିକଟରେ ଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ । ବରିଷ୍ଠ ଶିକ୍ଷକ ଉମେଶ ଚନ୍ଦ୍ର ବେହେରା ସଭା କାର୍ଯ୍ୟ ପରିଚାଳନା କରିଥିଲେ । ପ୍ରଥମେ ଦିବଂଗତ ଶିକ୍ଷକ ମାନଙ୍କ ଆତ୍ମ ର ସଦଗତି ନିମନ୍ତେ ନିରବ ପ୍ରାର୍ଥନା କରାଯାଇଥିଲା । ଜିଲ୍ଲା ଶିକ୍ଷକ ସଂଘ ର ସାଧାରଣ ସମ୍ପାଦକ ତୀର୍ଥବାସୀ ଘଡ଼ାଇ ଗତ ବୈଠକର ବିବରଣୀ ପାଠ କରିଥିଲେ । ବୈଠକ ରେ ଦରମା ଠିକ ସମୟରେ ନହେବା, ଶିକ୍ଷକ ମାନଙ୍କର ବହୁ ସମସ୍ୟା ବାରମ୍ବାର ଉପରିସ୍ଥ ଅଧିକାରୀ ଙ୍କୁ ଜଣାଇଲେ ମଧ୍ୟ କୌଣସି କାର୍ଯ୍ୟ ନହେବା, MACP ଓ RACP ନହେବା, ଇପିଏଫ ସମସ୍ୟା ସମାଧାନ ନହେବା,ଜିଲ୍ଲା କାର୍ଯ୍ୟାଳୟ ରେ ଅଫିସ ଅକ୍ଷସିଷ୍ଟାଣ୍ଟ ଙ୍କ ଶିକ୍ଷକ ମାନଙ୍କ ପ୍ରତି ବ୍ୟବହାର ସନ୍ତୋଷ ଜନକ ନୁହେଁ, ହେଡ଼ ସେବକ ପଦୋନ୍ନତି, MCT ଗ୍ରେଡ଼ସନ, ବି.ଏ ବି ଇ ଡି ଏବଂ ବି ଏସି ବି ଇଡି ଗ୍ରେଡ଼ସନ, ଆଗାମୀ ସାଧାରଣ ସଭା, ଶିକ୍ଷକ ମାନଙ୍କର ଅବସର ସମ୍ବର୍ଦ୍ଧନା ସଭା, ଦିବଂ ଗତ ଶିକ୍ଷକ ମାନଙ୍କ ପାଖରେ ସଂଘ ଠିଆହେବା, ଘରଭଡା ଇତ୍ୟାଦି ଆଲୋଚନା ହୋଇଥିଲା । ଏ ବିଷୟରେ ଜିଲ୍ଲା ମଙ୍ଗଳ ଅଧିକାରୀ, କନ୍ଧମାଳ ଓ ଜିଲ୍ଲାପାଳ କନ୍ଧମାଳ ଙ୍କୁ ଅବଗତ କରାଇ ତୁରନ୍ତ କାର୍ଯ୍ୟକାରୀ କରିବା ପାଇଁ ଅନୁରୋଧ କରାଯିବ, ଯଦି ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ନ ହୁଏ ତେବେ ଓଡିଶା ସରକାର ଙ୍କୁ ଦରଖାସ୍ତ ଦେବା ସହିତ ଏକ ବିଶାଳ ଶିକ୍ଷକ ସମାବେଶ ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟରେ କରିବା ପାଇଁ ଆଲୋଚନା ହୋଇଥିଲା । ଏଥିରେ ସମସ୍ତ କାର୍ଯ୍ୟ ନିର୍ବାହୀ ସଦସ୍ୟ ଓ ସଦସ୍ୟା ଯୋଗ ଦେଇଥିଲେ । ସଭା ଶେଷରେ ସଂଘ ର ମୁଖ୍ୟ ଉପଦେଷ୍ଟା ମାନ୍ୟବର ଫୁଲବାଣୀ ବିଧାୟକ ଉମାଚରଣ ମଲ୍ଲିକ ଓ ଆଇନ ପରାମର୍ଶଦାତା ବିଜୟକୃଷ୍ଣ ପଟ୍ଟନାୟକ ଙ୍କୁ ଅବଗତ କରାଯାଇଥିଲା । ଶେଷରେ ସଂଘ ର ଉପସଭାପତି ରଂଜିତ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

## ବେଲଗୁଣ୍ଠାରେ ସ୍ୱାଭିମାନ୍ ଦିବସ

ବେଲଗୁଣ୍ଠା ୨୯/୪ (ନି.ପ୍ର): ଆଜି ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜନ୍ମ ଜୟନ୍ତୀ ଅବସରରେ ବେଲଗୁଣ୍ଠା ସ୍ଥିତ ସ୍ୱାମୀ ବିବେକାନନ୍ଦ ଶିଶୁମନ୍ଦିର ପରିସରରେ ସ୍ୱାଭିମାନ ଦିବସ ପାଳିତ ହୋଇଯାଉଛି ଓ ଅନୁଷ୍ଠାନ ର ସମ୍ପାଦକ ସୁଶାନ୍ତ କୁମାର ବେହେରା ଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ମାନେ ମଧୁସୂଦନ ଦାସଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହିତ ମଧୁବାବୁଙ୍କ ଜୀବନୀ ସମ୍ପର୍କରେ ଆଲୋଚନା କରିଥିଲେ ଓ ମଧୁବାବୁ ଆଧୁନିକ ଉତ୍କଳର ମୁଖ୍ୟ ନିର୍ମାତା ଥିବା ବେଳେ ସେ ହିଁ ଓଡ଼ିଆ ଭାଷା ସାହିତ୍ୟକୁ ବିଶ୍ୱ ଦରବାରରେ ପରିଚୟ କରାଇବାରେ ମୁଖ୍ୟ କର୍ଣ୍ଣଧାର ଥିଲେ ବୋଲି ଅତିଥିମାନେ ମତ ବ୍ୟକ୍ତ କରିଥିଲେ ଓ ଆଜିର କାର୍ଯ୍ୟକ୍ରମରେ ଅତିଥି ରୂପେ ଯୁବ କବି ତଥା ପ୍ରଧାନ ଶିକ୍ଷକ ଶିଶିର କୁମାର ସ୍ୱାଇଁ , ମଙ୍ଗଳପୁର ସ୍ୱାମୀବିବେକା ନନ୍ଦ ଶିକ୍ଷାକେନ୍ଦ୍ର ପ୍ରତିଷ୍ଠାତା ମାଧବ ଚନ୍ଦ୍ର ଆପଟ, ବେଲଗୁଣ୍ଠା ସ୍ୱାମୀ ବିବେକାନନ୍ଦ ଶିଶୁ ମନ୍ଦିର ପ୍ରଧାନ ଆଚାର୍ଯ୍ୟ କାଶୀ ନାଥ ସାହୁ ସହ ପ୍ରଧାନ ଆଚାର୍ଯ୍ୟା ଶୁଭଶ୍ରୀ ପରିଡା, ଶିକ୍ଷକ ସୁକାନ୍ତ କୁମାର ମହାନ୍ତି, ଶିବରାମ ରାଉତ, ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ସ୍ୱାଇଁ, ମହାଲକ୍ଷ୍ମୀ ପାଢ଼ୀ, ବେଲଗୁଣ୍ଠା ପ୍ରେସକ୍ଲବ ସଭାପତି ପ୍ରଦ୍ୟୁମ୍ନ ପାତ୍ର, ଉପସଭାପତି ପ୍ରଭାତ କୁମାର ସାହୁ, ସମ୍ପାଦକ ଅଶ୍ୱିନୀ ମହାନ୍ତି, ସହସମ୍ପାଦକ ସରୋଜ ଶତପଥୀ, ବରିଷ୍ଠ ସାମ୍ବାଦିକ ସନ୍ତୋଷ କୁମାର ବିଷୋୟୀ,ଚନ୍ଦନ ସାହୁ, ପ୍ରଦୀପ ଚୌଧୁରୀ, ଯୁବ ସାମ୍ବାଦିକ କୃଷ୍ଣଚନ୍ଦ୍ର ପଟ୍ଟନାୟକ,ତୋଫାନ ସାହୁ, ନାରାୟଣ ପଣ୍ଡା, ସଚିନ୍ ପୁରୋହିତ, ପଞ୍ଚାନନ ସାହୁ, ପ୍ରମୁଖ ଯୋଗ ଦେଇଥିଲେ ଓ ବିଦ୍ୟାଳୟର କର୍ମଚାରୀ ପ୍ରତିମା ପ୍ରତି,ଯାଜ୍ଞସେନୀ ଗୌଡ଼ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

## ଉତ୍କଳଗୌରବ ମଧୁସୁଦନ ଦାସଙ୍କ ଜୟନ୍ତି ଓ ଓକିଲ ଦିବସ ପାଳିତ

ବାଲିଗୁଡା,୨୯/୪ (ନି.ପ୍ର): ବାଲିଗୁଡା କୋର୍ଟ ପରିସରରେ ଓକିଲ ସଂଘ ଦ୍ୱାରା ଉତ୍କଳଗୌରବ ମଧୁସୁଦନ ଦାସ ଜୟନ୍ତି ଓ ଓକିଲ ଦିବସ ଓକିଲ ସଂଘ ସଭାପତି ଟି ହରିଶ୍ଚନ୍ଦ୍ର ରାଓଙ୍କ ଅଧକ୍ଷତାରେ ପାଳିତ ହୋଇଯାଇଛି ।ଉକ୍ତ କାର୍ଯ୍ୟକ୍ରମରେ ଉତ୍କଳଗୌରବ ମଧୁସୁଦ ଦାସଙ୍କ କିଭଳି ସ୍ୱତନ୍ତ ରାଜ୍ୟ ପାଇଂ ଦାବୀ କରିଥିଲେ ଓ ତାଙ୍କ ଜୀବନି ଉପରେ ଆଲୋଚନା କରିବା ସହ ଏହି ଦିବସକୁ ଓକିଲ ମାନେ ଭଲ ଭାବରେ ପାଳନ କରୁଛନ୍ତି ଓ ଏହାକୁ ଓକିଲଦିବସ ବୋଲି କୁହାଯାଉଛିନ୍ତି । ଉକ୍ତ କାର୍ଯ୍ୟକ୍ରମରେ ସଂଘର ସମ୍ପାଦକ ଅନିଲ କୁମାର ଦାସ, ବରିଷ୍ଠ ଆଇନଜୀବି କୌଶିକ ସାହୁ,ଜ୍ୟୋତିରଂଜନ ଦାସ,କ୍ଷମାସାଗର ପ୍ରଧାନ,ଆନିଶ ଉଦ୍ଦିନ ,ଜଗଦିଶ ସାମନ୍ତରାଏ,ଶିରିଶପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା ଏଥିରେ ୩୪ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା । ରକ୍ତଦାନ ଶିବିରରେ ଅତିରିକ୍ତ ଜିଲ୍ଲା ଦୌରା କୋର୍ଟର ବିଚାରପତି ଶୁଭଦଶ୍ରୀନି ତ୍ରିପାଠୀ ,ଏସଡିଜେଏମ ମହମ୍ମଦ ଫେଜଲ ଖାଁ ଉପସ୍ଥିତ ରହି ରକ୍ତଦାତାଙ୍କୁ ଉସରାହିତ କରିଥିଲେ ।

## ବାଲୁଗାଁ ମହାବିଦ୍ୟାଳୟରେ ମଧୁବାବୁଙ୍କ ଜୟନ୍ତୀ ପାଳିତ

ବାଲୁଗାଁ ୨୯/୪ (ନି.ପ୍ର): ବାଲୁଗାଁ ମହାବିଦ୍ୟାଳୟ ପକ୍ଷରୁ ଓଡ଼ିଆ ସ୍ୱାଭିମାନର ପ୍ରତୀକ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜନ୍ମଦିନ ସୋମବାର ଦିନ ପାଳିତ ହୋଇଯାଇଛି । ଅଧ୍ୟାପକ ଡକ୍ଟର କୈଳାସ ଚନ୍ଦ୍ର ମହାରଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ସଭାରେ ବରିଷ୍ଠ ଅଧ୍ୟାପକ ବିଦ୍ୟାଧର ଜୁଝାରସିଂହ, ଅଧ୍ୟାପକ ପ୍ରବୀଣ କୁମାର ଜେନା, ଡକ୍ଟର ସନ୍ତୋଷ କୁମାର ରଥ ଓ ଜାତୀୟ ସେବା ଯୋଜନା ଅଧିକାରୀ ଅଧ୍ୟାପିକା ରୀନା ରାଉତ ଅତିଥିଭାବେ ଯୋଗଦେଇ ମଧୁବାବୁଙ୍କ ଓଡ଼ିଆ ସ୍ୱାଭିମାନ, ଭାଷାପ୍ରୀତି ଓ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ତାଙ୍କ ପ୍ରତିବଦ୍ଧତା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଓଡ଼ିଆ ଜାତିର ମୁରବି ଓ ଓଡ଼ିଆ ସ୍ୱାଭିମାନର ଜାଗ୍ରତ ପ୍ରହରୀ ଭାବେ ମଧୁବାବୁଙ୍କ ମହାର୍ଘ ଅବଦାନ ସଦା ଅମ୍ଳାନ ହୋଇ ରହିବ ବୋଲି ଅତିଥିମାନେ ମତ ବ୍ୟକ୍ତ କରିଥିଲେ । ଏହି ଅବସରରେ ଅଧ୍ୟାପିକା ସୁଶ୍ରୀ ତପସ୍ୱିନୀ ନନ୍ଦ ଓ ଅଧ୍ୟାପିକା କୀର୍ତ୍ତିମୟୀ ବାରିକ ମଧୁବାବୁଙ୍କ କାଳଜୟୀ କବିତା ପାଠ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପିକା କ୍ରିଷ୍ଣକ୍ଷ ସେଠୀ, ସୁନିତା ନନ୍ଦ, ମନସ୍ୱିନୀ ପଟ୍ଟନାୟକ, ସ୍ନିଗ୍ଧାରାଣୀ ମୁଦୁଲି, ବାଳକୃଷ୍ଣ ପାଢ଼ୀ, ଚନ୍ଦନ ନାୟକ, ରୋଜାଲିନ ମିଶ୍ର, ଶୁଚିସ୍ମିତା ମହାପାତ୍ର, ହିମାଂଶୁ ଦାଶ, ବିଶ୍ୱଜିତ ଦାସ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । କାର୍ଯ୍ୟକ୍ରମ ସଂଚାଳନ ଅଧ୍ୟାପିକା ଶୁଭଦର୍ଶିନୀ ବିଶ୍ୱାଳ କରିଥିବାବେଳେ ଧନ୍ୟବାଦ ଦେଇଥିଲେ ଅଧ୍ୟାପିକା ରୀନା ରାଉତ ।

# ପ୍ରାଇଡ୍ ଅଫ୍ ଇଣ୍ଡିଆରେ ଗୁଣପୁର ଝିଅଙ୍କ କମାଲ




ଗୁଣପୁର ୨୯/୪ (ନି.ପ୍ର): ଗୁଣପୁର ଏକ କଳା ଓ ସଂସ୍କୃତିର ସହର । ଏ ମାଟିର କଳାକାର ମାନେ ନୃତ୍ୟ ସଙ୍ଗୀତ କ୍ଷେତ୍ରରେ ଦେଶ ବିଦେଶରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି । ଏହି ପରିପ୍ରେକ୍ଷୀରେ ବ୍ରହ୍ମପୁର ଗଞ୍ଜାମ କଳା ପରିଷଦ ଠାରେ ଆୟୋଜିତ ପ୍ରାଇଡ ଅଫ୍ ଇଣ୍ଡିଆଁ ବ୍ୟୁଟି ପେଜେଣ୍ଟ୍ କିଡସ୍ ଆଇକନିକ୍ ଅଫ୍ - ୨୦୨୫ ରେ ଗୁଣପୁର ର ଉପାସନା ଶତପଥି ଫାଷ୍ଟ ରନର୍ସ ଅଫ୍ ଓ ସୁନିଧି ରଥ ସେକେଣ୍ଡ ରନର୍ସ ଅଫ୍ ଭାବେ ସୁନାମ ଅର୍ଜନ କରିଛନ୍ତି । ବ୍ରହ୍ମପୁର ସ୍ଥିତ ଆରିୟନ୍ ଏକାଡେମୀ ଓ ଟ୍ରଷ୍ଟ ର ଫାଉଣ୍ଡର ମିନା ଦାସଙ୍କ ପ୍ରୟାସ , ନୂତନ ପ୍ରତିଭାଙ୍କୁ ଲୋକଲୋଚନକୁ ଆଣିବା । ଗୁଣପୁର ଭଳି ଏକ ଉପାନ୍ତ ଅଞ୍ଚଳରୁ ସୁଦୁର ବ୍ରହ୍ମପୁର ଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ମିନା ଦାସ ଙ୍କ ପ୍ରେରଣାରେ ଅନୁପ୍ରାଣିତ ହୋଇ ଉପାସନା ଓ ସୁନିଧି ଏହି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରି ସଫଳତା ଅର୍ଜନ କରିଛନ୍ତି ।? ଏହି କାର୍ଯ୍ୟକ୍ରମରେ ମୂଖ୍ୟ ଅତିଥି ଭାବେ ଅଭିନେତା ତଥା ଦିଗପହଣ୍ଡି ବିଧାୟକ ଡ଼ଃ ସିଦ୍ଧାନ୍ତ ମହାପାତ୍ର ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ ଏଂ ପ୍ରତିଯୋଗି ମାନଙ୍କୁ ଉତ୍ସାହିତ କରିଥିଲେ । ସୁଦୁର ଗୁଣପୁରରୁ ଆସିଥିବା ଦୁଇ କଳାକାରଙ୍କୁ ନିଜ ଅଭିନୟ ଜୀବନର କିଛି ସ୍ମୃତି ବଖାଣିବା ସହିତ ଆଶୀର୍ବାଦ କରିଥିଲେ ଓ ଏକ ସୁନ୍ଦର ଗୀତ ଗାଇଥିଲେ । ଗୁଣପୁର ଅଞ୍ଚଳର ଏକ ସାଧାରଣ ପରିବାରରୁ ଯାଇ ବ୍ରହ୍ମପୁର ଠାରେ ଅନୁଷ୍ଠିତ ପ୍ରାଇଡ୍ ଅଫ୍ ଇଣ୍ଡିଆଁ ବ୍ୟୁଟି ପେଜେଣ୍ଟ୍ , କିଡସ୍ ଆଇକନିକ୍ ଅଫ୍ ଇଣ୍ଡିଆ - ୨୦୨୫ ପ୍ରତିଯୋଗିତାରେ ସଫଳତା ପାଇଥିବାରୁ ଉପାସନା ଶତପଥି ଓ ସୁନିଧି ରଥ ଙ୍କ ନିକଟକୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି । ଏହି ପରିପ୍ରେକ୍ଷୀରେ ନୃତ୍ୟଶ୍ରୀ କଳାକେନ୍ଦ୍ରର ର ଗୁରୁ ରିନା ରାଣୀ ସାହୁ ନିଜ ଅନୁଷ୍ଠାନରେ ଦୁଇ କଳାକାରଙ୍କୁ ଫୁଲ ତୋଡା ଦେଇ ସମ୍ବର୍ଦ୍ଧିତ କରିବା ସହ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ଦୁଇ କଳାକାରଙ୍କ ସଫଳତାର ପଛରେ ଅଭିଭାବକ ମାନଙ୍କ ପ୍ରଚେଷ୍ଟା ଯଥେଷ୍ଟ ରହିଛି ବୋଲି ଗୁରୁ ରିନା ରାଣୀ କହିଥିଲେ ।

## ନବ ନିଯୁକ୍ତ କନିଷ୍ଠ ଶିକ୍ଷକ ମାନଙ୍କର ବନ୍ଧୁମିଳନ ଓ ଜିଲ୍ଲା ସ୍ତରୀୟ କର୍ମକର୍ତ୍ତା ନିର୍ବାଚନ

ବାଲିଗୁଡା ୨୯/୪ (ନି.ପ୍ର): କନ୍ଧମାଳ ଜିଲ୍ଲା ବାଲିଗୁଡା ସ୍ଥିତ ଶିକ୍ଷା ନିକେତନ ଅନୁଷ୍ଠାନ ପରିସର ରେ କନ୍ଧମାଳ ଜିଲ୍ଲାରେ ନବ ନିଯୁକ୍ତ କନିଷ୍ଠ ଶିକ୍ଷକ ମାନଙ୍କର ଏକ ବନ୍ଧୁମିଳନ ଓ ଜିଲ୍ଲା ସ୍ତରୀୟ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲ୍ଲାର ସମସ୍ତ ନବ ନିଯୁକ୍ତ କନିଷ୍ଠ ଶିକ୍ଷକ ମାନଙ୍କ ଉପସ୍ଥିତରେ ଏକ ସାଧାରଣ ସଭା ଓ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା କ୍ଷ ଏହି ସଭାରେ ପ୍ରାଥମିକ ଶିକ୍ଷକ ମାନଙ୍କର ଯୋଜନା ଭିତ୍ତିକ ପ୍ରଥା କୁ ହଟାଇ ନିୟମିତ କରିବା ପାଇଁ ସରକାରଙ୍କୁ ଦାବୀ ପତ୍ର ଦେବା ତଥା ଆବଶ୍ୟକ ସ୍ଥଳେ ଭୁବନେଶ୍ୱର ସ୍ଥିତ ଲୋୟର ପିଏମଜି ଛକରେ ଧାରଣା ଦେବା ପାଇଁ ଉକ୍ତ ସଭା ରେ ଆଲୋଚନା କରାଯାଇଥିଲା । ତତ୍ ସହିତ ଶିକ୍ଷା ବ୍ୟବସ୍ଥା କୁ ସୁଦୃଢ଼ୀ କରଣ କରିବା ପାଇଁ ବିଦ୍ୟାଳୟ ରେ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବା ଖେଳ, ଗୀତ ,ନାଚ, ଅଭିନୟ ଆଦି ଉପାୟରେ କିପରି ଶିକ୍ଷା ଦାନ କରିହେବ ସେ ବିଷୟରେ ସଭାପତି ଜୟ ମରାଠୀ ସେନାପତି ଆଲୋକପାତ କରିଥିଲେ । ଏଥିରେ ସର୍ବ ସମ୍ମତି କ୍ରମେ ସଭାପତି ରୂପେ ଜୟ ମରାଠୀ ସେନାପତି, କାର୍ଯ୍ୟକାରୀ ସଭାପତି ରୂପେ ସେଜଲ୍ ମିଶ୍ର, ସମ୍ପାଦକ ରୂପେ ପ୍ରଣତି ମଞ୍ଜରୀ ସ୍ୱାଇଁ , ଯୁଗ୍ମ ସମ୍ପାଦକ ରୂପେ ସୌମ୍ୟ ରଞ୍ଜନ ପାତ୍ର, କୋଷାଧକ୍ଷ ରୂପେ ଫିରୋଜ ଦିଗାଲ ଏବଂ ଗଣ ମାଧ୍ୟମ ସଂଯୋଜକ ରୂପେ ଆକାଶ ପରା ସେଠ ନିର୍ବାଚିତ ହୋଇଛନ୍ତି । ଶେଷରେ ବାଲିଗୁଡ଼ା ବ୍ଲକ ସଭାପତି ଦୀପକ କୁମାର ମୁଖୀ ଧନ୍ୟବାଦ୍ ଅର୍ପଣ କରିଥିଲେ ।

## ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଟପ୍ ଟେନ୍ ତାଲିକାରେ ନବରଙ୍ଗପୁର ମହାବିଦ୍ୟାଳୟର ପ୍ରାଣୀ ବିଜ୍ଞାନ ବିଭାଗ ଛାତ୍ରୀ




ନବରଙ୍ଗପୁର ୨୯/୪ (ନି.ପ୍ର): ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଦ୍ୱାରା ପରିଚାଳିତ ଯୁକ୍ତ ତିନି ଶେଷ ବର୍ଷ ପରୀକ୍ଷାରେ ବିଭିନ୍ନ ବିଭାଗରେ କୃତିତ୍ୱ ହାସଲ କରିଥିବା ଶ୍ରେଷ୍ଠ ଦଶ ଜଣ ପରୀକ୍ଷାର୍ଥୀଙ୍କ ନାମ ତାଲିକା ପ୍ରକାଶ ପାଇଛି । ଉକ୍ତ ତାଲିକାରେ ନବରଙ୍ଗପୁର ମହାବିଦ୍ୟାଳୟର ପ୍ରାଣୀ ବିଜ୍ଞାନ ବିଭାଗର ଛାତ୍ରୀ ସୁଶ୍ରୀ ଇପ୍ସିତା ଦାଶ ୧୪୦୦ ମାର୍କରୁ ୧୨୫୭ ମାର୍କ ହାସଲ କରି ଶ୍ରେଷ୍ଠ ଦଶରେ ସ୍ଥାନ ପାଇ ମହାବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି । ଏହି ଖବର ପ୍ରଚାରିତ ହେବା ପରେ ଅଧ୍ୟାପକ ଅଧ୍ୟାପିକା, ଅଭିଭାବକ, ବୁଦ୍ଧିଜୀବୀ ଓ ଛାତ୍ର ଛାତ୍ରୀ ଙ୍କ ମହଲରେ ଆନନ୍ଦର ଲହରୀ ଖେଳି ଯାଇଛି । ଏହି ସଫଳତା ପାଇଁ ଅଧକ୍ଷ ଶ୍ରୀ ଡି. ଗୋବିନ୍ଦା ରାଓ ସମସ୍ତ ଅଧ୍ୟାପକ-ଅଧ୍ୟାପିକା ଓ ଛାତ୍ରଛାତ୍ରୀ ମାନଙ୍କୁ ଶ୍ରେୟ ଦେବା ସହ ଭବିଷ୍ୟତରେ ଏହି ଧାରା ବଜାୟ ରଖିବା ନିମନ୍ତେ ଆଶା ପ୍ରକଟ କରିଛନ୍ତି ।ଇପ୍ସିତା ନବରଙ୍ଗପୁରର ମାଝିଗୁଡ଼ା ଅଞ୍ଚଳର ଶଙ୍କର ପ୍ରସାଦ ବେହେରା ଏବଂ ରତ୍ନପ୍ରଭା ଦାଶଙ୍କ ସୁକନ୍ୟା ଘରେ ରହି ଜୀବ ବିଜ୍ଞାନ ବିଭଗୀୟ ମୁଖ୍ୟ ଅଧ୍ୟାପିକା ଶ୍ରୀମତୀ ଭାନୁମତୀ ସାହୁକାର ଏବଂ ଅଧ୍ୟାପିକା ସୁନୟନା ସମାସିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ନବରଙ୍ଗପୁର ମହାବିଦ୍ୟାଳୟରେ ଅଧ୍ୟୟନ କରୁଥିଲେ । ଏହି ସଫଳତାର ଶ୍ରେୟ ଇପ୍ସିତା ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ ଗୁରୁଜନମାନଙ୍କୁ ଦେଇଛନ୍ତି ।ଭବିଷ୍ୟତରେ ବିଶ୍ୱବିଦ୍ୟାଳୟରେ ସ୍ନାତକୋତ୍ତର ଅଧ୍ୟୟନ କରିବା ସହ ଓପିଏସି ପରୀକ୍ଷା ଦେଇ ଅଧ୍ୟାପିକା ହେବାକୁ ଲକ୍ଷ୍ୟ ରଖିଛନ୍ତି ।

## କର୍ମୀଙ୍କ ଶ୍ରଦ୍ଧାଞ୍ଜଳୀ ସଭାରେ ଯୋଗଦେଲେ ମାହାଙ୍ଗା କଂଗେସ ନେତା ଦେବେନ୍ଦ୍ର

ମାହାଙ୍ଗା ୨୯/୪ (ନି.ପ୍ର): ମାହାଙ୍ଗା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କୁହୁଣ୍ଡା ଗ୍ରାମ ପଂଚାୟତ ଧଉଳିଆ ଗ୍ରାମର ବର୍ଷିଆନ୍ କଂଗ୍ରେସ କର୍ମୀ ସ୍ୱର୍ଗତ ସୁନାକର ଦାସଙ୍କ ଦ୍ୱାଦଶାହ ଉପଲକ୍ଷେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳୀ ସଭାରେ ମାହାଙ୍ଗା ବରିଷ୍ଠ କଂଗ୍ରେସ ନେତା ଶ୍ରୀଯୁକ୍ତ ଦେବେନ୍ଦ୍ର କୁମାର ସାହୁ ସ୍ୱର୍ଗତ ସୁନାକରଙ୍କ ଧଉଳିଆସ୍ଥିତ ବାସଭବନରେ ପହଞ୍ଚି ସ୍ୱର୍ଗତ ଦାସଙ୍କୁ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିବା ସହ ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ । ଶ୍ରୀଯୁକ୍ତ ସାହୁଙ୍କ ସମେତ ଅନ୍ୟମାନଙ୍କ ମଧ୍ୟରେ ମାହାଙ୍ଗା ବ୍ଲକ କଂଗ୍ରେସ କମିଟି ପୂର୍ବତନ ସଭାପତି ଅଲେଖ ପ୍ରସାଦ ସ୍ୱାଇଁ, ଯୁବ ସଂଗଠକ ଉତ୍ତମ କୁମାର ବେହେରା, ଚୈତନ୍ୟ ପ୍ରସାଦ ପାଣି, ଦେବେନ୍ଦ୍ର ପରିଡା, ଅରବିନ୍ଦ ପଣ୍ଡା, ଭାଗ୍ୟଧର ରାଉତ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଦାସଙ୍କୁ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ ।



## ଗ୍ରୁପ୍ ଲୋନ୍ ଟଙ୍କାକୁ କେନ୍ଦ୍ର କରି ମହିଳାଙ୍କୁ ଆକ୍ରମଣ ; ବଡ଼ ଯାଆ ଓ ଦେଢଶୁର କୋର୍ଟ ଚାଲାଣ

ବେଲଗୁଣ୍ଠା ୨୮/୦୪/୨୦୨୫ କଳିଙ୍ଗ ଜ୍ୟୋତି : ବେଲଗୁଣ୍ଠା ବ୍ଲକ୍ ଗାଙ୍ଗପୁର ଥାନା ଅନ୍ତର୍ଗତ ମରାଇପାଟ ଗ୍ରାମରେ ଗ୍ରୁପ୍ ଲୋନ୍ ଟଙ୍କାକୁ କେନ୍ଦ୍ର କରି ଜଣେ ମହିଳା ଏବଂ ତାଙ୍କ ମାଆଙ୍କୁ ଆକ୍ରମଣ ମାମଲାରେ ମହିଳାଙ୍କ ବଡ଼ ଯାଆ ଏବଂ ଦେଢ଼ଶୁର କୋର୍ଟଚାଲାଣ ହୋଇଥିବା ସୂଚନା ମିଳିଛି । ସୂଚନା ପ୍ରକାରେ ମରାଇପାଟ ଗ୍ରାମର ବର୍ଷା ରାଣୀ ନାୟକ ଏକ ମହିଳା ଗୋଷ୍ଠୀରୁ ନିଜର କିଛି ଆବଶ୍ୟକ ପାଇଁ ୫୦୦୦୦ ଟଙ୍କା ଉଠାଣ କରିଥିଲେ ଓ ଟଙ୍କା ଉଠାଣ ପରେ ମହିଳାଙ୍କ ବଡ଼ ଯାଆ ନାଗରୀ ନାୟକ ଏବଂ ଦେଢ଼ଶୁର ପୂର୍ଣ୍ଣଚନ୍ଦ୍ର ନାୟକ ବର୍ଷାଙ୍କୁ ଟଙ୍କା ମାଗିଥିଲେ । କିନ୍ତୁ ବର୍ଷା ଟଙ୍କା ନଦେବାରୁ ନାଗରୀ ଏବଂ ପୂର୍ଣ୍ଣଚନ୍ଦ୍ର ନାୟକ କାଠ ଫାଳିଆ ଏବଂ ଟାଙ୍ଗିଆ ବେଣ୍ଟରେ ମରଣାନ୍ତକ ଆକ୍ରମଣ କରି ଜୀବନରେ ମାରି ଦେବାକୁ ଉଦ୍ୟମ କରିଥିବା ବର୍ଷା ଗାଙ୍ଗପୁର ଥାନାରେ ଅଭିଯୋଗ କରିଛନ୍ତି । ବର୍ଷାଙ୍କ ଅଭିଯୋଗ ପ୍ରକାରେ ଏହି ଆକ୍ରମଣରେ ବର୍ଷାଙ୍କ ମାଆ ସୁଲୋଚନା ମଧ୍ୟ ଆହତ ହୋଇଛନ୍ତି ଓ ବର୍ଷାଙ୍କ ଅଭିଯୋଗକୁ ଭିତ୍ତିକରି ଗାଙ୍ଗପୁର ପୋଲିସ୍ କେଶ୍ ନମ୍ବର୍ ୨୭୨/୨୫ ରେ ଏକ ମାମଲା ରୁଜୁ କରି ଉଭୟ ନାଗରୀ ଏବଂ ପୂର୍ଣ୍ଣଚନ୍ଦ୍ରଙ୍କୁ କୋର୍ଟଚାଲାଣ କରିଥିବା ଗାଙ୍ଗପୁର ଥାନା ଅଧିକାରୀ ଶୁଭଲକ୍ଷ୍ମୀ ପୂଜାରୀ ପ୍ରକାଶ କରିଛନ୍ତି ।

## ମାନ୍ୟବର ମନ୍ତ୍ରୀ ରବିନାରାୟଣ ନାଏକଙ୍କ ସହ ମାହାଙ୍ଗା ବିଜେପି ନେତା ସୁମନ୍ତଙ୍କ ଆଲୋଚନା

ନିଶ୍ଚିନ୍ତକୋଇଲି/ମାହାଙ୍ଗା ୨୯/୪ (ନି.ପ୍ର):ମାହାଙ୍ଗା ବିଜେପି ନେତା ତଥା ମାହାଙ୍ଗା ବିଧାନସଭା ନିର୍ବାଚନ ମଣ୍ଡଳୀ ବିଜେପି ବିଧାୟକ ପ୍ରାର୍ଥୀ ଶ୍ରୀ ସୁମନ୍ତ କୁମାର ଘଡେଇ ଓଡିଶା ସରକାରଙ୍କ ଗ୍ରାମ୍ୟ ଉନ୍ନୟନ, ପଂଚାୟତରାଜ ଏବଂ ପାନୀୟ ଜଳ ବିଭାଗ ମାନ୍ୟବର ମନ୍ତ୍ରୀ ଶ୍ରୀ ରବିନାରାୟଣ ନାୟକ ମହୋଦୟଙ୍କୁ ତାଙ୍କ ବାସଭବନରେ ଭେଟି ମାହାଙ୍ଗା ନିର୍ବାଚନ ମଣ୍ଡଳୀର ସମସ୍ତ୬୪ଟି ପଂଚାୟତରେ ଗ୍ରାମ୍ୟ ଉନ୍ନୟନ, ପଂଚାୟତରାଜ ଓ ପାନୀୟ ଜଳ ବିଭାଗ ଅଧିନରେ ଆସୁଥିବା ବିଭିନ୍ନ ଯୋଜନାଗୁଡିକରେ ଉପୁଜୁଥିବା ସମସ୍ୟାର ସମାଧାନ ନିମନ୍ତେ ଶ୍ରୀ ଘଡେଇ ମାନ୍ୟବର ମନ୍ତ୍ରୀ ଶ୍ରୀଯୁକ୍ତ ନାୟକଙ୍କ ସହ ଆଲୋଚନା କରିଥିଲେ । ବିଭାଗ ପକ୍ଷରୁ ସମସ୍ୟାର ସମାଧାନ ପାଇଁ ତୁରିତ ପଦକ୍ଷେପ ନିଆଯିବ ବୋଲି ମନ୍ତ୍ରୀ ଶ୍ରୀଯୁକ୍ତ ନାୟକ ସୁମନ୍ତଙ୍କୁ ପ୍ରତିଶୃତି ଦେଇଥିଲେ ।

## ନୂତନ ଅନୁଦାନ ଅବସର ପ୍ରାପ୍ତ ଶିକ୍ଷକ ଓ କର୍ମଚାରୀ ସଂଘର ବୈଠକ

ମୟୂରଭଞ୍ଜ ୨୯/୪ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ଜାମଦା ବ୍ଲକ ଅଧିନସ୍ଥ ସମସ୍ତ ନୂତନ ଅନୁଦାନ ବିଦ୍ୟାଳୟ ସମୂହର ଅବସର ପ୍ରାପ୍ତ ଶିକ୍ଷକ ଓ କର୍ମଚାରୀମାନଙ୍କର ବରିଷ୍ଠ ଶିକ୍ଷକ ଗୋବର୍ଦ୍ଧନ ମହାନ୍ତଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା ।ସଭାକାର୍ଯ୍ୟରେ ରତ୍ନାକର ଦାସ ସମ୍ପାଦକ,ପିତାମ୍ବର ହାଁସଦାଃ ସଭାପତି ଓ ରାମନାଥ ସିଂକୁଙ୍କୁ କୋଷାଗାର ଭାବରେ ଚୟନ କରାଯାଇଛି ।ନୂତନ ଅନୁଦାନ ପ୍ରାପ୍ତ ବିଦ୍ୟାଳୟ ମାନଙ୍କର ଅବସର ପରେ ପେନସନ କିମ୍ବା ଅନ୍ୟ ବ୍ୟବସ୍ଥା ଅଦ୍ୟାବଧି ସରକାରଙ୍କ ତରଫରୁ ବହୁବାର ଦାବି କଲାପରେ ମଧ୍ୟ ପୂରଣ ହୋଇନଥିବାରୁ ଅବସର ପରେ ଶିକ୍ଷକ ଓ କର୍ମଚାରୀମାନେ ଅନେକ ଦୁଃଖ,କଷ୍ଟ,ଅଭାବ ଅନଟନରେ କାଳାତିପାତ କରୁଥିବା ବୈଠକରେ ପ୍ରକାଶ ପାଇଛି ।ଏଣୁ ଆଗାମୀ ଦିନରେ ଆନ୍ଦୋଳନକୁ ଜାରି ରଖିବା ପାଇଁ ବ୍ଲକସ୍ତରୀୟ ଏକ କମିଟୀ ଗଠନ କରାଯାଇଛି ବୋଲି ନୂତନ ଭାବରେ ଚୟନ କରାଯାଇଥିବା ସମ୍ପାଦକ ରତ୍ନାକର ଦାସ ସମାଜକୁ ଜଣାଇଛନ୍ତି ।

# ବରଗଡ଼ ପୁରୁଣା ହସ୍ପିଟାଲର ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟ ସେବା କୁ ନେଇ ଜିଲ୍ଲାପାଳଙ୍କ ଦ୍ୱାରସ୍ତ ହେଲା ବରଗଡ଼ ନାଗରିକ ମଞ୍ଚ




ବରଗଡ଼ ୨୯/୪ (ନି.ପ୍ର): ବରଗଡ଼ ସହର ମଧ୍ୟରେ ଥିବା ପୁରୁଣା ହସ୍ପିଟାଲ ତଥା ସିଏଚସି ରେ ସ୍ୱାସ୍ଥ୍ୟ ସେବା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇ ପଡିଥିବାରୁ ଏହାର ସମାଧାନ ନିମନ୍ତେ ଜିଲ୍ଲାପାଳଙ୍କ ଦ୍ୱାରସ୍ତ ହୋଇଛି ବରଗଡ଼ ନାଗରିକ ମଞ୍ଚ ।ଏହି ହସ୍ପିଟାଲ ରେ ସେଲାଇନ ଷ୍ଟାଣ୍ଡ ନଥିବା ରୁ ରୋଗୀଙ୍କ ସମ୍ପର୍କୀୟଙ୍କୁ ଘଣ୍ଟା ଘଣ୍ଟା ସେଲାଇନ ହାତରେ ଧରି ଛିଡା ହେବାକୁ ପଡୁଛି ସେହିପରି ଭୀଷଣ ଗରମ ସମୟ ରେ ରୋଗୀଙ୍କ ପାଇଁ ବେଡ଼ ର ସୁବିଧା ନଥିବାରୁ ତଳେ ବାରଣ୍ଡା ରେ ରୋଗୀ ମାନେ ପଡ଼ି ରହୁଛନ୍ତି, ବରଗଡ଼ ର ଏହି ହସ୍ପିଟାଲ କୁ ପ୍ରତ୍ୟେକ ଦିନ ଶହ ଶହ ରୋଗୀ ଚିକିତ୍ସା ପାଇଁ ଆସିଥାନ୍ତି କିନ୍ତୁ ସ୍ୱାସ୍ଥ୍ୟ ସେବା ଠିକ ସେ ମିଳୁନଥିବା କାରଣରୁ ଖେଦାପାଲି ସ୍ଥିତ ମୁଖ୍ୟ ଚିକିତ୍ସାଳୟ କୁ ରେଫର କରି ଦିଆ ଯାଉଛି ।ଯେଉଁ ଠାରେ ସ୍ୱାସ୍ଥ୍ୟ ସେବା ଆହୁରି ବିପର୍ଯ୍ୟସ୍ତ ସେଠାରୁ ପୁଣି ବୁର୍ଲା କୁ ରେଫର କରାଯାଉ ଥିବା ଅଭିଯୋଗ ହୋଇଛି ତେଣୁ ଏପରି ସ୍ଥିତି ରେ ରୋଗୀ ଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇବା ଗୋଟିଏ ସରକାରଙ୍କ ପ୍ରାଥମିକ ଦାଇତ୍ୱ ତେଣୁ ଏହି ସିଏଚସି କୁ ପରିଦର୍ଶନ କରି ଯାହା ସବୁ ସମସ୍ୟା ରହିଛି ସମାଧାନ କରିବା ସହ ଅପରେସନ ଥିଏଟର (ଓଟି ) କୁ କାର୍ଯ୍ୟକ୍ଷମ କରିବା ସହ ମୋଟ ୨୧ ଟି ଡାକ୍ତର ପଦବୀ କୁ ପୂରଣ କରାଯାଉ ଏବେ ୫ ଟି ଡାକ୍ତର ରେ କାମ ଚାଲୁଛି ତାହା ସହ ନର୍ସ ଓ ପାରା ମେଡିକାଲ ଷ୍ଟାଫ ନିଯୁକ୍ତି କରିବା ସହ ସମସ୍ତ ଔଷଧ ଓ ପରୀକ୍ଷା ଓ ଟେଷ୍ଟ କୁ ନିଶ୍ଚିତ କରିବା କୁ ନାଗରିକ ମଞ୍ଚ ଦାବୀ ଜଣାଇଛି ।ଏହି ସମୟରେରେ ଶିବାନନ୍ଦ ମଟାରୀ,ମହେନ୍ଦ୍ର ପୁରୋହିତ,ପ୍ରଶାନ୍ତ କୁମାର ନାୟକ,ସୁଶାନ୍ତ ସାହୁ,ଲତିଫ ଖାନ,ରାଜେନ୍ଦ୍ର ସିକନ୍ଦର,ଗଙ୍ଗା ପୂଜାରୀ, ବିମଳ କୁମାର ଶିକା,ସାରଥୀ ମେହେର, ସୁଶାନ୍ତ ପାଢ଼ୀ,ବିକାଶ ଅଗ୍ରୱାଲ,ସୁରେଶୁ ନିକାଣ୍ଡି,ଭବାନୀ ସାହୁ ଓ ଅନ୍ୟମାନେ ଉପସ୍ଥିତ ଥିଲେ ।

## ବସୁଧା ଯୋଜନା ବନ୍ଦ ଗ୍ରାମରେ ପାନୀୟ ଜଳ ସମସ୍ୟା



ଗଞ୍ଜାମ,୨୯/୪: ଗଞ୍ଜାମ ବ୍ଲକରେ ବର୍ତ୍ତମାନ ବିଭିନ୍ନ ଅଂଚଳରେ ପାନୀୟ ଜଳ ସମସ୍ୟା ଦେଖାଦେଇଛି। ଯାହାକୁ ନେଇ ଲୋକମାନେ ଘୋର ଅସୁବିଧା ସମ୍ମୁଖୀନ ହେଉଛନ୍ତି। ଗ୍ରୀଷ୍ମ ପ୍ରବାହ ଯୋଗୁଁ ଲୋକଙ୍କୁ ଅସ୍ତବ୍ୟସ୍ତ ହେବାକୁ ପଡୁଥିବା ବେଳେ ପାନୀୟ ଜଳ ସମସ୍ୟା ଏବେ ବେଡି ଉପରେ କୋରଡ଼ା ସଦୃଶ୍ୟ ହୋଇଛି। ଏହି ସମସ୍ୟା ସମାଧାନ ପାଇଁ ଜିଲ୍ଲାପ୍ରଶାସନ ସହ ନିର୍ବାଚିତ ପ୍ରତିନିଧିମାନଙ୍କ ଦାୟିତ୍ୱ ରହିଛି। ସେମାନେ ଏଥି ପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି। ସୂଚନା ଯୋଗ୍ୟ, ଗଞ୍ଜାମ ବ୍ଲକ ଅନ୍ତର୍ଗତ ମଲାଡ଼ ଗ୍ରାମରେ ରହିଥିବା ମେଗା ପାନୀୟ ଜଳ ପ୍ରକଳ୍ପରୁ ପ୍ରାୟ ମାସେ ହେଲା ବିଭିନ୍ନ ଗ୍ରାମକୁ ଜଳ ଯୋଗାଣ ଖାରି ପାଣି ଯୋଗୁଁ ବନ୍ଦ କରି ଦିଆଯାଇଛି। ଗଞ୍ଜାମ ବ୍ଲକର ୫୫ ଗୋଟି ଗ୍ରାମକୁ ଜଳ ଯୋଗାଣ ବନ୍ଦ କରି ଦିଆଯାଇଛି। ହେଲେ ବିଭାଗୀୟ କର୍ତ୍ତୃପକ୍ଷ ଉକ୍ତ ଗ୍ରାମ ଗୁଡିକୁ ପାନୀୟ ଜଳ ଯୋଗାଇବା ନେଇ ବିକଳ୍ପ ବ୍ୟବସ୍ଥା କରିନଥିବା ଅଭିଯୋଗ ହୋଇଛି। ଗଞ୍ଜାମ ବ୍ଲକର ମଲାଡ଼ ପଞ୍ଚାୟତର କୁଶପଲ୍ଲୀ ଗ୍ରାମବାସୀ ଏକ ମାସ ହେଲା ପାନୀୟ ଜଳ ସମସ୍ୟା ପାଇଁ ସମସ୍ୟା ଭୋଗୁଛନ୍ତି। ଫଳରେ ଲୋକମାନେ ହାଣ୍ଡି ମାଠିଆ ଧରି ପ୍ରତିବାଦ କରିଛନ୍ତି। ଉକ୍ତ ଗ୍ରାମରେ ୫ ଶହ ପରିବାର ବସବାସ କରୁଥିବା ବେଳେ ଗାଁରେ ରହିଥିବା ଏକ ପୁରୁଣା କୂଅ ଉପରେ ସମସ୍ତ ପରିବାର ନିର୍ଭର କରିଥାନ୍ତି। ପ୍ରତିଦିନ ଉକ୍ତ କୂଅ ନିକଟରେ ଭିଡ଼ ଜମେ। ଗୋଟିଏ କୂଅ ଉପରେ ଗ୍ରାମବାସୀ ନିର୍ଭର କରୁଥିବାରୁ ସଂକ୍ରାମକ ରୋଗ ବ୍ୟାପିବାର ସମ୍ଭାବନା ରହିଛି। ସେହିପରି ପାଲିବନ୍ଧ ପଞ୍ଚାୟତ ପୋଡ଼ମ ପେଟା ଓଡ଼ିଆରପି କଲୋନୀ ୩୭୫ ପରିବାର, ନୀଳାଦ୍ରିପୁରରେ ମଧ୍ୟ ସମଦଶା। ଭୋଗୁଛନ୍ତି। ପୋଇରାଶି ପଞ୍ଚାୟତର ବଡ଼ଚକଡା ଗ୍ରାମରେ ମଧ୍ୟ ପାନୀୟ ଜଳ ସମସ୍ୟା ରହିଛି। ଏପରିକି ବିଭିନ୍ନ ଗ୍ରାମରେ ପାନୀୟ ଜଳ ସମସ୍ୟା ଲାଗି ରହିଥିବା ଲକ୍ଷ୍ୟ କରାଯାଇଛି।

## ସାହାରପଡାରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

ପାଟଣା ୨୯/୪ (ନି.ପ୍ର): ସାହାରପଡା ବ୍ଲକ ସଭାଗୃହରେ କେନ୍ଦୁଝର ଜିଲ୍ଲାପାଳ ବିଶାଲ ସିଂ ଙ୍କ ଉପସ୍ଥିତି ରେ ଆଜି ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇ ଯାଇଛି କ୍ଷ ବିଡ଼ିଓ ରଣଜିତ କୁମାର ମହାନ୍ତଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଅନୁଷ୍ଠିତ ଶିବିର ରେ ଜନସାଧାରଣ ଙ୍କ ଠାରୁ ମୋଟ ୧୧୪ ଟି ଅଭିଯୋଗ ଗ୍ରହଣ କରାଯାଇ ପଞ୍ଜିକୃତ ହୋଇଥିଲା । ଅଭିଯୋଗ ଗୁଡିକ ମଧ୍ୟରେ ୨୭ ଟି ଗୋଷ୍ଠୀ ସମସ୍ୟା ମୂଳକ ଏବଂ ୬୪ ଟି ବ୍ୟକ୍ତିଗତ ଅଭିଯୋଗ ଥିବା ବେଳେ ୨ ଟି ଆର୍ଥିକ ସମସ୍ୟା ନିମନ୍ତେ ଆସିଥିଲା। ଅଧିକାଂଶ ଅଭିଯୋଗ ପଡ଼ି କାର୍ଡ ଓ ପ୍ରଧାନମନ୍ତ୍ରୀ ଆବାସ ପାଇବା ସମ୍ବନ୍ଧୀୟ ଥିଲା ।ଅଭିଯୋଗ ଗୁଡିକର ସମାଧାନ ନିମନ୍ତେ ଜିଲ୍ଲା ପାଳ ଶ୍ରୀ ସିଂ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲା ପାଳଙ୍କ ସହ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ କୁମାର ନାଗ ଭୂଷଣ, ଡ଼ିଏଫଓ ଏଚଡି ଧନରାଜ,ସିଡିଏମଓ କିଶୋର ଚନ୍ଦ୍ର ପୃଷ୍ଟି, ଅତିରିକ୍ତ ଏସ ପି ହରପ୍ରିୟା ନାଏକ , ଘଟଗାଁ ଏସଡିପିଓ ବିଜୟ କୃଷ୍ଣ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ଅଭିଯୋଗ ଶୁଣି ଥିଲେ । ଏହି ଅବସରରେ ୫ ଜଣ ଦିବ୍ୟାଙ୍ଗଙ୍କୁ ଜିଲ୍ଲାପାଳ ବ୍ୟାଟେରୀ ଚଳିତ ୪ ଚକିଆ ପ୍ରଦାନ କରିଥିଲେ କ୍ଷ ଜନ ଶୁଣାଣିରେ ଲାଇନ ଡିପାର୍ଟମେଣ୍ଟର ଜିଲ୍ଲା ସ୍ତରୀୟ ଓ ବ୍ଲକ ସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ସାହାରପଡା ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ମୋତିଲାଲ ତୁଙ୍ଗ, ଜି ପି ଡି ଓ ଅନ୍ତର୍ଯ୍ୟାମୀ ସେଠୀ , ଲୋକନାଥ ନାଏକ, କୋଷାଧକ୍ଷ ତପନ କୁମାର ଭୂୟାଁଙ୍କ ସହ ବ୍ଲକର ସମସ୍ତ ଅଧିକାରୀ ସହଯୋଗ କରିଥିଲେ ।

# ଅବହେଳିତ ପିଛୁଳାବେଡ଼ା ଗ୍ରାମ

## ମାଳ ମାଳ ସମସ୍ୟା ରେ ଘାଣ୍ଟି ହେଉଛନ୍ତି ସାହି ବାସୀ

ପାଟଣା ୨୯/୪ (ନି.ପ୍ର): ଆଜିବି କେନ୍ଦୁଝର ଜିଲ୍ଲା ରେ ଏମିତି ଅନେକ ଦୁର୍ଗମ ଅଞ୍ଚଳ ରହିଛି। ଯେଉଁଠି ସରକାରଙ୍କ ଯୋଜନା ଅପହଞ୍ଚ ହୋଇ ରହିଛି। କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଡୁମୁରିଆ ପଞ୍ଚାୟତ ପିଛୁଳାବେଡା ଗ୍ରାମର ଦୁର୍ଗମ ବେଙ୍ଗେଇ ସାହି କ୍ଷେତ୍ରରେ ଏଭଳି ଚିତ୍ର ଦେଖିବାକୁ ମିଳିଛି। ଏଠାରେ ପହଞ୍ଚି ପାରିଲାନି ୨୪ ବର୍ଷର ବିଜେଡି ସରକାରଙ୍କ ମାଳ ମାଳ ଯୋଜନା। ଏଠି ଖଣ୍ଡିଏ ରାସ୍ତାର ସୁବିଧା ଅଛି ନା ପାନୀୟ ଜଳର ସୁବିଧା ହେଇଛି । ବ୍ଲକ କାର୍ଯ୍ୟାଳୟ ଠାରୁ ୧୬ କିମି ଦୂରରେ ଅବସ୍ଥିତ ଏହି ଗାଁ। ଘଞ୍ଚ ଜଙ୍ଗଲ ମଝିରେ ଅଙ୍କା ବଙ୍କା ସଂକୀର୍ଣ୍ଣ ପାଦଚଲା ରାସ୍ତା ଦେଇ ଗଲେ ପଡେ ପିଛୁଳାବେଡା ଗ୍ରାମର ଏହି ବେଙ୍ଗେଇ ସାହି। ସ୍ୱାଧିନତା ର ଦୀର୍ଘ ବର୍ଷ ପରେ ବି ଏଠି ବିକାଶ ହେବା ତ ଦୁରର କଥା ମୌଳିକ ସମସ୍ୟାର ସମାଧାନ ହୋଇ ପାରିନି। ଏହି





ସାହିରେ ୨୦ପରିବାର ର ପାଖାପାଖି ୨୦୦ ଲୋକ ବସବାସ କରନ୍ତି। ଜଙ୍ଗଲ ମଧ୍ୟରେ ସଂକୀର୍ଣ୍ଣ ପଥୁରିଆ ରାସ୍ତା ହିଁ ଏମାନଙ୍କ ଗମନାଗମନ ର ମାଧ୍ୟମ। ସ୍କୁଲ ପିଲା ଠୁ ଆରମ୍ଭ କରି ବୟସ୍କଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ଏହି ପଥୁରିଆ ରାସ୍ତା ରେ ଯିବାକୁ ପଡେ। ପ୍ରତି ମାସ ବୃଦ୍ଧ,ବୃଦ୍ଧା ହିତାଧିକାରୀ ମାନେ ପଞ୍ଚାୟତ ରୁ ଚାଉଳ ଓ ବିଧବା ଭତ୍ତା ଟଙ୍କା ଧରି ବହୁ କଷ୍ଟରେ ଗାଁ କୁ ଫେରନ୍ତି ।ରାସ୍ତା ନଥିବାରୁ ଗ୍ରାମକୁ ଆମ୍ବୁଲାନ୍ସ ଅସିପାରୁନି। ଫଳରେ ଗର୍ଭବତୀ ମହିଳା ଓ ରୋଗୀ କୁ ୨ କିମି ପାହାଡିଆ ରାସ୍ତାରେ ଖଟିଆ ରେ ବୋହି ନେବାକୁ ପଡୁଛି। ନିକଟରେ ମାତ୍ର ଦିନ କେଇଟା ପୂର୍ବ ରୁ ଜଣେ ଗୁରୁତର ରୋଗୀ ଙ୍କୁ ୨ କିମି ଖଟିଆ ରେ ବୋହି ଆମ୍ବୁଲାନ୍ସ ନିକଟକୁ ନିଆଯାଇଛି। ଯାହାକୁ ନେଇ ଏବେ ଗ୍ରାମବାସୀ ଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି । ରାଜ୍ୟ ରେ ଦୀର୍ଘ ୨୪ ବର୍ଷ ସ୍ଥିର ସରକାର ରେ ଗାଁ କୁ ରାସ୍ତା ଟିଏ କରି ପାରିଲେ ନାହିଁ ବିଜେଡ଼ି ସରକାର । କେବଳ ସମସ୍ୟା ଏତିକିରେ ଶେଷ ହୋଇନି । ବର୍ଷ ବର୍ଷ ଏଠି ଜଳ ଯନ୍ତ୍ରଣା ଭୋଗୁଛନ୍ତି ଲୋକେ। କେବଳ ଯେ ଗ୍ରୀଷ୍ମ ଆସିଲେ ଏଠାରେ ପାନୀୟ ଜଳ ସମସ୍ୟା ଦେଖାଦିଏ ତାହା ନୁହେଁ। ସ୍ୱାଧୀନତାର ୭ ଦଶନ୍ଧି ପରେ ମଧ୍ୟ ଏଠାରେ ଅଭିଶପ୍ତ ଜୀବନ ଜିଉଛନ୍ତି ଗ୍ରାମବାସୀ । ଦେଖନ୍ତୁ ଟାଙ୍ଗ ଟାଙ୍ଗ ଖରାରେ ମାଇଲ ମାଇଲ ବାଟ ଯାଇ କିଭଳି ପାଣି ଟୁପାଏ ପାଇଁ ସଂଘର୍ଷ କରୁଛନ୍ତି ଲୋକେ। ତହ ତହ ଖରାରେ ଏବେ ଲୋକେ ପିଇବା ପାଣି ନପାଇ ବାଧ୍ୟ ହୋଇ ଚୁଆ ର ଦୂଷିତ ପାଣି ବ୍ୟବହାର କରି ବିଭିନ୍ନ ରୋଗର ଶୀକାର ହେଉଛନ୍ତି। ନିଜର ହକ ପାଇଁ ପଞ୍ଚାୟତ ଠାରୁ ବ୍ଲକ ଅଫିସ୍ ଗଲେବି କେହି ଶୁଣୁ ନଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ। ଏବେ ରାଜ୍ୟରେ ନୂତନ ସରକାର ଆସିବା ପରେ ସମସ୍ୟାର ସମାଧାନ ଆଶା ରଖିଛନ୍ତି ଲୋକେ। ଏହି ସମସ୍ୟା ନେଇ ପାଟଣା ବିଡ଼ିଓ ଙ୍କୁ ପଚାରିବାରୁ ସେ ଘଟଣା କୁ ସ୍ୱିକାର କରିବା ସହ ଖୁବ ଶିଘ୍ର ରାସ୍ତା ଓ ପାନୀୟ ଜଳ ସମସ୍ୟା ର ସମାଧାନ ହୋଇଯିବ ବୋଲି ପ୍ରତିଶୃତି ଦେଇଛନ୍ତି।

## ସ୍ୱାମ ଶାସନ ରେ ବାଦିପାଲା ମହୋତ୍ସବ

ପାଟଣ ୨୯/୪ (ନି.ପ୍ର): କେନ୍ଦୁଝର ଜିଲା ପାଟଣା ବ୍ଲକ ସ୍ୱାମ ଶାସନ ର ୭୦ ତମ ବାଦି ପାଲା ମହୋତ୍ସବ ରବିବାର ଠାରୁ ଆରମ୍ଭ ହୋଇଛି । ଏହି ବାଦି ପାଲା ଗୁରୁବାର ପର୍ଯ୍ୟନ୍ତ ଚାଲିବ। ସ୍ୱନାମଧନ୍ୟ ପାଲା ଗାୟକ ଗୋପାଳକୃଷ୍ଣ ଜେନା ଓ ବିଜୟ କୁମାର ଓଝା ଙ୍କ ମଧ୍ୟରେ ବାଦ ପାଲା ଅନୁଷ୍ଠିତ ହୋଇଛି। ସମସ୍ତ ପାଲା ଶ୍ରୋତା ଙ୍କ ପାଇଁ ପ୍ରତ୍ୟହ ପ୍ରସାଦ ସେବନ ବ୍ୟବସ୍ଥା ସହ ଚା ପାନ ବ୍ୟବସ୍ଥା କରାଯାଉ ଥିବା ପାଲା କମିଟି ର ସଭାପତି ଭାଗିରଥି ଦାଶ, ଉପସଭାପତି ଶ୍ରୀନିବାସ ଶତପଥୀ ସମ୍ପାଦକ ବୀର କିଶୋର ଦାଶ କହିଛନ୍ତି। କାର୍ଯ୍ୟ କ୍ରମ କୁ ପାଲା କମିଟି ବୀର ମୋହନ ଦ୍ୱିବେଦୀ, କଳ୍ପ ତରୁ କର ,ସୁମିତ ପତି , ସନ୍ତୋଷ ତ୍ରିପାଠୀ , ଜ୍ଞାନେନ୍ଦ୍ର ମିଶ୍ର, ଚିରଞ୍ଜିବି ଦାଶ,ସୌମ୍ୟ ରଞ୍ଜନ ଦାଶ, ତ୍ରିଲୋଚନ କର, କୁଳମଣି ଶତପଥୀ, ଅମୂଲ୍ୟ ଧନ କର ପ୍ରମୁଖ ପରିଚାଳନା କରୁଛନ୍ତି । ଭୋଗ ଓ ଶାନ୍ତି ଶୃଙ୍ଖଳା ରକ୍ଷା କରିବା ପାଇଁ ପ୍ରକାଶ ଦାଶ, ସିଦ୍ଧାର୍ଥ ଦାଶ, ଆର୍ଯ୍ୟ ପ୍ରସାଦ ଦାଶ, ସମୀର ଦାଶ, ଦେବାଶିଷ ତ୍ରିପାଠୀ , ଭବତୋଶ ଶତପଥୀ, ସଂଜତ କର, ତୁଷାର ଦାଶ,ତ୍ରିଦିବେଶ ତ୍ରିପାଠୀ, ପ୍ରମୁଖ ପରିଚାଳନା କରୁଛନ୍ତି।

# ନିଃସହାୟ ଜୀବନ, ନିଷ୍ଠୁର ପ୍ରଶାସନ



କୋରାପୁଟ/କୋଟପାଡ଼ ୨୯/୪ (ନି.ପ୍ର): କୋରାପୁଟ ଜ଼ିଲ୍ଲା,କୋଟପାଡ଼ ବ୍ଲକ,ଡାମନାହାଣ୍ଡି ପଞ୍ଚାୟତ,ସୌରା କୁହୁଡି ଗ୍ରାମ ନିବାସୀ ସୁକମତି ସମରଥ ।ବୟସ ୮୦ ବର୍ଷରୁ ଅଧିକ ହେବ ।ସ୍ୱାମୀ ସମାରୁ ସମରଥ ସାତ ବର୍ଷ ପୂର୍ବେ ଅରିପାରିକୁ ।ପରିବାର ମାନେ ପୁଅ,ବୋହୁ ଏବଂ ତାଙ୍କ ସନ୍ତାନ ।ପୁଅ ତାଙ୍କ ପରିବାର ଙ୍କୁ ନେଇ ଦୁଃଖକଷ୍ଟ ରେ ଜୀବନ କଟଉଛନ୍ତି ।ମାଁଙ୍କ ସ୍ୱାସ୍ଥ୍ୟ ଦିନକୁ ଦିନ ବିଗଡୁଥିବାରୁ ତାଙ୍କ ଯତ୍ନ ନେବା ତାଙ୍କ ଉପରେ ଆର୍ଥିକ ବୋଝ ପକାଉଛି। ଗରିବ ଅସହାୟଙ୍କ ପାଇଁ ରାଜ୍ୟ ତଥା କେନ୍ଦ୍ର ସରକାରଙ୍କ ମାଳ ମାଳ ଯୋଜନା ରହିଥିବା ସତ୍ତ୍ୱେ ଅସହାୟ ସୁକମତି କ୍ଷେତ୍ରରେ ସବୁ ଅପହଞ୍ଚ ।ଲୋକ କଲ୍ୟାଣ ସରକାରୀ ଯୋଜନା ଗରିବ ଅସହାୟଙ୍କ ନିକଟରେ କିପରି ପହଞ୍ଚୁଛି,ତାହା ସୁକମତି ଙ୍କୁ ଦେଖିଲେ ବେଶ ଅନୁମେୟ ।ପ୍ରଶାସନିକ ବଡପଣ୍ଡା ମାନେ କାର୍ଯ୍ୟାଳୟ ର ଏସ.ସି ରୁମରେ ବସି ଗରିବଙ୍କ ପାଇଁ ଏହା କଲୁ ସେୟା କଲୁ ବୋଲି ଡିମଡିମ ପିଟୁଥିବା ବେଳେ ପ୍ରକୃତ ଚିତ୍ର ସମ୍ପୂର୍ଣ ଭିନ୍ନ ।ସରକାରଙ୍କ ଯୋଜନା ଲୋକଙ୍କ ପାଖରେ ପହଞ୍ଚେଇବା ପାଇଁ ପ୍ରଶାସନିକ ଅଧିକାରୀମାନେ ମୋଟା ଅଙ୍କର ଦରମା ପାଉଥିବା ବେଳେ ଅସହାୟ ଗରିବ ଲୋକେ ଦୁଇ ଓଳି ମୁଠାଏ ଖାଦ୍ୟ ପାଇଁ ଲୋକଙ୍କ ହାତଟେକାକୁ ଅନାଇ ରହିଥିବା ସୁକମତିଙ୍କ କ୍ଷେତ୍ରରେ ଦେଖିବାକୁ ମିଳିଛି ।ଦୀର୍ଘ ୭ ବର୍ଷ ହେବ ସ୍ୱାମୀଙ୍କ ମୃତ୍ୟୁ ହୋଇଥିବା ସତ୍ତ୍ୱେ ବିଧବା ଭତ୍ତା କିମ୍ବା ବୃଦ୍ଧା ଭତ୍ତା ସୁକମତି ଙ୍କୁ ଜଗାଇବା ରେ ବିଫଳ ହୋଇଛି ପ୍ରଶାସନ। ସୁକମତିଙ୍କ ସମ୍ପର୍କରେ କୋଟପାଡ଼ ବିଧାୟକ ରୁପୁ ଭତ୍ରା ଖବର ପାଇ ତାଙ୍କ ପ୍ରତିନିଧି ଙ୍କୁ ତାଙ୍କ ନିକଟକୁ ପଠାଇବା ପରେ ସେ ଦୀର୍ଘ ବର୍ଷ ଧରି ଏଭଳି ଅଭାବ ଅନଟନ ମଧ୍ୟରେ ରହି ଆସୁଥିବା ନିଜର ଦୁଃଖଦ ଜୀବନ ବିଷୟରେ ପ୍ରକାଶ କରିଥିଲେ ସୁକମତି ।କୋଟପାଡ଼ ବିଧାୟକ ରୁପୁ ଭତ୍ରା,ବୃଦ୍ଧାଙ୍କ ସବୁ ଅସୁବିଧା ଶୁଣି ବ୍ଲକ ଏବଂ ଜିଲ୍ଲା ପ୍ରଶାସନକୁ ଅବଗତ କରିବା ସହ ସହାୟତା ଯୋଗାଇ ଦେବା ପାଁଇ ପ୍ରତିସୃତି ଦେଇଛନ୍ତି ।ଦେଖିବାର ବାକି ରହିଲା କୁମ୍ଭକର୍ଣ୍ଣ ନିଦ୍ରାରେ ସୋଇଥିବା ପ୍ରଶାସନ ର ନିଦ କେବେ ଭାଙ୍ଗୁଛି ଏବଂ ନିଃସହାୟ ସୁକମତିଙ୍କ ଦୁଃଖ ଦୂର କରିବାରେ କେବେ ସଫଳ ହେଉଛନ୍ତି।

## ଶିକ୍ଷା ର ଉନ୍ନତି ଦେଶର ଉନ୍ନତି ଛାତ୍ରଛାତ୍ରୀ ଙ୍କୁ ଶିକ୍ଷାଦାନ ଉତ୍ସାହ ନିମନ୍ତେ ଅଣ୍ଟା ଭିଡିଛି ଗ୍ରୀନ ଇଣ୍ଡିଆ

ତେନ୍ତୁଲିଖୁଣ୍ଟି ୨୯/୪ (ନି.ପ୍ର): ଆଦିବାସୀ ଅଧ୍ୟୁଷିତ ନବରଙ୍ଗପୁର ଜିଲ୍ଲାର ଶିକ୍ଷା ର ଉନ୍ନତୀ ନିମନ୍ତେ ଛାତ୍ର ଛାତ୍ରୀ ମାନଙ୍କୁ ଉତ୍ସାହ କରିବା ନିମନ୍ତେ କୋରାପୁଟ ଜିଲ୍ଲାର ଲକ୍ଷ୍ମୀପୁର ବ୍ଲକ ଗ୍ରୀନ ଇଣ୍ଡିଆ ଅନୁଷ୍ଠାନ ଅଣ୍ଟା ଭିଡିଥିବା ଦେଖିଥିବା ମିଳିଛି। ଗ୍ରୀନ ଇଣ୍ଡିଆ ଅନୁଷ୍ଠାନ ମୁଖ୍ୟ ଗୋପେଶ୍ୱର୍ ଗରଡ଼ା ଙ୍କ ସଭାପତିତ୍ୱ ରେ ଆଜି ନବରଙ୍ଗପୁର ଜିଲ୍ଲା ବାଗ ସିଉନି ଗ୍ରାମ ପଂଚାୟତ ରେ ପ୍ରାଥମିକ ବିଦ୍ୟାଳୟ ର ପ୍ରଥମ ଶ୍ରେଣୀ ଠାରୁ ପଞ୍ଚମ ଶ୍ରେଣୀ ପଢଥିବା ୨୦୦ ଛାତ୍ରଛାତ୍ରୀ ଙ୍କୁ ଛବିଲ ବର୍ଣ୍ଣ ବଧ ବହି ସହ କଲମ, ପେନସିଲ, ରବର ଓ କଟର ଇତ୍ୟାଦି ବଣ୍ଟନ କରିଥିଲେ। ଗ୍ରାମର ସମସ୍ତ ଅଭିଭାବକ ଉପସ୍ଥିତି ରେ ଶ୍ରୀ ଗରଡ଼ା ଶିକ୍ଷାର ଉନ୍ନତୀ ଦେଶର ଉନ୍ନତି, ଗରିବ ଶ୍ରେଣୀ ଛାତ୍ର ଛାତ୍ରୀ ଙ୍କୁଶିକ୍ଷା କିଟ ପ୍ରଦାନ କରିବା ଦ୍ୱାରା ପାଠ ପଢିବା ଉତ୍ସାହ ବଢିବ ବୋଲି ନିଜ ମତବ୍ୟକ୍ତ କରିଥିଲେ। କାର୍ଯ୍ୟ କ୍ରମ ରେ ଗ୍ରୀନ ଇଣ୍ଡିଆ କାର୍ଯ୍ୟ କର୍ତ୍ତା ହେମନ୍ତ ମହାନନ୍ଦିଆ, ସୁବାଷ ମାଝୀ, ହିମାଂଶୁ ଭରଦିର୍ଜି ଦରା ସାଗରିଆ ଓ ଗ୍ରାମ ଯୁବକ ପରିଚାଳନାରେ ସହଯୋଗ କରିଥିଲେ।

## ରିଷିଡା ରେ ନୂତନ ଫାଣ୍ଡି ଅଧିକାରୀ ଙ୍କ ଯୋଗଦାନ

କର୍ଲାମୁଣ୍ଡା ୨୯/୪ (ନି.ପ୍ର): କଳାହାଣ୍ଡି ଜିଲ୍ଲା ମ ରାମପୁର ଥାନା ଅଧୀନସ୍ଥ ରିଷିଡା ଫାଣ୍ଡିରେ ନୂତନ ଅଧିକାରୀ ଭାବେ ମନୁଆ ବିଡିକା ଯୋଗଦେଇଛନ୍ତି। ତାଙ୍କୁ ବିଭିନ୍ନ ସଙ୍ଗଠନ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ପ୍ରେସ କ୍ଲବ ସଭାପତି ନରୋତ୍ତମ ସେଲମା, ଯୁବ ସଂଗଠକ ବିଶ୍ୱ ଦୀପକ ପାତ୍ର, ସାମ୍ବାଦିକ ସୁଶାନ୍ତ ମଲ୍ଲିକ, ରମେଶ ବାରିକ, ମହେନ୍ଦ୍ର ପ୍ରଧାନୀ ପ୍ରମୁଖ ତାଙ୍କୁ ସାକ୍ଷାତ କରି ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ । ଏହି ଅବସରରେ ଶ୍ରୀ ବିଡିକା ଅଂଚଳରେ ଶାନ୍ତି ଶୃଙ୍ଖଳା ବଜାୟ ରଖିବା ପାଇଁ ସହଯୋଗ କାମନା କରିଥିଲେ।

# ପେଟି ଠିକାଦାର ଭରସାରେ ଧାନମଣ୍ଡି ରେ ପ୍ୟାକ୍ ହାଉସ ନିର୍ମାଣ





କାହାର କେତେ ଭାଗ

ବରଗଡ଼ ୨୯/୪ (ନି.ପ୍ର): ବରଗଡ଼ ଜିଲ୍ଲା ରେ ବରଗଡ଼,ପଦ୍ମପୁର,ଅତାବିରା ଆରଏମସି ଠାରେ ତିନି ଗୋଟି ପ୍ୟାକ୍ ହାଉସ ଓସାମ୍ ବୋର୍ଡ ପକ୍ଷରୁ ଚାଷୀଙ୍କ ଆଳରେ ପାଖାପାଖି ୫କୋଟି ବ୍ୟୟ ବରାଦ ରେ ବିନା ଟ୍ରେଇ,ବିନା ସୁପରଭିଜନ ରେ ସାପ ବେଙ୍ଗ ପୋତି ପେଟି ଠିକାଦାର ଭରସା ରେ ଆରଏମସି ମୁଖ୍ୟ କାର୍ଯ୍ୟାଳୟ ମାନଙ୍କରେ ପ୍ୟାକ ହାଉସ ତିଆରି କରି ଅର୍ଥ ହରି ଲୁଟ ହେଉଥିବା ଅଭିଯୋଗ ହୋଇ କିଛି ଦିନ କାର୍ଯ୍ୟ ମଧ୍ୟ ବନ୍ଦ ରହି କିଛି ଦିନ ପରେ ପୁଣି ଆରମ୍ଭ ହୋଇ ଦୁର୍ନୀତି କୁ ପ୍ରଶ୍ରୟ ଦେଇ ମୋଟା ଅଙ୍କର ଭାଗ ବଣ୍ଟାରେ ପ୍ୟାକ ହାଉସ ତିଆରି ଜାରି ରହି ଥିବାବେଳେ ପୃଥକ୍ ପୃଥକ୍ ଭାବରେ ତିଆରି ହେଉ ଥିବା ପ୍ୟାକ୍ ହାଉସ ର ପ୍ରକାର ଭେଦ ମଧ୍ୟ ପୃଥକ୍ ପୃଥକ୍ ହେଉଥିବା ଦେଖିବାକୁ ମିଳିଛି ।ବରଗଡ଼ ଆର ଏମ ସି ମୁଖ୍ୟ କାର୍ଯ୍ୟାଳୟ ଠାରେ ଟିଣ ଚାଦର ଓ ଜେଇ ଏଙ୍ଗଲ ମାନଙ୍କ ରେ କାର୍ଯ୍ୟ ଜାରି ରହି ଥିବାବେଳେ ଅତାବିରା ରେ ବାଲି ଫିଲିଙ୍ଗ ସ୍ଥାନରେ ସମ୍ପୂର୍ଣ୍ଣ ମାଟି ଫିଲିଂ,୨୫/୨୫ କଂକ୍ରିଟ ପିଲର ରେ ବିନା ମେଟାଲିଙ୍ଗ ରେ ମାଟି ଉପରୁ ୯ ଇଞ୍ଚ ର କାନ୍ଥ ଉଠାଇ ନିମ୍ନ ମାନର କାର୍ଯ୍ୟ ବାରମ୍ବାର ଅଭିଯୋଗ ହେଉଥିଲେ ହେଁ ଅତାବିରା ଆରଏମସି ର ନାକ ତଳେ ଦୁର୍ନୀତି ହେଉଥିବା ବେଳେ ମୁଖ୍ୟ କାର୍ଯ୍ୟାଳୟ ରେ ବସିଥିବା ସମ୍ପାଦକ ଶଶାଙ୍କ ଶେଖର ସାହାଣୀ କେଉଁ ରହସ୍ୟ କୁ ନେଇ ଚୁପ୍ ରହୁଛନ୍ତି କେବଳ ତାଙ୍କୁ ହିଁ ଜଣା ।ସେହିପରି ପଦ୍ମପୁର ମୁଖ୍ୟ କାର୍ଯ୍ୟାଳୟ ରେ ୨୫/୧୦ପିଲର ରେ ମାଟି ଉପରୁ ୧୫ଇଞ୍ଚ କାନ୍ଥ ରେ କାର୍ଯ୍ୟ ଜାରି ରହିଛି ।ଏନେଇ ଅତାବିରା ଆରଏମସି ରେ ପଚରାବୁଝା ରୁ ଆମ ପାଖରେ ଡିଟେଲସ କିଛି ନାହି କେବଳ ପ୍ୟାକ୍ ହାଉସ ତିଆରି ପାଇଁ ଚିଠି ଆସିଛି ବୋଲି କହିଥିବା ବେଳେ ବରଗଡ଼ ରେ ଏହି କାର୍ଯ୍ୟ ପାଇଁ ଜେଇ ନିଯୁକ୍ତ ହୋଇ ନଥିବାର ଜଣା ପଡିଥିବାବେଳେ କିଏ କିଭଳି କାର୍ଯ୍ୟ କରିବାକୁ ଅଛି ତାହା କାହାରିକୁ ଜଣା ନଥିବା କହିଥିଲେ ।ଏନେଇ ଆରଏମସି ର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ଗୁଡ଼ିକ ଦାୟିତ୍ୱରେ ଥିବା ଜେଇ ମାନସ ସାମଲ ଙ୍କୁ ଫୋନ୍ ଯୋଗେ ଯୋଗାଯୋଗ କରି ପ୍ରତି ଉତ୍ତର ସ୍ୱରୂପ ମୁଁ ସେଇ ଦାୟିତ୍ୱରେ ନାହିଁ ଓ କିଏ କରୁଛି ମୁଁ ଜାଣିନାହିଁ ବୋଲି କହିଥିବା ବେଳେ ଦାୟିତ୍ୱରେ ଥିବା ଓସାମ୍ ବୋର୍ଡ ଏଯ୍ୟୁକେଟିବ ଇଞ୍ଜିନିୟର ସମ୍ପିତ ସାହୁ ନିଜ ଦୋଷ ଲୁଚେଇବାକୁ ଯାଇ ସାମଲ ବାବୁ ବୁଝୁଛନ୍ତି ।ଅତାବିରା ର ସେଇଟା ୧କୋଟି ୫୬ଲକ୍ଷ ଟଙ୍କା ର କାମ ଓ ବରଗଡ଼ ଜିଲ୍ଲାରେ ଆରଏମସି ମୁଖ୍ୟ କାର୍ଯ୍ୟାଳୟ ମାନଙ୍କରେ ତିନୋଟି ତିଆରି ହେଉଛି ।ସମ୍ପୂର୍ଣ୍ଣ ଷ୍ଟିଲ ଷ୍ଟ୍ରକ୍ ଚର୍ ରେ ହେବ ଓ ସେଥିରେ ପାଖାପାଖି ୧କୋଟି ଟଙ୍କାର ମେସେ ନାରି ଜିନିଷ ଲାଗିବ ବୋଲି କହି ଆପଣଙ୍କ କଥା ବି ବୁଝି ଦେବା ବୋଲି କହିଥିଲେ ।ତେବେ ଏଠି କାହା କାହା ଓ କେତେ ଲୋକଙ୍କ କଥା ବୁଝି ବିନା ଜେଇ ବିନା ସୁପରଭିଜନ ରେ କାହାର କେତେ ଭାଗବଣ୍ଟା ରେ ଦୁର୍ନୀତି କୁ ପ୍ରଶ୍ରୟ ଦିଆଯାଉଛି ବୋଲି ଚାଷୀ ମହଲରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି ।ଏନେଇ ଉପ ଜିଲ୍ଲାପାଳ ତଥା ଅତାବିରା ଆର୍ ଏମସି ଚେୟାରମେନ୍ ପ୍ରସନ୍ନ ପାଣ୍ଡେ ଙ୍କୁ ୧୧ ମାର୍ଚ୍ଚ ୨୦୨୫ ତାରିଖ ୬ଟା ୪୮ ମିନିଟ ରେ ବିନା ଜେଇ ରେ ନିମ୍ନ ମାନର ପ୍ୟାକ୍ ହାଉସ ନିର୍ମାଣ ର ଦୃଷ୍ଟି ଗୋଚର ହୋଇ ଏବେ ସନ୍ଧ୍ୟା ହେଲାଣି କେଉଁଠି ଆଉ ଦେଖି ହବ ।ଦାୟିତ୍ୱରେ ଥିବା ଆର୍ ଏମସି ସମ୍ପାଦକ ସାହାଣୀ ଙ୍କୁ ତୁରନ୍ତ ଲେଖି ଚିଠି କର,କାମ ବନ୍ଦ କର ବୋଲି କହିଥିଲେ ସତ,ହେଲେ ସେ ଦିନ ମାଟି ଫିଲିଂ ହୋଇଥିଲା ଏବେ ମାଟି ଫିଲିଙ୍ଗ ଉପରେ ବାଲି ଚିଞ୍ଚି ଦେଇ ଅଭିଯୋଗ ସତ୍ତ୍ୱେ ଧୀରେ ଧୀରେ ନିମ୍ନ ମାନର କାର୍ଯ୍ୟ ର ଦିନ ପରେ ଦିନ ବିତି ରୂପ ପରିବର୍ତ୍ତନ କରି ଦିଆଯାଉଛି ।ତେବେ ଏଠି କାହା ଇଙ୍ଗିତ ରେ କିଏ ନିମ୍ନ ମାନର କାର୍ଯ୍ୟ କୁ କେତେ ଭାଗ ବଣ୍ଟା ରେ ପ୍ରଶ୍ରୟ ଦେଉଛି ।ଯାହା ପାଖାପାଖି ୨୦୨୨/୨୩ର କାର୍ଯ୍ୟ କିଭଳି ୨୦୨୫ ସୁଦ୍ଧା ସଂପୂର୍ଣ୍ଣ ହୋଇ ପାରୁନାହିଁ ତାହା କେବଳ ଦାୟିତ୍ୱରେ ଥିବା ଅଧିକାରୀ ମାନଙ୍କୁ ଜଣା ।ତୁରନ୍ତ ଏଦିଗରେ ଡବଲ ଇଞ୍ଜିନ ସରକାର ଦୃଷ୍ଟି ଦେଇ ଭିଜିଲାନ୍ସ ତଦନ୍ତ କରା ଗଲେ ପ୍ରକୃତ ରହସ୍ୟ ଓ କାହାର କେତେ ଭାଗ ବଣ୍ଟା ଧରା ପଡ଼ିବ ବୋଲି ଚାଷୀ ମହଲରେ ବେଶ୍ ଚର୍ଚ୍ଚା ହେଉଛି ।

## ଜାମଦା ଏସ୍ଏସ୍ଟିରେ ରେ ମଧୁବାବୁ ଜୟନ୍ତୀ ପାଳିତ

ମୟୂରଭଞ୍ଜ ୨୯/୪ (ନି.ପ୍ର): ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ଉତ୍ସବକୁ ଜାମଦା ସରକାରୀ ଉଚ୍ଚ ବିଦ୍ୟାଳୟରରେ ସ୍ୱାଭିମାନ ଦିବସ ରୂପେ ଅନୁଷ୍ଠିତ ହୋଇଯାଇଛି । ଏହି ଅ୍ବସରରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗୌରୀ ଶଙ୍କର ସା ମୁଖ୍ୟ ଅତିଥୀ ଭାବରେ ଯୋଗ ଦେଇ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ଜନ୍ମ ଜୟନ୍ତୀ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ ।ନିମନ୍ତ୍ରୀତ ଅତିଥି ୟୁଏସ୍ଆଇ ଓଡ଼ିଶା ସଂଗଠକ ପିକେ ଶତପଥୀ ମଧୁବାବୁ ନିଜର ପ୍ରତିପତ୍ତି, ପ୍ରଭାବ ବଳରେ କାର୍ଯ୍ୟକରିବା ସାଙ୍ଗକୁ ଓଡ଼ିଶାର ଭାଷା, ସଂସ୍କୃତି ଓ ସ୍ୱତନ୍ତ୍ରତା ରକ୍ଷା ପାଇଁ କିପରି ଜନଜାଗରଣ ଆରମ୍ଭ କରିଥିଲେ ସେ ବିଷୟରେ ବକ୍ତବ୍ୟ ଦେଇଥିଲେ ।ସ୍ଥାନୀୟ ସମାଜସେବୀ ଶ୍ୟାମ ସାମଲ,ବିଦ୍ୟାଳୟର ଶିକ୍ଷକ ମିତ୍ରଭାନୁ ପାତ୍ର,ରାଜିବ ବେହେରା, ଧୀରେନ୍ଦ୍ରନାଥ ମହାନ୍ତ, ଦୁଃଖହରଣ ପାତ୍ର, ସୁରେନ୍ଦ୍ରନାଥ ନାଏକ,କ୍ଷୀରୋଦ କୁମାର ବେହେରା, ଶିକ୍ଷୟତ୍ରୀ ଆନି ଗଞ୍ଜୁ,ଅନୁପମା ମହାନ୍ତି,କୁଶ ପାତ୍ର,ବାଲିଆ ମୁର୍ମୁ ପ୍ରମୁଖ ଉପସ୍ଥିତ ରହି ମଧୁବାବୁଙ୍କ ଜୀବନଚରିତ ପାଠ କରିଥିଲେ ଏବଂ ଆବାହନୀ ଓ ଉଦଯାପନୀ ସଂଗୀତକୁ ଜୟନ୍ତୀ ସଭାରେ ଗାନ କରିଥିଲେ ।ଶେଷରେ ଶିକ୍ଷକ ସୁରେନ୍ଦ୍ରନାଥ ନାଏକ ସମସ୍ତଙ୍କୁ ଅପ୍ରମିତ ସାଧୁବାଦ ଅର୍ପଣ କରିଥଲେ ।



## ଅଟୋ ଚାଳକ ସଂଘର ଶାନ୍ତିପୂର୍ଣ୍ଣ କ୍ୟାଣ୍ଡେଲ୍ ଶୋଭାଯାତ୍ରା



ଗୁଣପୁର ୨୯/୪ (ନି.ପ୍ର): ଜାମ୍ମୁ କାଶ୍ମୀର ର ପହଲଗାମ୍ ଠାରେ ଆତଙ୍କବାଦୀଙ୍କ ଗୁଳି ମାଡ଼ରେ ପ୍ରାଣ ହରାଇଥିବା ହିନ୍ଦୁ ପର୍ଯ୍ୟଟକଙ୍କ ଆତ୍ମାର ସଦଗତି କାମନା କରି ଗୁଣପୁର ଅଟୋ ଚାଳକ ସଂଘ ପକ୍ଷରୁ ଆଜି ଏକ ଶାନ୍ତିପୂର୍ଣ୍ଣ କ୍ୟାଣ୍ଡେଲ୍ ଶୋଭାଯାତ୍ରା କରାଯାଇଛି । ସ୍ଥାନୀୟ ନୂତନ ବସଷ୍ଟାଣ୍ଡ ଠାରୁ ଏକ ବିଶାଳ ଶୋଭାଯାତ୍ରା ବାହାରି ପୁରୁଣା ବସଷ୍ଟାଣ୍ଡ ଗାନ୍ଧୀମୂର୍ତ୍ତୀ ଠାରେ ପହଞ୍ଚିଥିଲେ । ଶୋଭାଯାତ୍ରା ବେଳେ ଭାରତମାତା କି ଜୟ , ହିନ୍ଦୁସ୍ତାନ ଜିନ୍ଦାବାଦ , ପାକିସ୍ତାନ ମୁର୍ଦାବାଦ ସ୍ଲୋଗାନରେ ଗୁଣପୁର ରାଜରାସ୍ତା ପ୍ରକମ୍ପିତ ହୋଇ ଉଠିଥିଲା । ଏଥିରୁ ଜନସାଧାରଣଙ୍କ ଆତଙ୍କବାଦ ବିରୁଦ୍ଧରେ ଆକ୍ରୋଶ ସ୍ପଷ୍ଟ ବାରି ହୋଇପଡୁଥିଲା । ସମସ୍ତେ ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଆତଙ୍କବାଦ ବିରୁଦ୍ଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ଜଣାଇଥିଲେ । ଅଟୋ ଚାଳକ ସଂଘର କର୍ମକର୍ତ୍ତାମାନେ ଆତଙ୍କବାଦୀ ଗୁଳିରେ ପ୍ରାଣ ହରାଇଥିବା ହିନ୍ଦୁମାନଙ୍କ ଆତ୍ମାର ସଦଗତି କାମନା କରିବା ସହ ପାକିସ୍ତାନ ବିରୁଦ୍ଧରେ ବର୍ଷିଥିଲେ । ଏହି ଶୋଭାଯାତ୍ରା ରେ ଅଟୋ ଚାଳକ ସଂଘର ସଭାପତି ଗୁପ୍ତ ପ୍ରସାଦ ବାଉରୀ , ସମ୍ପାଦକ ଅଜିତ ଶ୍ରୀରାମ , ଉପସଭାପତି ରାମଚନ୍ଦ୍ର ମହାନ୍ତି , ସୁରେଶ କୁମାର , ବସନ୍ତ ରାଓ , ବିଘ୍ନ ପାଢ଼ୀ , ଟିକି ଭାଇ , ସୁରେଶ , ବାବୁଲା ପ୍ରମୁଖ ଶତାଧିକ କର୍ମକର୍ତ୍ତା ଉପସ୍ଥିତ ରହି ଶାନ୍ତିପୂର୍ଣ୍ଣ ଭାବେ ଶୋଭାଯାତ୍ରାରେ ସାମିଲ ହୋଇଥିଲେ ।

## କୋମନା ବ୍ଲକ୍ ରେ ଜିଲ୍ଲା ସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ

କୋମନା ୨୯/୪ (ନି.ପ୍ର): ଆଜି କୋମନା ବ୍ଲକ୍ ସଭାଗୃହ ଠାରେ ନୂଆପଡା ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧକ୍ଷତାରେ ଜିଲ୍ଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଆଜି ଶିବିରରେ ମୋଟ ୮୮ ଟି ଅଭିଯୋଗର ଶୁଣାଣି ପ୍ରଶାସନ କରିଛନ୍ତି । ଏଥିରୁ ୬୮ ଟି ବ୍ୟକ୍ତିଗତ ୨୦ ଟି ଗୋଷ୍ଠୀଗତ ଅଭିଯୋଗ ସମ୍ବନ୍ଧୀୟ ଥିଲା କ୍ଷଏହି ସବୁ ସମସ୍ୟାର ଅତିଶିଘ୍ର ସମାଧାନ କରିବାକୁ ବିଭାଗୀୟ ଅଧିକାରୀ ମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଆଜିର ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲାପାଳଙ୍କ ସହିତ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଜି ଆର୍ ରାଘବେନ୍ଦ୍ର,ବନଖଣ୍ଡ ଅଧିକାରୀ ଖରୀଆର ଅଜିଜ ଖାନ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ,ଉପ ଜିଲ୍ଲାପାଳ ଯୋଗେନ୍ଦ୍ର ମାଝୀ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡଃ ଗୁରୁ ପ୍ରସାଦ ଜେନା, ଜିଲ୍ଲା ପରିଷଦ ସଦସ୍ୟ ଅବନୀ ରଞ୍ଜନ ଯୋଷୀ,ବ୍ଲକ୍ ଅଧକ୍ଷା ଅନୁସୁୟା କୁମ୍ଭାର, ବ୍ଲକ୍ ଉପାଧକ୍ଷ ଜୟଦେବ ପ୍ରଧାନ, ପ୍ରମୁଖ ଉପସ୍ଥିତ ଥିଲେ କ୍ଷ କୋମନା ବିଡ଼ିଓ ବିନୟ ଭୋଇ , ତହସିଲଦାର ପ୍ରୟାଶୀ ପ୍ରଧାନ,ଡେପୁଟି କଲେକ୍ଟର ଶେଖ୍ ନସିମ, ଏ ବିଡ଼ିଓ ଭକ୍ତବନ୍ଧୁ ବୁଡେକ୍ ଶିବିର ପରିଚାଳନାରେ ସହଯୋଗ କରିଥିଲେ କ୍ଷ ଏଠାରେ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ , ଯନ୍ତ୍ରୀ, ଲାଇନ୍ ବିଭାଗ ଅଧିକାରୀ, ବ୍ଲକ ସ୍ତରୀୟ ଅଧିକାରୀ , କର୍ମଚାରୀ ଏବଂ ବିଭିନ୍ନ ଗଣ ମାଧ୍ୟମର ପ୍ରତିନିଧି ଉପସ୍ଥିତ ଥିଲେ। ଏହି ଅବସରରେ ଅଭିଯୋଗ ଶିବିର ପରିସରରେ ବରିଷ୍ଠ ନାଗରିକ ମାନଙ୍କ ପାଇଁ ଏକ ସ୍ୱାସ୍ଥ୍ୟ ଶିବିରର ଆୟୋଜନ ହୋଇଥିଲା, ଯେଉଁଠାରେ ବିଶେଷଜ୍ଞ ଡଃ ରମେଶ ଚନ୍ଦ୍ର ପାଠକ,ଡଃ ଭାବନା ନାଗପୁରି, ଡଃ ଶିବାଙ୍ଗି ରଥ, ଡଃ ଶ୍ରୀତମ ସାହୁ,ଡଃ ପ୍ରଶାନ୍ତ କୁମାର ଦାସ ଦନ୍ତ ଚିକିତ୍ସକ,ଦେବ ଦୂଲ୍ଲଭ ସିଂ ଫାର୍ମାସିଷ୍ଟ ,ମୀନା କୁମାର ବାଗ ଏ ଏନ୍ ଏମ୍ ପ୍ରମୁଖ ଚିକିତ୍ସା ସୁବିଧା ଯୋଗାଇ ଦେଇଥିଲେ।

## ଗଙ୍ଗାଧର ସାରସ୍ୱତ ସମିତି ତରଫରୁ ସିନାପାଲିରେ ମଧୁବାବୁ ଜୟନ୍ତୀ ଅନୁଷ୍ଠିତ

ସିନାପାଲି ୨୯/୪ (ନି.ପ୍ର): ନୂଆପଡ଼ା ଜିଲ୍ଲା ସିନାପାଲିର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ଗଙ୍ଗାଧର ସାରସ୍ୱତ ସମିତି ତରଫରୁ ସ୍ଥାନୀୟ ସ୍ୱର ସଙ୍ଗମ କଳା ପରିଷଦ ପରିସରରେ ସୋମବାର ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପବିତ୍ର ଜନ୍ମଜୟନ୍ତୀ ଉତ୍ସବ ପାଳନ କରାଯାଇଛି। ଏନେଇ ରବୀଂଦ୍ରନାଥ ଯୋଷୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବରିଷ୍ଠ ଶିକ୍ଷାବିତ ଚିନ୍ତାମଣି ସାହୁ, ମୁରଲୀଧର ସା, କୁମୁଦ ବନ୍ଧୁ ଯୋଷୀ ପ୍ରମୁଖ ନିଜ ନିଜ ବକ୍ତବ୍ୟ ମାଧ୍ୟମରେ ମଧୁବାବୁଙ୍କ ଆଦର୍ଶତା ରେ ଅନୁପ୍ରାଣିତ ହେବାକୁ ଆହ୍ୱାନ କରିଥିଲେ । ଆରମ୍ଭରେ ସାରସ୍ୱତ ସମିତି ସଭାପତି ବୈଷ୍ଣବ ମେହେର ସମସ୍ତଙ୍କୁ ସ୍ୱାଗତ କରିଥିବା ସହ ସଭାର ଆଭିମୂଖ୍ୟ ପ୍ରଦାନ କରିଥିଲେ । ଏହା ପରେ ମଧୁବାବୁଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ ସହ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା। ଏ ଅବସରରେ କଣ୍ଠଶିଳ୍ପୀ ନିକୁଞ୍ଜ ବିହାରୀ ସା ମଧୁବାବୁଙ୍କ ରଚିତ ସଙ୍ଗୀତ ଗାନ କରିଥିଲେ । ଏହି ଅବସରର ସମିତିର ସଂପାଦକ ତରୁଣ କୁମାର ମେହେର ମଂତ୍ରପାଠ କରିଥିଲେ । ଏ ଅବସରରେ ପହଲଗାମ ଆତଙ୍କବାଦୀ ଆକ୍ରମଣରେ ମୃତକଙ୍କ ଅମରଆତ୍ମାର ସଦଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା ।ଅନ୍ୟମାନଙ୍କ ମଧ୍ୟରେ ତ୍ରିନାଥ ମେହେର, ପ୍ରଦ୍ୟୁମ୍ନ ଚୁମାର ସିଂହ ଚିନ୍ଦା, ଡିସମ୍ବର ମେହେର, ପ୍ରେମାନନ୍ଦ ମେହେର, ଗୌତମ ମେହେର, ହରେକୃଷ୍ଣ ମେହେର, ରଶ୍ମିରଞ୍ଜନ ସା, ବଂଶୀଧର ଜଗତ, ମନୋଜ ଜଗତ ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ପରେଶନାଥ ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ।

# ଓପିଏସ୍‌ସି ଓ ଓଏସ୍‌ଏସ୍‌ସି ପରୀକ୍ଷା ବିଭ୍ରାଟ ପ୍ରସଙ୍ଗରେ ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ପ୍ରତିକ୍ରିୟା

ଭୁବନେଶ୍ୱର/କଟକ,୨୯/୪: ଓପିଏସ୍‌ସି ଓ ଓଏସ୍‌ଏସ୍‌ସି ଦ୍ୱାରା ପରିଚାଳିତ ଦୁଇଟି ପୃଥକ ପରୀକ୍ଷାରେ ବିଭ୍ରାଟ ଦେଖା ଦେବା ପରେ ଏନେଇ ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି, ଏହି ଘଟଣାର ସଂପୃକ୍ତ ବିଭାଗ ତଦନ୍ତ କରିବ। ଦୋଷୀଙ୍କୁ ଛଡ଼ାଯିନାହିଁ। ଏହାଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସୂଚନାଯୋଗ୍ୟ, ଓଡ଼ିଶା ଷ୍ଟାଫ୍ ସିଲେକ୍ସନ୍ କମିସନ୍ (ଓଏସ୍‌ଏସ୍‌ସି) ଗତକାଲି ୨୧ଟି ଏସ୍‌ଆଇ ଟ୍ରାଫିକ ପଦବି (ଗ୍ରୁପ୍ ବି), ୧୦ଟି ଏସ୍‌ଆଇ ଏକ୍ସାଇଜ୍ ପଦବି (ଗ୍ରୁପ୍ ସି) ପାଇଁ ମିଳିତ ଲିଖିତ ପରୀକ୍ଷା ଥିଲା। ଏଥିପାଇଁ ହଜାର ହଜାର ପରୀକ୍ଷାର୍ଥୀ ରାଜ୍ୟର ସମସ୍ତ ଜିଲ୍ଲା ମୁଖ୍ୟାଳୟରେ ହୋଇଥିବା ପରୀକ୍ଷା କେନ୍ଦ୍ରକୁ ଆସି ପରୀକ୍ଷା ଦେଇଥିଲେ। ହେଲେ ଏଥିରେ ଯେଉଁ ସବୁ ବିଷୟରେ ପ୍ରଶ୍ନ ଆସିବା କଥା ନଆସି ଅନ୍ୟ ବିଷୟରେ ପ୍ରଶ୍ନ ପଡ଼ିଥିଲା। ଯାହାକୁ ନେଇ ସମସ୍ତ ପରୀକ୍ଷା କେନ୍ଦ୍ରରେ ଉତ୍ତେଜନା ଦେଖାଦେଇଥିଲା। ପରୀକ୍ଷାରେ ହୋଇଥିବା ତ୍ରୁଟି ନେଇ ଓଏସ୍‌ଏସ୍‌ସି କର୍ତ୍ତୃପକ୍ଷ ସ୍ୱୀକାର କରିଥିଲେ ହେଁ ଏହାକୁ ବାତିଲ୍ କରିନାହାନ୍ତି। ବରଂ ଅତି ଚାଲାକିର ସହ କହିଛନ୍ତି ଯେ ଆଉ ଏକ ପରୀକ୍ଷା କରିବାର ବିକଳ୍ପ ଉପରେ ଆୟୋଗ ବିଚାର କରୁଛନ୍ତି। ପରୀକ୍ଷାର୍ଥୀମାନେ କହିଛନ୍ତି ଯେ ପୂର୍ବରୁ ନିଯୁକ୍ତି ନେଇ ଯେତେବେଳେ ବିଜ୍ଞାପନ ବାହାରିଥିଲା, ସେଥିରେ ଯେଉଁସବୁ ବିଷୟ ଉପରେ ପ୍ରଶ୍ନପତ୍ର ପଡ଼ିବ ବୋଲି ପାଠ୍ୟକ୍ରମ ଜରିଆରେ କୁହାଯାଇଥିଲା ତାହା ଆଜିର ପରୀକ୍ଷାରେ ଦେଖିବାକୁ ମିଳିନଥିଲା। ଇଂରାଜୀ, ଓଡ଼ିଆ ସମ୍ବନ୍ଧରେ କୌଣସି ପ୍ରଶ୍ନ ନଥିଲା। ବରଂ ସିଜିଏଲ୍‌ରୁ ପ୍ରଶ୍ନ ପଡ଼ିଥିଲା। ଏନେଇ ଅଭିଯୋଗ କରିଥିଲେ ବି କେହି ଶୁଣିଲେନି। ପରୀକ୍ଷାରେ ବିଭ୍ରାଟ ହେବା ଜାଣିବା ପରେ ଓଏସ୍‌ଏସ୍‌ସି ପକ୍ଷରୁ ଏକ ସୂଚନା ଜାରି କରି କୁହାଯାଇଛି ଯେ ଆଜି ବିଭିନ୍ନ ପଦବିର ମିଳିତ ନିଯୁକ୍ତି ପରୀକ୍ଷାର (ମୁଖ୍ୟ) ପ୍ରଶ୍ନପତ୍ରରେ ପାଠ୍ୟକ୍ରମର କିଛି ଅଂଶରୁ ପ୍ରଶ୍ନ ପଚରାଯାଇନଥିଲା। ଆୟୋଗ ତ୍ରୁଟିକୁ ସ୍ୱୀକାର କରି ଦୁଃଖ ପ୍ରକାଶ କରୁଛନ୍ତି ଏବଂ ପ୍ରତିକାରମୂଳକ ପଦକ୍ଷେପ ନେବାକୁ ପ୍ରତିବଦ୍ଧ। ଅବଶିଷ୍ଟ ଅଂଶ ଯଥା ସାଧାରଣ ଇଂରାଜୀ, ଓଡ଼ିଆ ଭାଷା, ସାଧାରଣ ଅଧ୍ୟୟନର କିଛି ଅଂଶକୁ ଅନ୍ତର୍ଭୁକ୍ତ କରି ଆଉ ଏକ ପରୀକ୍ଷା କରିବାର ବିକଳ୍ପ ଉପରେ ଆୟୋଗ ବିଚାର କରୁଛନ୍ତି। ପରୀକ୍ଷାରେ ଉପସ୍ଥିତ ପରୀକ୍ଷାର୍ଥୀମାନେ ମେ ୪, ୨୦୨୫ ପୂର୍ବରୁ ossc.od@nic.in ଇମେଲ୍ ମାଧ୍ୟମରେ ପ୍ରତିକାରମୂଳକ ପଦକ୍ଷେପ ପାଇଁ ପରାମର୍ଶ ଦେଲେ ଏହାକୁ ବିଚାର କରାଯିବ। ଓଡ଼ିଶା ଷ୍ଟାଫ୍ ସିଲେକ୍ସନ୍ କମିସନ୍ (ଓଏସ୍‌ଏସ୍‌ସି)






ଗତକାଲି ୨୧ଟି ଏସ୍‌ଆଇ ଟ୍ରାଫିକ ପଦବି (ଗ୍ରୁପ୍ ବି), ୧୦ଟି ଏସ୍‌ଆଇ ଏକ୍ସାଇଜ୍ ପଦବି (ଗ୍ରୁପ୍ ସି) ପାଇଁ ମିଳିତ ଲିଖିତ ପରୀକ୍ଷା ଥିଲା। ଏଥିପାଇଁ ହଜାର ହଜାର ପରୀକ୍ଷାର୍ଥୀ ରାଜ୍ୟର ସମସ୍ତ ଜିଲ୍ଲା ମୁଖ୍ୟାଳୟରେ ହୋଇଥିବା ପରୀକ୍ଷା କେନ୍ଦ୍ରକୁ ଆସି ପରୀକ୍ଷା ଦେଇଥିଲେ। ହେଲେ ଏଥିରେ ଯେଉଁ ସବୁ ବିଷୟରେ ପ୍ରଶ୍ନ ଆସିବା କଥା ନଆସି ଅନ୍ୟ ବିଷୟରେ ପ୍ରଶ୍ନ ପଡ଼ିଥିଲା। ଯାହାକୁ ନେଇ ସମସ୍ତ ପରୀକ୍ଷା କେନ୍ଦ୍ରରେ ଉତ୍ତେଜନା ଦେଖାଦେଇଥିଲା। ପରୀକ୍ଷାରେ ହୋଇଥିବା ତ୍ରୁଟି ନେଇ ଓଏସ୍‌ଏସ୍‌ସି କର୍ତ୍ତୃପକ୍ଷ ସ୍ୱୀକାର କରିଥିଲେ ହେଁ ଏହାକୁ ବାତିଲ୍ କରିନାହାନ୍ତି। ବରଂ ଅତି ଚାଲାକିର ସହ କହିଛନ୍ତି ଯେ ଆଉ ଏକ ପରୀକ୍ଷା କରିବାର ବିକଳ୍ପ ଉପରେ ଆୟୋଗ ବିଚାର କରୁଛନ୍ତି। ପରୀକ୍ଷାର୍ଥୀମାନେ କହିଛନ୍ତି ଯେ ପୂର୍ବରୁ ନିଯୁକ୍ତି ନେଇ ଯେତେବେଳେ ବିଜ୍ଞାପନ ବାହାରିଥିଲା, ସେଥିରେ ଯେଉଁସବୁ ବିଷୟ ଉପରେ ପ୍ରଶ୍ନପତ୍ର ପଡ଼ିବ ବୋଲି ପାଠ୍ୟକ୍ରମ ଜରିଆରେ କୁହାଯାଇଥିଲା ତାହା ଆଜିର ପରୀକ୍ଷାରେ ଦେଖିବାକୁ ମିଳିନଥିଲା। ଇଂରାଜୀ, ଓଡ଼ିଆ ସମ୍ବନ୍ଧରେ କୌଣସି ପ୍ରଶ୍ନ ନଥିଲା। ଓଡ଼ିଶା ପବ୍ଲିକ୍ ସର୍ଭିସ୍ କମିସନ୍(ଓପିଏସ୍‌ସି) ପକ୍ଷରୁ ଆୟୋଜିତ ଓଡ଼ିଶା ସିଭିଲ୍ ସର୍ଭିସ୍ ପରୀକ୍ଷାରେ ଆନ୍‌ଥ୍ରୋପୋଲଜିର ପେପର-୧ ଓ ପେପର-୨ ପ୍ରଶ୍ନପତ୍ର ଅଦଳବଦଳ ହୋଇଯାଇଛି। ଓଡ଼ିଶା ଲୋକ ସେବା ଆୟୋଗ(ଓପିଏସ୍‌ସି) ପକ୍ଷରୁ ଓଡ଼ିଶା ସିଭିଲ୍ ସର୍ଭିସ୍ ମେନ୍ ଲିଖିତ ପରୀକ୍ଷା-୨୦୨୩ର ଅପ୍‌ସନାଲ୍ ପେପର୍ (ଆନ୍‌ଥ୍ରୋପୋଲଜି-୧ ଓ ୨) ଆଜି ଥିଲା। ସକାଳ ୯ଟାରୁ ୧୨ଟା ପେପର-୧ ଓ ୨ଟାରୁ ୫ଟା ପେପର-୨ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ପେପର୍‌ ୧ ପ୍ରଶ୍ନପତ୍ର ଖୋଲିବା ପରେ ଏଥିରେ ପେପର-୨ ବିଷୟବସ୍ତୁ ଆଧାରିତ ପ୍ରଶ୍ନ ରହିଥିଲା। ଆୟୋଗ ପକ୍ଷରୁ ପରୀକ୍ଷା ଚାଲୁ ରଖିବାକୁ ନିଷ୍ପତ୍ତି ହୋଇଥିଲା। ଏ ନେଇ ପରୀକ୍ଷାର୍ଥୀଙ୍କୁ ମଧ୍ୟ ଅବଗତ କରାଯାଇଥିଲା। କିନ୍ତୁ ପରେ ପେପର-୨ରେ ପେପର-୧ର ବିଷୟବସ୍ତୁ ଆଧାରିତ ପ୍ରଶ୍ନପତ୍ର ରହିଥିବା ଦେଖିବାକୁ ମିଳିଥିଲା। ଏ ନେଇ ଓପିଏସ୍‌ସି ପକ୍ଷରୁ ପ୍ରାର୍ଥୀଙ୍କୁ ଅବଗତ କରିବା ସହିତ ପରୀକ୍ଷା ଦେବାକୁ ପରାମର୍ଶ ଦିଆଯାଇଥିଲା। ଏଭଳି ଅବ୍ୟବସ୍ଥାକୁ ନେଇ ପ୍ରାର୍ଥୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଛି।

## ପାରାଦୀପରେ ଭୟାବହ ଅଗ୍ନିକାଣ୍ଡ ଜଳିଗଲା କୋଟିକୋଟି ଟଙ୍କାର ପାଇପ୍



ଜଗତସିଂହପୁର,୨୯/୪: ପାରାଦୀପର ଜିରୋ ପଏଣ୍ଟରେ ଆଜି ଭୟାବହ ଅଗ୍ନିକାଣ୍ଡ ଘଟିଛି। ଏକ ଘରୋଇ କମ୍ପାନିର ଷ୍ଟକ୍‌ୟାର୍ଡରେ ଥିବା ପାଇପ୍ ଜଳିଯାଇଛି। ନିଆଁର ପ୍ରକୋପ ଏତେ ଥିଲା ଯେ, ବହୁ ଉଚ୍ଚକୁ ଧୂଆଁ ଉଠିଥିଲା। ବହୁ ଦୂର ଯାଏଁ ଏହି କଳା ଧୂଆଁ ଦେଖି ଲୋକ ଭୟଭୀତ ହୋଇପଡ଼ିଥିଲେ। ଖବର ପାଇ କୁଜଙ୍ଗ ଅଗ୍ନିଶମ କେନ୍ଦ୍ର ସମେତ ସମସ୍ତ କମ୍ପାନିର ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିଶମ କେନ୍ଦ୍ର ସୂଚନା ଅନୁସାରେ, ଜିରୋ ପଏଣ୍ଟ ନିକଟରେ ଟେକ୍ନୋମାଉଣ୍ଟ-ମେଟାଲ୍‌କ୍ରାଫ୍ଟ କମ୍ପାନିର ଷ୍ଟକ୍‌ୟାର୍ଡରେ ବିପୁଳ ପରିମାଣର ପାଇପ୍ ଗଦା ହୋଇଥିଲା। ଏହି ପାଇପ୍ ରିଫାଇନାରିକୁ ସମୁଦ୍ର ମଧ୍ୟରୁ ଜାହାଜରୁ ତେଲ ଆସିବାରେ ବ୍ୟବହାର ହୁଏ। ପାଇପ୍‌ଗୁଡ଼ିକ ଲୁହାର ହୋଇଥିବା ବେଳେ ସେଥିରେ କେମିକାଲ୍‌ଯୁକ୍ତ ରବର, ସିନ୍ଥେଟିକ୍ ପ୍ରଲେପ ବ୍ୟବହାର କରାଯାଇଥାଏ। ଅବ୍ୟବହୃତ ପାଇପ୍‌ଗୁଡ଼ିକ ଷ୍ଟକ୍‌ୟାର୍ଡରେ ଗଦା ହୋଇଥିଲା। ଆଜି ଅପରାହ୍ଣ ପ୍ରାୟ ୧ଟା ୪୫ରେ ହଠାତ୍ ନିଆଁ ଲାଗି ସେଗୁଡ଼ିକ ଜଳିବାକୁ ଲାଗିଥିଲା। ପାଇପ୍‌ରେ ଦହନଶୀଳ ପଦାର୍ଥ ଥିବାରୁ ଅଳ୍ପ କେଇ ମିନିଟ୍ ମଧ୍ୟରେ ପୂରା ଅଞ୍ଚଳକୁ ନିଆଁ ବ୍ୟାପୀ ଯାଇଥିଲା। ଖବର ପାଇ କୁଜଙ୍ଗ ଅଗ୍ନିଶମ ବାହିନୀର ଗୋଟିଏ ନିଆଁ ଲିଭା ଗାଡ଼ି ଓ ପମ୍ପ, ଜଗତସିଂହପୁର ଅଗ୍ନିଶମ କେନ୍ଦ୍ରର ଗୋଟିଏ ଗାଡ଼ି, ଆଇଓସିଏଲ୍‌ର ୪, ପାରାଦୀପ ବନ୍ଦର, ପିପିଏଲ୍, ଇଫ୍‌କୋ ଏବଂ ଏଏମ୍‌ଏନ୍‌ଏସ୍‌ର ଗୋଟିଏ ଲେଖାଏଁ ଗାଡ଼ି ଘଟଣାସ୍ଥଳରେ ପହଞ୍ଚିଥିଲେ। ୧୧ଟି ନିଆଁ ଲିଭା ଗାଡ଼ି ବ୍ୟବହୃତ ହୋଇଥିବା ବେଳେ ଦମକଳ ବାହିନୀକୁ ନିଆଁକୁ ଆୟତ୍ତ କରିବାକୁ ସାଢ଼େ ୩ ଘଣ୍ଟା ଲାଗି ଯାଇଥିଲା। ନିଆଁ ଲିଭାଇବା ପାଇଁ ଫୋମ୍‌ଯୁକ୍ତ ପାଣି ବ୍ୟବହାର କରାଯାଇଥିଲା। ଅପରାହ୍ଣ ୫ଟା ୧୫ରେ ନିଆଁ ଆୟତ୍ତକୁ ଆସିଥିଲା। ଅଗ୍ନିକାଣ୍ଡର କାରଣ ଏଯାଏଁ ଜଣାପଡ଼ି ନାହିଁ। ଲକ୍ ଥାନା ପୁଲିସ, ଏଡିଏମ୍(ପାରାଦୀପ) ନିରଞ୍ଜନ ବେହେରା ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରିଥିଲେ।

## ମାଡ଼ି ବସୁଛନ୍ତି ଜଙ୍ଗଲ ଜମି: ୩୩ ହଜାର ହେକ୍ଟର ଜମି ଜବରଦଖଲ

ଭୁବନେଶ୍ୱର,୨୯/୪: ଓଡ଼ିଶାରେ ଜଙ୍ଗଲ ବଢୁଛି। ୨୦୨୧ରେ ଓଡ଼ିଶାରେ ଜଙ୍ଗଲ ଆୟତନ ଯେତିକି ରହିଥିଲା ୨୦୨୩ରେ ତାହା ବୃଦ୍ଧି ପାଇଛି। ଦୁଇ ବର୍ଷ ମଧ୍ୟରେ ୧୫୧.୮୯ ବର୍ଗ କିମି ଜଙ୍ଗଲ ବୃଦ୍ଧି ହୋଇଛି। ଜଙ୍ଗଲ ଓ ଗଛ ଆଚ୍ଛାଦିତ ଅଞ୍ଚଳକୁ ହିସାବକୁ ନେଲେ ୫୫୮.୫୭ ବର୍ଗ କିମି ବଢ଼ିଛି। ସରକାରୀ ରେକର୍ଡରେ ଥିବା ଜଙ୍ଗଲ ଭିତରେ ଏହି ବୃଦ୍ଧି ପରିମାଣ ୧୧୮.୧୭ ବର୍ଗ କିମି ରହିଛି। ମିଜୋରାମ ପରେ ଓଡ଼ିଶା ଏ ଅଞ୍ଚଳରେ ଅଧିକ ପରିମାଣର ଜଙ୍ଗଲ ସୃଷ୍ଟି କରିବାକୁ ସକ୍ଷମ ହୋଇଛି। ତେବେ ରେକର୍ଡଭୁକ୍ତ ଜଙ୍ଗଲ ଭିତରେ ଓ ବାହାରେ ଜଙ୍ଗଲ ବୃଦ୍ଧିକୁ ମିଶାଇଲେ ଏହି ପରିମାଣ ୧୫୨ ବର୍ଗ କିମି ଛୁଇଁଛି। ସାମୂହିକ ଭାବେ ଜଙ୍ଗଲ ବୃଦ୍ଧି ପାଉଥିଲେ ମଧ୍ୟ ରାଜ୍ୟର ବହୁ ଜିଲ୍ଲାରେ ଜଙ୍ଗଲ ପରିମାଣ କମିଛି। ଆଦିବାସୀବହୁଳ ଦେବଗଡ଼ରେ ୧.୭୩ ବର୍ଗ କିମି, ଗଜପତିରେ ୧୧.୬୩, କଳାହାଣ୍ଡିରେ ୬୧.୯୪, କେନ୍ଦୁଝରରେ ୩୦.୯୨, ମାଲକାନଗିରିରେ ୧୨.୩୪, ନବରଙ୍ଗପୁରରେ ୨୯.୪୬, ଅନୁଗୁଳରେ ୫.୫୬, ସମ୍ବଲପୁରରେ ୩୧.୨୭ ବର୍ଗ କିମି ଜଙ୍ଗଲ କମିଛି। କେନ୍ଦ୍ର ସରକାରଙ୍କ ଜଙ୍ଗଲ ମନ୍ତ୍ରାଳୟ ପକ୍ଷରୁ ପ୍ରକାଶିତ ରିପୋର୍ଟରେ ଏଭଳି ସାଂଘାତିକ ସତ ସାମନାକୁ ଆସିଛି। ଚିନ୍ତାର ବିଷୟ ହେଉଛି, ଜଙ୍ଗଲ ଜବରଦଖଲ ଓ ନିଆଁ ଲାଗି ପୋଡ଼ିବାରେ ଓଡ଼ିଶା ଅନ୍ୟ ରାଜ୍ୟ ତୁଳନାରେ ବହୁ ଆଗରେ। ବେଆଇନ ଭାବେ ଜଙ୍ଗଲ ଜମି ଜବରଦଖଲ କରିବାରେ ସମଗ୍ର ଦେଶରେ ଓଡ଼ିଶାର ସ୍ଥାନ ପଞ୍ଚମ। ୩୩ ହଜାର ହେକ୍ଟରରୁ ଅଧିକ ଜଙ୍ଗଲ ଜମି ବେଆଇନ ଭାବେ ଦଖଲ ହୋଇଛି। ଏ କ୍ଷେତ୍ରରେ ଆସାମ ପ୍ରଥମ ସ୍ଥାନରେ ରହିଛି। ଆସାମରେ ୩ଲକ୍ଷ ୭୭ ହଜାର ହେକ୍ଟର ଜଙ୍ଗଲ ଜମି ଜବରଦଖଲ ହୋଇଥିବା ବେଳେ ଏହା ପଛକୁ ମଧ୍ୟପ୍ରଦେଶରେ ୫୪ ହଜାର ୧୭୩



ହେକ୍ଟର, ଅରୁଣାଚଳ ପ୍ରଦେଶରେ ୫୩,୪୫୦ ହେକ୍ଟର ଏବଂ ଆନ୍ଧ୍ରପ୍ରଦେଶରେ ୩୪,୩୫୮ ହେକ୍ଟର ଜଙ୍ଗଲ ଜମି ବେଆଇନ ଭାବେ ଜବରଦଖଲ ହୋଇଛି। ଓଡ଼ିଶାରେ ଜବରଦଖଲ ହୋଇଥିବା ଜଙ୍ଗଲ ଜମିର ପରିମାଣ ୩୩,୧୫୪.୧୯ ହେକ୍ଟର ରହିଛି। ପଡ଼ୋଶୀ ପଶ୍ଚିମବଙ୍ଗରେ ୧୦,୨୧୪ ହେକ୍ଟର, ଝାଡ଼ଖଣ୍ଡରେ ୨୯ହଜାର ହେକ୍ଟର, ଛତିଶଗଡ଼ରେ ୭,୬୪୫ ହେକ୍ଟର, ତେଲେଙ୍ଗାନାରେ ୨୦୦୪ ହେକ୍ଟର ଜଙ୍ଗଲ ଜମି ଜବରଦଖଲ ହୋଇଛି। ତେବେ ଗୋଆ, ପୁଡୁଚେରୀ ଓ ଲାକ୍ଷାଦ୍ୱୀପରେ କୌଣସି ଜଙ୍ଗଲ ଜମି ବେଆଇନ ଭାବେ ଜବରଦଖଲ ହୋଇ ନାହିଁ। ଭାରତୀୟ ଜଙ୍ଗଲ ଆଇନ୍ ୧୯୨୭, ବନ୍ୟଜନ୍ତୁ ସୁରକ୍ଷା ଆଇନ୍ ୧୯୭୨, ଜଙ୍ଗଲ ସୁରକ୍ଷା ଆଇନ୍ ୧୯୮୦ ବଳରେ ରାଜ୍ୟ ସରକାର ବେଆଇନ ଜବରଦଖଲକୁ ମୁକୁଳାଇ ପାରିବେ। କେନ୍ଦ୍ର ସରକାର ଏ ନେଇ ବାରମ୍ବାର ରାଜ୍ୟଗୁଡ଼ିକୁ ଚିଠି ଲେଖିବା ସହ ଜଙ୍ଗଲର ସୁରକ୍ଷା, ବିକାଶ ଓ ଜବରଦଖଲ ଉଚ୍ଛେଦ ପାଇଁ ଆର୍ଥିକ ସହାୟତା ଯୋଗାଇ ଦେଉଛନ୍ତି। ତଥାପି କେ?ଣସି ସୁଫଳ ମିଳି ପାରୁ ନଥିବା ଜଣାପଡ଼ିଛି। ଜଙ୍ଗଲରେ ନିଆଁ ଲାଗିବା ଦ୍ୱାରା ବ୍ୟାପକ କ୍ଷତି ହେଉଛି। ବନ ବିଭାଗ ତଥ୍ୟ କହୁଛି, ୨୦୨୨ରେ ୮,୪୧୪ ହେକ୍ଟର, ୨୦୨୩ରେ ୯,୫୫୦ ହେକ୍ଟର ଓ ୨୦୨୪ରେ ୪,୦୬୭ ହେକ୍ଟର ଜଙ୍ଗଲ ନିଆଁରେ ଜଳିଯାଇଥିଲା। ଚଳିତ ବର୍ଷ ପ୍ରଥମ ଅଢ଼େଇ ମାସ ଅର୍ଥାତ ଜାନୁଆରି ପହିଲାରୁ ଏପ୍ରିଲ ୨୮ ମଧ୍ୟରେ ରାଜ୍ୟରେ ୪,୫୦୬.୦୫ ହେକ୍ଟର ଜଙ୍ଗଲ ବନାଗ୍ନି ଦ୍ୱାରା ପ୍ରଭାବିତ ହୋଇଥିବା ବନ ବିଭାଗ ପକ୍ଷରୁ ସୂଚନା ମିଳିଛି। ଜଙ୍ଗଲ ପ୍ରତି ମାଡ଼ି ଆସୁଥିବା ଏଭଳି ବିପଦର ମୁକାବିଲା ଦିଗରେ ଏବେଠାରୁ ପଦକ୍ଷେପ ନିଆ ନ ଗଲେ ବିପଦ ସୃଷ୍ଟି ହେବ ବୋଲି ପରିବେଶବିତ୍‌ମାନେ କହିଛନ୍ତି।

## ବିଶୃଙ୍ଖଳା ପ୍ରତି 'ଭିସୁଟ୍' କର୍ତ୍ତୃପକ୍ଷ ଶୂନ୍ୟସହନଶୀଳ: ୬ ଛାତ୍ରୀଙ୍କୁ ହଷ୍ଟେଲ୍ ଛାଡ଼ିବାକୁ ନିର୍ଦ୍ଦେଶ

ବୁର୍ଲା,୨୯/୪: ବୁର୍ଲା ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ୍)ର ଶୃଙ୍ଖଳା ଭଙ୍ଗ କରିଥିବା ଛାତ୍ରଛାତ୍ରୀଙ୍କ ବିରୋଧରେ କର୍ତ୍ତୃପକ୍ଷ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ବିଶ୍ୱବିଦ୍ୟାଳୟର ୬ ଜଣ ଛାତ୍ରୀଙ୍କୁ ହଷ୍ଟେଲ ଛାଡ଼ିବାକୁ ନିର୍ଦ୍ଦେଶ ଦେବା ସହ ମୋଟ ୧୦୦ ଜଣ ଛାତ୍ରଛାତ୍ରୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ସଂପୃକ୍ତ ଛାତ୍ରଛାତ୍ରୀଙ୍କ ଉଚ୍ଛୃଙ୍ଖଳ କାର୍ଯ୍ୟକଳାପ ବିଷୟରେ ବିଶ୍ୱବିଦ୍ୟାଳୟର ଶୃଙ୍ଖଳା କମିଟି ଦ୍ୱାରା ତଦନ୍ତ କରାଯାଇଥିଲା। ତଦନ୍ତ ରିପୋର୍ଟକୁ ଆଧାର କରି କୁଳପତି ପ୍ରଫେସର ଦୀପକ ସାହୁ ଉପରୋକ୍ତ ନିର୍ଦ୍ଦେଶ ଦେଇଛନ୍ତି। ଏଥିରେ ଗ୍ରେଡ୍ ଖସାଇବା ସହ ଆର୍ଥିକ ଦଣ୍ଡ ରହିଛି। ତତ୍‌ସହ ବିଭିନ୍ନ ବିଭାଗର ସାମାଜିକ କାର୍ଯ୍ୟରେ ନିୟୋଜିତ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। କିଛି ଛାତ୍ରଛାତ୍ରୀ ନିର୍ବାଚନ, ଚୟନ, ପ୍ରତିନିଧିତ୍ୱରୁ ବଞ୍ଚିତ ହେବା ସହ ମେଡାଲ୍, ସାର୍ଟିଫିକେଟ୍ ଓ ପୁରସ୍କାରରୁ ବଞ୍ଚିତ ରହିବେ। ସୂଚନାନୁସାରେ, ୧୩ ମାର୍ଚ୍ଚ ୨୦୨୫ରେ ପାୱାର ଚାନେଲର 'ଅଠରହଜାର' ସ୍ନାନଘାଟରେ ବୁଡ଼ି ସିଭିଲ ଇଞ୍ଜିନିୟରିଂ ବିଭାଗର ପ୍ରଥମ ବର୍ଷ ଛାତ୍ର ପ୍ରିୟାଂଶୁ ପ୍ରକାଶ ବେହେରାଙ୍କ ମୃତ୍ୟୁ ହୋଇଥିଲା। ଏହାପରେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ୭ଟି ସ୍ଥାନକୁ ନିଷେଧାଞ୍ଚଳ ଭାବରେ ଘୋଷଣା କରିଛନ୍ତି। ନିଷେଧାଜ୍ଞାକୁ ଅବମାନନା କଲେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ମଧ୍ୟ ଦିଆଯାଇଛି। ତଥାପି ଚଳିତ ମାସ ୧୪ ତାରିଖରେ ୭ ଜଣ ଛାତ୍ରୀ ଫିସରି ପଏଣ୍ଟକୁ ଗାଧୋଇବାକୁ ଯାଇଥିଲେ। ସେମାନଙ୍କ ମଧ୍ୟରୁ ଇଲେକ୍ଟ୍ରିକାଲ ଇଞ୍ଜିନିୟରିଂ ବିଭାଗର ଶେଷବର୍ଷ ଛାତ୍ରୀ ଶାଶ୍ୱତୀ ଭୋଇଙ୍କ ପାଣିରେ ବୁଡ଼ି ମୃତ୍ୟୁ ହୋଇଥିଲା। ତାଙ୍କ ସହ ଯାଇଥିବା ଅନ୍ୟ ୬ ଜଣ ଛାତ୍ରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଭାବରେ ତୁରନ୍ତ ହଷ୍ଟେଲ ଛାଡ଼ିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହିତ 'ମିସ୍ ବସନ୍ତ-୨୦୨୫' ମଧ୍ୟ ପ୍ରତ୍ୟାହାର କରାଯାଇଛି।

## ଓଡ଼ିଶାରେ 'ଆୟୁଷ୍ମାନ ଭାରତ' ଯୋଜନାରେ ପ୍ୟାକେଜ୍ ଦର ବଦଳିବ

ଭୁବନେଶ୍ୱର,୨୯/୪: ଓଡ଼ିଶାରେ 'ଆୟୁଷ୍ମାନ ଭାରତ' ଯୋଜନା ଲାଗୁ ହେବା ପରଠାରୁ ରୋଗୀ ଚିକିତ୍ସାକୁ ନେଇ ଘରୋଇ ହସ୍ପିଟାଲମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସଫ୍‌ଟୱେୟାର, ଅପରେସନାଲ୍ ଓ ପ୍ୟାକେଜ ଦର ବିରୋଧରେ ଘରୋଇ ହସ୍ପିଟାଲମାନେ ସ୍ୱର ଉଠାଇଥିଲେ। ଆଜି ରାଜ୍ୟ ସରକାର ଏହା ଉପରେ ଘରୋଇ ହସ୍ପିଟାଲର ପ୍ରତିନିଧିଙ୍କ ସହ ଆଲୋଚନା କରିଛନ୍ତି। ଯେଉଁ କେତେଗୁଡ଼ିକ ରୋଗର ଚିକିତ୍ସାର ନେଇ ପ୍ୟାକେଜ୍ ଦର କମ୍ ରହିଛି ତାହାର ସମାଧାନ କରିବା ଲାଗି ରାଜ୍ୟ ସରକାର ରାଜି ହୋଇଥିବା ଘରୋଇ ହସ୍ପିଟାଲଙ୍କ ତରଫରୁ ସୂଚନା ମିଳିଛି। ରାଜ୍ୟ ସରକାରଙ୍କ ନିଜସ୍ୱ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା(ଜିଜେଏୱାଇ) ଓ କେନ୍ଦ୍ର ସରକାରଙ୍କ 'ଆୟୁଷ୍ମାନ ଭାରତ'ର ମିଶ୍ରଣରେ ଓଡ଼ିଶାରେ ସ୍ୱାସ୍ଥ୍ୟ ସେବା ସୁବିଧା ଦିଆଯାଉଛି। ଚଳିତ ମାସ ୧୧ ତାରିଖରୁ ଏହି ଯୋଜନାର ଶୁଭାରମ୍ଭ ହୋଇଥିବା ବେଳେ ବିଭିନ୍ନ ସମସ୍ୟା ପାଇଁ ଘରୋଇ ହସ୍ପିଟାଲରେ ରୋଗୀ ଚିକିତ୍ସାରେ ହ୍ରାସ ଦେଖିବାକୁ ମିଳିଥିଲା। ଏବେ ଯଦିଓ ଏଥିରେ କିଛିଟା ସୁଧାର ଆସିଛି ତଥାପି ସଂପୂର୍ଣ୍ଣ ଭାବେ ସମସ୍ୟାର ସମାଧାନ ହୋଇପାରିନାହିଁ। ବର୍ତ୍ତମାନ ଘରୋଇ ହସ୍ପିଟାଲରେ ଦୈନିକ ୫ହଜାର ରୋଗୀ ଆୟୁଷ୍ମାନ ଭାରତ ଯୋଜନାରେ ଚିକିତ୍ସା ପାଉଥିବା ସୂଚନା ମିଳିଛି। ଆଜି ରାଜ୍ୟ ସ୍ୱାସ୍ଥ୍ୟ ଆଶ୍ୱାସନା ସମିତି(ସାସ୍)ର ଅଧିକାରୀଙ୍କ ନିକଟରେ ଘରୋଇ ହସ୍ପିଟାଲର ପ୍ରତିନିଧି ସେମାନଙ୍କ ରହିଥିବା ଦାବି ଉପସ୍ଥାପନ କରିଥିଲେ। ଦାବି ଭିତରେ ରହିଛି, ପ୍ୟାକେଜ ଦର ଅତିକମ୍‌ରେ ୩୦% ବୃଦ୍ଧି, ପେସ୍‌ମେକର, ମେରୁଦଣ୍ଡ ଜନିତ ରୋଗ ପାଇଁ ରହିଥିବା ଇମ୍ପ୍ଲାଣ୍ଟର ଦରକୁ ବଢ଼ାଯାଉ। ଆୟୁଷ୍ମାନ ଭାରତ ସଫ୍ ?ଟୱେୟାରଟି ଅତ୍ୟନ୍ତ ଧିମା। ରୋଗୀ ସେବା ଆବଶ୍ୟକ ସମୟରେ ଏହା ସମସ୍ୟା ସୃଷ୍ଟି କରୁଛି। ଆଇସିୟୁ-କ୍ରିଟିକାଲ କେୟାର ସମୟରେ ରୋଗୀଙ୍କ ଆଙ୍ଗୁଠିଛାପ ନେବା ପାଇଁ ଯେଉଁ ପ୍ରାବଧାନ ରହିଛି, ତାହା ବଦଳରେ ପରିବାର ଲୋକଙ୍କ ଆଙ୍ଗୁଠିଛାପ ବ୍ୟବସ୍ଥା ଆଦି ଉପରେ ଘରୋଇ ହସ୍ପିଟାଲ ପକ୍ଷରୁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଅଲ୍ ଓଡ଼ିଶା ଘରୋଇ ହସ୍ପିଟାଲ ଏଷ୍ଟାବ୍ଲିସମେଣ୍ଟ ଫୋରମ୍‌ର ସଂପାଦକ ଇନ୍ଦ୍ରମଣି ଜେନା କହିଛନ୍ତି, ସଫ୍‌ଟୱେୟାର ସମସ୍ୟାର ସମାଧାନ ହୋଇଥିବା ସରକାର କହିଛନ୍ତି। ତେବେ ପ୍ୟାକେଜ୍ ଦରକୁ ନେଇ ଘରୋଇ ହସ୍ପିଟାଲମାନେ ଯେଉଁ ଚିନ୍ତା ପ୍ରକଟ କରିଥିଲେ ତାହାର ସମାଧାନ ପାଇଁ ଆଉ ୨-୩ ଥର ବୈଠକ ବସିବ। ଏସବୁର ସମାଧାନ କରାଯିବ ବୋଲି 'ସାସ୍' କର୍ତ୍ତୃପକ୍ଷ ରାଜି ହୋଇଛନ୍ତି।




## ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ

# ମଧୁସୂଦନ ଥିଲେ ଓଡ଼ିଶାର ପ୍ରଥମ ସ୍ୱପ୍ନଦ୍ରଷ୍ଟା

ଭୁବନେଶ୍ୱର,୨୯/୪: ମଧୁବାବୁ ଥିଲେ ଓଡ଼ିଶାର ପ୍ରଥମ ସ୍ୱପ୍ନଦ୍ରଷ୍ଟା, ଯିଏ ଓଡ଼ିଆ ଜାତିର ଅସ୍ମିତା ଓ ସ୍ୱାଭିମାନକୁ ଜାଗ୍ରତ କରିଥିଲେ। ମଧୁବାବୁଙ୍କ ଦେହାବସାନ ପରେ ୧୯୩୬ରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ହୋଇ ତାଙ୍କର ସ୍ୱପ୍ନ ସାକାର ହୋଇଥିଲା। ୨୦୩୬ରେ ଗଠନ ହେବ ସମୃଦ୍ଧ ଓଡ଼ିଶା। ସେତେବେଳେ ମଧୁବାବୁଙ୍କ ଆଉ ଏକ ସ୍ୱପ୍ନ ସାକାର ହେବ। ତାହାହିଁ ହେବ ଉତ୍କଳ ଗୌରବଙ୍କ ପ୍ରତି ଓଡ଼ିଆ ଜାତିର ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି। ଆଜି ସୂଚନା ଓ ଲୋକସମ୍ପର୍କ ବିଭାଗ ଆନୁକୂଲ୍ୟରେ ଜୟଦେବ ଭବନ ଠାରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କର ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଯେଉଁ ଅସ୍ମିତା ପାଇଁ ଆଜି ଆମେ ଗୌରବ ଅନୁଭବ କରୁଛୁ ତାର ମୂଳ ଉଦ୍ୟୋକ୍ତା ହେଉଛନ୍ତି ମଧୁବାବୁ। ସେ ଥିଲେ ସ୍ୱାଭିମାନୀ ପୁରୁଷ, ଓଡ଼ିଆ ଜାତିର ଗର୍ବ ଓ ଗୌରବର ପ୍ରତୀକ। ମୁଖ୍ୟମନ୍ତ୍ରୀ ପୁଣି କହିଥିଲେ ଯେ, ମଧୁବାବୁ ଥିଲେ ସବୁ କ୍ଷେତ୍ରରେ ପ୍ରଥମ। ସେ ଥିଲେ ପ୍ରଥମ ଓଡ଼ିଆ ଗ୍ରାଜୁଏଟ୍, ପ୍ରଥମ ଓଡ଼ିଆ ବିଦେଶ ପଢୁଆ ଓକିଲ, ପ୍ରଥମ ଓଡ଼ିଆ ଶିଳ୍ପପତି... ଏମିତି ଅନେକ କ୍ଷେତ୍ରରେ ସେ ଥିଲେ ପ୍ରଥମ। ଓଡ଼ିଶାରେ ଏକ ନୂତନ ରାଜନୈତିକ ଚେତନା ସୃଷ୍ଟି କରି ଓଡ଼ିଆ ଜାତିର ସ୍ୱାର୍ଥ ଓ ସ୍ୱାଭିମାନ ରକ୍ଷା କରିବା ପାଇଁ ସେ ସାରା ଜୀବନ ସଂଗ୍ରାମ କରିଥିଲେ ବୋଲି



ସେ କହିଥିଲେ। ସେ ପୁଣି କହିଥିଲେ ଯେ, ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ପାଇଁ ମଧୁବାବୁ ଉତ୍କଳ ସମ୍ମିଳନୀ ଗଠନ କରିଥିଲେ। ସ୍ୱତନ୍ତ୍ର ଓଡ଼ିଶା ଗଠନ ପାଇଁ ଏକାଧିକ ବାର ଲଣ୍ଡନ ଯାତ୍ରା କରି ବ୍ରିଟିଶ ସରକାରଙ୍କ ନିକଟରେ ବଳିଷ୍ଠ ଯୁକ୍ତି ଉପସ୍ଥାପନ କରିଥିଲେ। ସମସ୍ତ ଓଡ଼ିଆ ଭାଷାଭାଷୀ ଅଞ୍ଚଳର ଏକତ୍ରୀକରଣ, କୁଟୀର ଶିଳ୍ପର ବିକାଶ ସହିତ କୃଷି, ବାଣିଜ୍ୟ, ଶିକ୍ଷା ସଂସ୍କୃତି ସବୁ କ୍ଷେତ୍ରରେ ଏକ ନୂତନ ଜାଗରଣ ସୃଷ୍ଟି କରିବା ପାଇଁ ଉତ୍କଳ ସମ୍ମିଳନୀ ଥିଲା ତାଙ୍କ ପାଇଁ ସବୁଠାରୁ ବଡ଼ ପ୍ଲାଟଫର୍ମ। ବର୍ତ୍ତମାନର ସରକାର ପୂଜ୍ୟପୂଜା ପରମ୍ପରାରେ ବିଶ୍ୱାସ କରନ୍ତି ବୋଲି ମତ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ପୂର୍ବ ସରକାର କେବଳ ଲୋକ ଦେଖାଣିଆ କାମ କରୁଥିଲେ। ଆଜି ରାଜ୍ୟ ସରକାର ଉତ୍କଳ ଦିବସକୁ ମଧୁବାବୁଙ୍କ ଜନ୍ମମାଟି ସତ୍ୟଭାମାପୁରରେ ପାଳନ କରି ପୂଜ୍ୟପୂଜା ପରମ୍ପରାକୁ ଏକ ନୂଆ ସ୍ତରକୁ ଆଣିଛନ୍ତି। ମଧୁବାବୁଙ୍କ ଜନ୍ମପୀଠକୁ ଓଡ଼ିଆ ଜାତୀୟତାର କେନ୍ଦ୍ରସ୍ଥଳ ଭାବେ ବିକଶିତ କରିବା ପାଇଁ କାମ ଆରମ୍ଭ ହୋଇଛି। ଜନ୍ମପୀଠର ବିକାଶ ପାଇଁ ୨୧ କୋଟି ଟଙ୍କା ବିନିଯୋଗରେ ବିଭିନ୍ନ ପ୍ରକଳ୍ପ ନିର୍ମାଣ ଆରମ୍ଭ ହୋଇଛି। ସ୍ମୃତିପୀଠ ଓ ଜନ୍ମପୀଠର ବିକାଶ ପାଇଁ ଆହୁରି ଅଧିକ ଟଙ୍କା ବିନିଯୋଗ କରାଯିବ। ଏଥିପାଇଁ ଆଉ ଥରେ ବିସ୍ତୃତ ପ୍ରକଳ୍ପ ରିପୋର୍ଟ (DPR) ପ୍ରସ୍ତୁତ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ଏହା ସହିତ ମଧୁବାବୁଙ୍କ ସ୍ମୃତି ସହିତ ଜଡ଼ିତ ଉତ୍କଳ ଟ୍ୟାନେରୀକୁ ଏକ କୀର୍ତ୍ତିସ୍ତମ୍ଭ ଭାବେ ବିକଶିତ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ଗଠନ ପାଇଁ ସମଗ୍ର ଓଡ଼ିଆ ଜାତି ପ୍ରତିଶ୍ରୁତିବଦ୍ଧ ବୋଲି ମତ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ମଧୁବାବୁଙ୍କ ଜନ୍ମପୀଠରେ ଆମେ ଏଥିପାଇଁ ସଂକଳ୍ପ ନେଇଥିଲୁ । ଏବଂ ସେଥିପାଇଁ ତିନୋଟି ଶକ୍ତି- ଅସ୍ମିତା, ଉଚ୍ଚାଶା ଓ ଅବିଶ୍ରାନ୍ତ ଉଦ୍ୟମ ପ୍ରୟୋଗ କରିବା ପାଇଁ ଶପଥ ନେଇଥିଲୁ। ସବୁ ଜିନିଷ ଇଚ୍ଛାଶକ୍ତି ଉପରେ ନିର୍ଭର କରେ। ଅର୍ଥ ଥାଇପାରେ ବା ନଥାଇ ପାରେ, କିନ୍ତୁ ଇଚ୍ଛାଶକ୍ତି ଥିଲେ ସବୁ ସମ୍ଭବ ହୋଇପାରିବ। ଆଜି ଓଡ଼ିଆ ଜାତି ସମସ୍ତେ ଏକମନ, ଏକପ୍ରାଣ ହୋଇ ମଧୁବାବୁଙ୍କ ଆଦର୍ଶରେ ସମୃଦ୍ଧ ଓଡ଼ିଶା ଗଠନ କରିବା ପାଇଁ ଏକ୍ ?ଜୁଟ ହେଲେ ଓଡ଼ିଶା ନିଶ୍ଚିତ ଭାବରେ ଭାରତ ବର୍ଷର ଶ୍ରେଷ୍ଠ ରାଜ୍ୟ ଭାବେ ସୁନାମ ଅର୍ଜନ କରିବ ଏଥିରେ ସନ୍ଦେହ ନାହିଁ। ମୁଖ୍ୟବକ୍ତା ଭାବେ ବିଶିଷ୍ଟ ସ୍ତମ୍ଭକାର ଦାଶ ବେନହୁର ଯୋଗଦେଇ କହିଥିଲେ ଯେ ମଧୁବାବୁଙ୍କୁ ସ୍ମରଣ କରିବା ଅର୍ଥ ହେଉଛି, ଓଡ଼ିଆ ଅସ୍ମିତା ଜାଗରଣକୁ ସ୍ମରଣ କରିବା। ଓଡ଼ିଆ ମାଟିରେ ଜନ୍ମ ନେଇଥିବା ସର୍ବଶ୍ରେଷ୍ଠ ବ୍ୟକ୍ତିତ୍ୱ ହେଉଛନ୍ତି ଉତ୍କଳଗୌରବ ମଧୁସୂଦନ। ଓଡ଼ିଆ ଅସ୍ତିତ୍ୱ ରକ୍ଷା ପାଇଁ ସେ ନିଜର ସର୍ବସ୍ୱ ଜଳାଞ୍ଜଳି ଦେଇଥିଲେ। ଓକିଲାତି ପାଠକୁ ସେ ନିୟୋଜିତ କରିଥିଲେ ଅନ୍ୟାୟ ବିରୁଦ୍ଧରେ ଲଢେଇ କରିବାପାଇଁ। ଉତ୍କଳ ଟ୍ୟାନେରୀ, ଓଡ଼ିଶା ଆର୍ଟୱେୟାର ଏବଂ ଉତ୍କଳ ସମ୍ମିଳନୀ ହେଉଛି ମଧୁବାବୁଙ୍କ ଜୀବନର ତିନୋଟି କୀର୍ତ୍ତିସ୍ତମ୍ଭ ବୋଲି ସେ କହିଥିଲେ । ଅନ୍ୟତମ ଅତିଥି ତଥା ଶ୍ୟାମାପ୍ରସାଦ ମୁଖାର୍ଜୀ ଫାଉଣ୍ଡେସନର ଉପଦେଷ୍ଟା ଶ୍ରୀ ଗୋଲକ ପ୍ରସାଦ ମହାପାତ୍ର କହିଥିଲେ ଯେ ମଧୁବାବୁଙ୍କ ଜୀବନ ବୃତ୍ତାନ୍ତ ଏବଂ ଓଡ଼ିଶା ପାଇଁ ଅବଦାନ ଅବିସ୍ମରଣୀୟ। ଓଡ଼ିଆ ଜାତିର ଉତ୍‌ଥାନ ପାଇଁ ସେ ସର୍ବଦା ଲଢେଇ ଜାରି ରଖିଥିଲେ । ଆଜି ଆମେ ଯଦି ଓଡ଼ିଆ ଜାତି, ଭାଷା, ସାହିତ୍ୟ ଓ ଅସ୍ମିତାକୁ ସୁରକ୍ଷିତ ରଖିପାରିବା ତେବେ ତାହା ହେବ ମଧୁବାବୁଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି। ଏକାମ୍ର ବିଧାୟକ ଶ୍ରୀ ବାବୁ ସିଂହ କହିଥିଲେ ଯେ ଆମ ସରକାର ମଧୁବାବୁଙ୍କ କୀର୍ତ୍ତି ଓ ଅସ୍ମିତାକୁ ଆଗାମୀ ପିଢି ପାଖରେ ପହଞ୍ଚାଇବା ପାଇଁ ସମସ୍ତ ଉଦ୍ୟମ ଜାରି ରଖିବେ। ସଭା ପରେ ଭୁବନେଶ୍ୱର ଲାବଣ୍ୟ ଥିଏଟର ପକ୍ଷରୁ ମଧୁବାବୁଙ୍କ ଅବଦାନ ସଂପର୍କିତ ନାଟକ 'ନିଶୀଥ ସୂର୍ଯ୍ୟ' ପରିବେଷଣ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କଳାକାର ଓ ନିର୍ଦ୍ଦେଶକଙ୍କୁ ସମ୍ବର୍ଦ୍ଧିତ କରିଥିଲେ । କାର୍ଯ୍ୟକ୍ରମରେ ସୂଚନା ଓ ଲୋକସଂପର୍କ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀ ସଂଜୟ କୁମାର ସିଂହ ସ୍ୱାଗତ ଭାଷଣ ଦେଇଥିଲେ ଏବଂ ନିର୍ଦ୍ଦେଶକ ଶ୍ରୀ ଦେବ ପ୍ରସାଦ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ ।

PRINTED, PUBLISHED & Owned by Gitanjali Nanda, Printed at janjali Devi PRESS, Plot no- 131, Rajarani Nagar, Bhubaneswar-751014, Khordha, Odisha & Published at : Plot No- 2033, Keutasahi P.O- Old Town, P.s-Lingaraj, Bhubaneswar, 751002, Dist- Khordha, Odisha (Odisha) MobNo.-9337673884, ) E-mail : jagannathexpress1972@gmail.com

Editor - Balaram prasad Nanda | Mananging Editor- Sarangdhar Senapati | ସଂପାଦକ- ବଳରାମ ପ୍ରସାଦ ନନ୍ଦ